# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 5/2025 Page 14 ₹ 7.00

୫୧ଶ ଭାଗ ୩୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 309 ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୫/୨୦୨୫ | Bhubaneswar, Sunday, October 5/2025 | ପୃଷ୍ଠା-୧







# ଫିଟୁଛି ଗୁମର, ବଢୁଛି ସନ୍ଦେହ

ଓଡ଼ିଶା ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି। ଏଥିରେ ଅନେକ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଘରୋଇ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କେଉଁ ଉଦ୍ଦେଶ୍ୟରେ ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା, ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ଦିଆଯାଇଥିବାବେଳେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ଶନିବାର ଜରୁରୀ ବୈଠକ କରିଛନ୍ତି। ସେପଟେ ଏହି ଘଟଣାର ଅନ୍ୟତମ ମଧ୍ୟସ୍ଥ କଟକ ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା(୨୯)ଙ୍କୁ ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଶ୍ୱରଞ୍ଜନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୧୧୮ରେ ପହଞ୍ଚିଛି। ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ଏପରିକି ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଓରିଜିନାଲ୍ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ ବୋଲି ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଏବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି।

## ଏସ୍ଆଇ ପରୀକ୍ଷା ଜାଲିଆତି

- କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭାଙ୍କୁ ତଦନ୍ତ ଦାୟିତ୍ୱ
- ଓପିଆର୍‌ବି ଅଧ୍ୟକ୍ଷ ଡାକିଲେ ଜରୁରୀ ବୈଠକ
- ବନ୍ଧାହେଲେ ମଧ୍ୟସ୍ଥ ବିଶ୍ୱରଞ୍ଜନ

**ଭୁବନେଶ୍ୱର/କଟକ/ବ୍ରହ୍ମପୁର, ୪।୧୦(ସତ୍ୟଜିତ ରାଉତ/କାର୍ତ୍ତିକ ସାହୁ/ସୁବାସ ଚନ୍ଦ୍ର ପାଢ଼ୀ)**

ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣା ଜଣାପଡ଼ିବାର ୪ ଦିନ ପରେ ଶନିବାର ଓପିଆର୍‌ବି ପକ୍ଷରୁ ବୈଠକ ଡକାଯାଇ ଏନେଇ ତନାଘନା ଆରମ୍ଭ ହୋଇଛି। ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବୋର୍ଡର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ ଘଣ୍ଟାର ବୈଠକ ପରେ ଓପିଆର୍‌ବି ଅଧ୍ୟକ୍ଷ ନାଥ ଗଣମାଧ୍ୟମକୁ କହିଛନ୍ତି, ଯାହା ଘଟଣା ଘଟିଛି ତାହା କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ସେମାନେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଏହାର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ଠିକ୍ ସମୟରେ ସ୍ୱଚ୍ଛ ଓ ଭଲ ଭାବେ ପରୀକ୍ଷା ହେବ ବୋଲି ସୁଶାନ୍ତ କହିଛନ୍ତି। ଏସ୍ଆଇ ଆଶାୟୀମାନଙ୍କୁ ବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେପଟେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦେଇଛି। ଏଥିସହ ସୁପରଭାଇଜିଂ ଅଫିସର ଭାବେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି।



ବିଶ୍ୱରଞ୍ଜନ ବେହେରା

ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ମଧ୍ୟସ୍ଥ ବିଶ୍ୱରଞ୍ଜନଙ୍କୁ ଶୁକ୍ରବାର ଗିରଫ ପରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ଆର୍) କୋର୍ଟକୁ ଚାଲାଣ କରାଯାଇଥିଲା। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଏହି ଘଟଣାରେ ମଧ୍ୟସ୍ଥ ଭାବରେ କାମ କରିବା ସହ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆଶାୟୀ ପ୍ରାର୍ଥୀଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ। ପ୍ରଶ୍ନପତ୍ର ଯୋଗାଇବାକୁ କହି ଆଶାୟୀ ପ୍ରାର୍ଥୀଙ୍କ ଠାରୁ ବିଶ୍ୱରଞ୍ଜନ ଅରିଜିନାଲ୍ ସାର୍ଟିଫିକେଟ୍ ଏବଂ ବ୍ଲାଙ୍କ୍ ଚେକ୍ ନେଉଥିଲେ। ଆଶାୟୀମାନଙ୍କ ଠାରୁ ନେଉଥିବା କାଗଜପତ୍ରଗୁଡ଼ିକୁ ସେ ସିଣ୍ଡିକେଟର ଅନ୍ୟ ସଦସ୍ୟଙ୍କୁ ଦେଉଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଥିବା କ୍ରାଇମବ୍ରାଞ୍ଚ କହିଛି। ତେବେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଏସ୍ଆଇ ଆଶାୟୀମାନେ ପ୍ରତିବାଦ କରିଥିବା ବେଳେ ଶନିବାର କଟକ ବିଶ୍ୱନାଥ ପଣ୍ଡିତ ପାଠାଗାର ସମ୍ମୁଖରେ ବହୁ ଆଶାୟୀ ଧାରଣା ଦେଇଥିଲେ। ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଶୀଘ୍ର ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ଏହି ଘଟଣାରେ ଓପିଆର୍‌ବି ଅଧିକାରୀଙ୍କ ହାତ ଥିବା ଅଭିଯୋଗ ଆସୁଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ପ୍ରଶ୍ନ ଉଠିଛି। ଏସ୍ଆଇ ପରୀକ୍ଷାର ପ୍ରଥମେ ଲିଖିତ, ଦ୍ୱିତୀୟ ପର୍ଯ୍ୟାୟରେ ଶାରୀରିକ ଏବଂ ଶେଷରେ ମୌଖିକ ପରୀକ୍ଷା ହୋଇଥାନ୍ତା। ଲିଖିତ ପରୀକ୍ଷା କରିବାକୁ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିବାବେଳେ ଓପିଆର୍‌ବି ଶାରୀରିକ ଓ ମୌଖିକ ପରୀକ୍ଷା କରିଥାନ୍ତା। ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବାକୁ ୨୫ ଲକ୍ଷର ଡିଲ୍ ହୋଇଥିବା କୁହାଯାଉଥିବାବେଳେ ଏଥିରେ କାହାର ଭାଗ କେତେ ସେନେଇ ଚର୍ଚ୍ଚା ହେଉଛି। ଏହି ଘଟଣାରେ ବଡ଼ ପୋଲିସ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଥିବା ବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେରା କରିବ କି ନାହିଁ ପ୍ରଶ୍ନ ଉଠିଛି। ତେବେ ଏହି ଜାଲିଆତି ଘଟଣାରେ ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଏହାର ମୁଖ୍ୟ ଶଙ୍କର ପୃଷ୍ଟି ଫେରାର ଅଛନ୍ତି।

# ୩ ଦିନର ଶିଶୁକନ୍ୟା ବିକ୍ରି

## ମା' ବାପା ଫେରାର

**ବାସୁଦେବପୁର, ୪।୧୦ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବଡ଼ମଲିକସାହି ଗ୍ରାମରେ ଏକ ୩ ଦିନର ଶିଶୁକନ୍ୟାଙ୍କୁ ତାଙ୍କ ବାପା ବିକ୍ରି କରିଦେଇଥିବା କୁହାଯାଉଛି। ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ କର୍ମଚାରୀ ବଡ଼ମଲିକସାହିରେ ଏହାର ତଦନ୍ତ କରିଛନ୍ତି। ☞ପୃଷ୍ଠା-୨







No.T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା06.10.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0196/2526


# ଗିଲ୍ ଦିନିକିଆ କ୍ରିକେଟ ଅଧିନାୟକ

**ଅହମଦାବାଦ,୪।୧୦(ପି.ଟି.)**

ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ୍ ଲାଗି ଶନିବାର ଘୋଷିତ ଭାରତୀୟ ଦଳରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଭାରତୀୟ ଚୟନକର୍ତ୍ତା ଭେଟେରାନ ଓପନର ରୋହିତ ଶର୍ମାଙ୍କ ବଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦେଇଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ରୋହିତ ଦ୍ୱିତୀୟ ଅଧିନାୟକ ଭାବେ ୩ ଆଇସିସି ହ୍ୱାଇଟ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ରୋହିତଙ୍କ ନେତୃତ୍ୱରେ ଦଳ ଗତ ବର୍ଷ ଟି୨୦ ବିଶ୍ୱକପ୍ ଓ ଚଳିତ ବର୍ଷ ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫି ଜିତିବା ସହ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିଲା। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦିନିକିଆ ଦଳ ୫୬ରୁ ୪୨ ମ୍ୟାଚ୍ ଜିତିଥିଲା। ଏହାର ଅର୍ଥ ତାଙ୍କ ନେତୃତ୍ୱରେ ଦଳର ବିଜୟ ହାର ୭୬ ପ୍ରତିଶତ ଥିଲା, ଯାହାକି ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବାଧିକ। ତେବେ ଘୋଷିତ ୧୫ ଜଣିଆ ଦଳରେ ରୋହିତ ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ☞ପୃଷ୍ଠା-୨



ଶୁବମନ ଗିଲ୍

# ଜୀବନ ନେଉଛି କଫ୍ ସିରପ୍

## କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକର ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ/ଭୋପାଳ/ଭୁବନେଶ୍ୱର, ୪।୧୦(ପି.ଟି./ରଏଟର୍ସ/ସୁନିତ୍ ମିଶ୍ର)**

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନକଲି କଫ୍ ସିରପ୍ ଖାଇ ଅନ୍ୟୂନ ୧୦ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରକଙ୍କ ଚେତା ପଶିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଡ୍‌ଭାଇଜରି ଜାରି କରିବା ପରେ ୬ ରାଜ୍ୟର ୧୯ଟି କଫ୍ ସିରପ୍ ମାନୁଫାକ୍ଟରିଂ ୟୁନିଟ୍ ଉପରେ ଚଢ଼ାଉକରି ତଦନ୍ତ ଆରମ୍ଭ କରିଥିବା ଶନିବାର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ ସୂଚନା ଦିଆଯାଇଛି। କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ବିପଜ୍ଜନକ ମାତ୍ରାରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) ଥିବା ଜଣାପଡ଼ିଛି। ଏହି ରାସାୟନିକ ପଦାର୍ଥ ଅନୁମୋଦିତ ମାତ୍ରରୁ ଅଧିକ ପରିମାଣର ରହିଲେ ତାହା ଛୋଟପିଲାଙ୍କ କିଡ୍‌ନୀ ସଂକ୍ରମଣର କାରଣ ସାଜୁଥିବା କୁହାଯାଉଛି। ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର ରାଜ୍ୟରେ କୋଲ୍ଡ୍‌ରିଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି। ଓଡ଼ିଶାରେ ମଧ୍ୟ ନକଲି କଫ୍ ସିରପ୍ ବିକ୍ରି ଉପରେ କଡ଼ା ନଜର ରଖାଯାଇଥିବା ରାଜ୍ୟ ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକ ଶନିବାର ସୂଚନା ଦେଇଛନ୍ତି। ବିଶେଷକରି ବରଗଡ଼ ଜିଲାକୁ ଗତ ଅଗଷ୍ଟରେ ପଠାଯାଇଥିବା ୧୩୦ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ସେଗୁଡ଼ିକ ବ୍ୟବହାର ହୋଇ ନ ଥିଲା ବୋଲି ସେ କହିଛନ୍ତି। ☞ପୃଷ୍ଠା-୨




### ଆଜିର ମନ୍ତବ୍ୟ

"ଆର୍‌ଜେଡି ଶାସନ କାଳରେ ବିହାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବହୁ ସଂଖ୍ୟାରେ ବିହାରୀ ଯୁବକ ବାହାର ରାଜ୍ୟକୁ ଚାଲିଯିବାର ଏହା ମୁଖ୍ୟ କାରଣ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ନିର୍ମାଣ ହେବ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ

**ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)**

ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ଏହା ଲୋକସେବା ଭବନ ପାଖପାଖି ସ୍ଥାନରେ ଖୋଲିବାକୁ ଯାଉଛି। ଏଥିପାଇଁ ସ୍ଥାନ ନିରୂପଣ ସରିଥିବା ବେଳେ ସଫେଇ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ପକ୍ଷରୁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଶନିବାର ସୂଚନା ଦେଇ ମନ୍ତ୍ରୀ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ମାନବାଧିକାର କ୍ଷୁଣ୍ଣ**

# ମଦ ଉପରେ ୨୦% ଗୋ ଶୁଳ୍କ

**ଯୋଧପୁର, ୪।୧୦**

ରାଜସ୍ଥାନର ଯୋଧପୁରସ୍ଥିତ ପାର୍କ ପ୍ଲାଜା ହୋଟେଲ ଜିଓଫ୍ରେ ବାର୍‌ର ଏକ ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିଲ୍‌ରେ ମଦ ପାଇଁ ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟାକ୍ସ (ଜିଏସ୍‌ଟି) ଏବଂ ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ) ବ୍ୟତୀତ ୨୦% ଅତିରିକ୍ତ କାଓ ସେସ୍ ବା ଗୋ ଶୁଳ୍କ ଆଦାୟ କରାଯାଇଛି। ଗୋ ସୁରକ୍ଷା ଏବଂ ଗୋ ଆଶ୍ରୟସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଏହି କାଓ ସେସ୍ ଆଦାୟ କରାଯାଇଛି। ଗତ ସେପ୍ଟେମ୍ବର ୩୦ରେ ଜିଓଫ୍ରେ ବାର୍‌ରେ ଜଣେ ଗ୍ରାହକ କିଛି ଆମେରିକାନ୍ କର୍ନ ଫ୍ରିଟର୍ସ ଏବଂ ୬ଟି ବିଅର ଅର୍ଡର କରିଥିଲେ। ଗ୍ରାହକଙ୍କୁ ୨,୬୫୦ ଟଙ୍କାର ବିଲ୍ ଆସିଥିବାବେଳେ ଜିଏସ୍‌ଟି, ଭାଟ୍ ଏବଂ କାଓ ସେସ୍ ବାବଦକୁ ତାଙ୍କୁ ସମୁଦାୟ ୩,୨୬୨ ଟଙ୍କା ପୈଠ କରିବାକୁ ପଡ଼ିଥିଲା। ଏହି ବିଲ୍ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପାର୍କ ପ୍ଲାଜାର ମ୍ୟାନେଜର ନିଖିଲ ପ୍ରେମ କହିଛନ୍ତି, ରାଜସ୍ଥାନ ସରକାରଙ୍କ ଆଇନ ଅନୁଯାୟୀ ମଦ ବିକ୍ରୟ ପାଇଁ ଏହି ସେସ୍ ଲାଗୁ କରିବାକୁ ରାଜ୍ୟର ସମସ୍ତ ହୋଟେଲ ଏବଂ ବାର୍ ବାଧ୍ୟ। ଏନେଇ ୨୦୧୮ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ମଦ ଉପରେ କାଓ ସେସ୍ ଲଗାଯିବା ଘଟଣାରେ କୌଣସି ନୂତନତ୍ୱ ନାହିଁ। କାଓ ସେସ୍ କେବଳ ମଦ ବିକ୍ରି ଉପରେ ଲାଗୁ ହୋଇଥାଏ, ଖାଦ୍ୟ ଉପରେ ଏହା ଲାଗୁ ହୁଏ ନାହିଁ ବୋଲି ସେ କହିଛନ୍ତି। ଆଇନ ଅନୁଯାୟୀ, ଭାଟ ପରିମାଣ ଉପରେ ୨୦% କାଓ ସେସ୍ ଲାଗୁ ହୋଇଥାଏ। ନିଖିଲ କହିଛନ୍ତି, ହୋଟେଲଗୁଡ଼ିକ ପକ୍ଷରୁ ଏହି ଅତିରିକ୍ତ ଟଙ୍କାକୁ ଗୋ ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହନ ସେସ୍ ଭାବରେ ସରକାରୀ ପୋର୍ଟାଲରେ ଅନ୍‌ଲାଇନ ଭାବେ ଜମା କରାଯାଇଥାଏ। ଅନେକ ହୋଟେଲ ସେମାନଙ୍କ ବିଲ୍‌ରେ କେବଳ ସର୍‌ଚାର୍ଜ ଲେଖି ଏହି ଶୁଳ୍କ ଆଦାୟ କରୁଥିବାବେଳେ ପାର୍କ ପ୍ଲାଜା ପକ୍ଷରୁ ଦିଆଯାଉଥିବା ବିଲ୍‌ରେ ଉକ୍ତ ଶୁଳ୍କକୁ କାଓ ସେସ୍ ଭାବେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଉଥିବା ସେ କହିଛନ୍ତି। ପ୍ରକାଶ ଯେ, ୨୦୧୮ରେ ରାଜସ୍ଥାନର ତତ୍କାଳୀନ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ସରକାର ପକ୍ଷରୁ ମଦ ବିକ୍ରି ଉପରେ କାଓ ସେସ୍ ଲଗାଇବା ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା।



Park Plaza

(A Unit of Shaina Builders Pvt Ltd.)
Jhalamand House, Airport Road, Ratanada, Jodhpur (Raj.)342011
Tel:-0291-2510500 Email :jpp@sarovarhotels.com
www.sarovarhotels.com
GSTIN :-08AABCS6751Q1ZO CIN: U45201RJ1991PTC006133
VAT NO : 08622652240, FSSAI NO. 12217032000338


GeoffreyS
GST INVOICE

Bill No. : 3084 | Table : 3A
Date&Time : 30/09/25 22:52 | Kot Nos : 2903
Steward : Ajoy | Covers : 2

| Item Name | Qty | Rate | Value |
|---|---|---|---|
| AMERICAN CORN FRITTERS | 1 | 400.00 | 400.00 |
| BUDWISER BUDW 330ML | 4 | 400.00 | 1200.00 |
| CARLSBERG 330 / 650ML CARLSB 650 | 2 | 525.00 | 1050.00 |
| Sub Total | | | 2650.00 |
| CGST @ 9.00% | | | 36.00 |
| COW CESS @ 20.00% | | | 90.00 |
| SGST @ 9.00% | | | 36.00 |
| VAT @ 20.00% | | | 450.00 |
| Sub Total | | | 0.00 |
| Net Amount | | ₹ | 3262.00 |

GUEST SIGNATURE | User ID: AJAYN | Cashier Signature
Room No :
GSTN Gst. Name :

ବିଲ୍‌ରେ ଉଲ୍ଲେଖ ଥିବା ଗୋ ଶୁଳ୍କ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ୧ ନଂ ଗେଟ୍, ସମୟ: ସକାଳ୯ଟା ୪୦।
- ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ୍ ପିସ୍ ପକ୍ଷରୁ ଆଲୋଚନା ଚକ୍ର ( ଶାନ୍ତି ଓ ସମାଜ ସେବା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭିଙ୍ଗାରପୁର ଅଞ୍ଚଳରେ ନିର୍ମିତ ମେଢ଼ ସମୂହର ଭସାଣି ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ବଜାର ଛକସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୨୨ତମ କୁମାର ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## କଟକ

- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୨୦୦୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ପାଳନ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: ଖଇରା ଶିକ୍ଷକ ଭବନ, ସମୟ: ସକାଳ ୯ଟା।
- ସହାୟକ'ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖବରଦାତା ସମ୍ମିଳନୀ ଓ ବାଲେଶ୍ୱର ମହାମଣ୍ଡଳ ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନାରୀ ନିର୍ଯାତନା ଓ ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଚନ୍ଦନେଶ୍ୱର ପବ୍ଲିକ ଲାଇବ୍ରେରୀ ହଲ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ରାବଣ ପୋଡ଼ି ଉତ୍ସବ, ସ୍ଥାନ: ଆଙ୍କୋ ରାବଣପୋଡ଼ି ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଗୁରୁ ସମ୍ମାନ ଓ ବନ୍ଧୁମିଳନ ଉତ୍ସବ, ସ୍ଥାନ: ମତୋ କଲ୍ୟାଣ ମଣ୍ଡପ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଶିଷ୍ଟ ସାହିତ୍ୟିକ ନରହରି ବେହେରା ଟ୍ରଷ୍ଟ ପକ୍ଷରୁ ୫ମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସାଂସଦ କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପାଟଣା ବ୍ଲକ କେନ୍ଦେଇପଶି ଷ୍ଟାଡିୟମ ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଡ୍ୟାନ୍ସ ଆଣ୍ଡ୍ ମେଲୋଡ଼ି ନାଇଟ୍ସ, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଇସ୍କଅଫ ଗଞ୍ଜାମ ଜିଲା ସମ୍ମିଳନୀ, ସ୍ଥାନ: ଛତ୍ରପୁର ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ

- ଆରଏସଏସ ପକ୍ଷରୁ ବିଜୟା ଦଶମୀ ପାଳନ ଉତ୍ସବ, ସ୍ଥାନ: ସିମନବାଡି ଶିବମନ୍ଦିର ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଶହୀଦ ବାଜି ରାଉତଙ୍କ ଶତବାର୍ଷିକ ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ବୁଦ୍ଧେଶ୍ୱର ମନ୍ଦିର, ଭୁବନ, ସମୟ: ସକାଳ ୬ଟା ୪୫ ।
- ଶହୀଦ ବାଜି ରାଉତ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ: ପୂର୍ବାହ୍ନ ୧୧ଟା୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ସହର ଓ ନୟାଗଡ ବ୍ଲକ କଇଥଗାଡିଆ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ପଙ୍ଗାରସିଂହ ବନାମ ଭୁବନେଶ୍ୱର ତମାଣ୍ଡୋ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ଦୁର୍ଗା ପୂଜା ଭସାଣି ଉତ୍ସବ, ସ୍ଥାନ: ଗୁଡାରି, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଭସାଣି, ସ୍ଥାନ: ଡାବୁଗାଁ, ସମୟ: ଅପରାହ୍ନ ୫ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଡିଏନ୍‌କେ କାଳିବାଡ଼ି, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ବନ ବିଭାଗର ଏକ ଦିବସୀୟ ତାଲିମ, ସ୍ଥାନ: ଚିତ୍ରକୋଣ୍ଡା ଡ୍ୟାମ ଘାଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ବୁଦ୍ଧଜୀବୀ ପକ୍ଷରୁ ସମ୍ବଲପୁରୀ ସମଲେଇ ସଂସ୍କୃତିର ବିକାଶ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସର୍କିଟ ହାଉସ ସଭାକକ୍ଷ, ସମୟ: ଅପରାହ୍ନ ୧ଟା।
- କୁଲତା ସମାଜ ଆୟୋଜନରେ ରାମଚଣ୍ଡି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ୮୧ତମ ଶ୍ରୀମଦ୍ ଭାଗବତ କଥାମୃତ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ଯୋଗୀସର୍ଡା, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ନଅଗାଁ(ଖ)ଆଗଲପୁର ବ୍ଲକ, ସମୟ : ଅପରାହ୍ନ ୨ଟା ୩୦ ।

## ରାଉରକେଲା

- ଦେଶପ୍ରେମୀ ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: କାଳୀ ମନ୍ଦିର ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା ୩୦।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦଯାତ୍ରା, ସ୍ଥାନ:ସିଭିଲଟାଉନ୍‌ଶିପ୍, ସମୟ: ସକାଳ ୮ଟା ୩୦।
- ଦୁର୍ଗାପୂଜା ଭସାଣି ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୫ଟା।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ୧୦୩ତମ ଜୟନ୍ତୀ, ସ୍ଥାନ: ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୪୫।
- ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୭ ମାର୍କେଟ କମିଟି, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ତିଲଡେଗା, ବାଲିଶଙ୍କରା, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଆନିମିଆ ଓ କ୍ୟାନସର ଚିହ୍ନଟ ଶିବିର,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସକାଳ ୯ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି

- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସକାଳ ୯ଟା।
- ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ପ୍ରଦାନ ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ସକାଶେ ଆଲୋଚନା, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହରସ୍ଥିତ ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବ୍ଲକ ଛକ ଦୁର୍ଗା ମୂର୍ତ୍ତିଙ୍କ ଭସାଣି ଉତ୍ସବ ରାଲି, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ବଞ୍ଜାରୀ ଦେବୀ ଶାରଦୀୟ ଦ୍ୱିତୀୟ ଦିବସ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରି ମନ୍ଦିର, ସମୟ: ସକାଳ ୮ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଏକାଦଶ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଲକ୍ଷ୍ମୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୭।
- ମା' ସୁନାଦେଈଙ୍କ ନୂତନ ମନ୍ଦିର (ଗୁଡ଼ି) ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ପୁରୁଣା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ୪୫।


ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା

# ରଶ୍ମିକା-ବିଜୟ ନିର୍ବନ୍ଧ

ହାଇଦ୍ରାବାଦ: ପ୍ରଶଂସକଙ୍କଠାରୁ ନ୍ୟାଶନାଲ କ୍ରଶର ଟ୍ୟାଗ୍ ପାଇଥିବା ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କର ନିର୍ବନ୍ଧ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଷ୍ଟାର୍ କପଲ୍‌ଙ୍କର ନିର୍ବନ୍ଧ ସମାରୋହ ଶୁକ୍ରବାର ଅଳ୍ପ କିଛି ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଉପସ୍ଥିତିରେ ହୋଇଛି। ତେବେ କେଉଁଠାରେ ଉକ୍ତ ନିର୍ବନ୍ଧ ଅନୁଷ୍ଠିତ ହୋଇଛି ସେ ସମ୍ପର୍କରେ ଜଣାପଡ଼ିନାହିଁ। ଆସନ୍ତା ବର୍ଷ ଫେବୃଆରୀରେ ଏହି ଷ୍ଟାର୍ ଦମ୍ପତି ପରସ୍ପରକୁ ବିବାହ କରିବେ ବୋଲି ବିଜୟଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ନିର୍ବନ୍ଧକୁ ନେଇ ରଶ୍ମିକା କିମ୍ବା ବିଜୟଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ। ରଶ୍ମିକା ଏବଂ ବିଜୟ ଅନେକ ବର୍ଷ ଧରି ପରସ୍ପରକୁ ଡେଟ୍ କରି ଆସୁଥିବା ନେଇ ସୋସିଆଲ ମିଡିଆରେ ଅନେକ ଆଲୋଚନା ହେବା ସହ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ସମ୍ପର୍କକୁ ନେଇ ଉଭୟ ବିଜୟ ଏବଂ ରଶ୍ମିକା ପୂର୍ବରୁ ଅନେକବାର କାହାରି ନାଁ ନ ନେଇ ପରୋକ୍ଷରେ ସହମତି ଜଣାଇଥିଲେ। ୨୦୧୮ରେ ରିଲିଜ୍ ହୋଇଥିବା 'ଗୀତ ଗୋବିନ୍ଦମ' ଫିଲ୍ମ ଏବଂ ୨୦୧୯ରେ ରିଲିଜ୍ ହୋଇଥିବା 'ଡିଅର କମ୍ରେଡ୍' ଫିଲ୍ମରେ ଏହି ଷ୍ଟାର୍ ଯୋଡ଼ି ଏକାଠି ନଜରକୁ ଆସିଥିଲେ। ସେବେଠାରୁ ଉଭୟେ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଆସୁଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରକ୍ଷ ରକ୍ଷକ ପତିତ ପାବନ**
**ଅନ୍ଧର ରକ୍ଷକ ବାଡ଼ି**
**ଶୀତକୁ ରକ୍ଷକ ବହଳ କମ୍ବଳ,**
**ଘରକୁ ରକ୍ଷକ ବୁଢ଼ୀ।**

ଅସହାୟ ବ୍ୟକ୍ତିର ହରି ରକ୍ଷକ ହୋଇଥାନ୍ତି। ଅନ୍ଧ ବ୍ୟକ୍ତିଙ୍କର ଚଳପ୍ରଚଳରେ ବାଡ଼ି ସୁରକ୍ଷା ଯୋଗାଇଦେଇଥାଏ। ଶୀତର ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳର ଆବଶ୍ୟକତା ପଡ଼ିଥାଏ। ସେହିପରି ସାଂସାରିକ ଅଭିଜ୍ଞତା ଦୃଷ୍ଟିରୁ ଘରର ରକ୍ଷକ ପୁରୁଖା ଲୋକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନ୍ଧାର ରାତି**
**କେହି ନ ଜାଣନ୍ତି କାହାର ଜାତି ।**

ଅନ୍ଧକାରରେ ଆଖିକୁ କିଛି ସ୍ପଷ୍ଟ ଦିଶି ନ ଥାଏ। ଅନ୍ଧାରରେ ଯେମିତି ଜଣେ ଅନ୍ୟ ଜଣକୁ ଜାଣିବା ମୁସ୍କିଲ, ଉପର ଠାଉରିଆ ଭାବେ ସେମିତି ଜଣେ ଅନ୍ୟର ସ୍ୱଭାବ ଅବା ମନୋଭାବ ଠିକ ଭାବେ କଳନା କରିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶନିବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଜୀବନ ନେଉଛି କଫ୍ ...

ସେପ୍ଟେମ୍ବର ୭ରୁ ଅଦ୍ୟାବଧି ନକଲି କଫ୍ ସିରପ୍ ସେବନକରି ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡ଼ାରେ ୭ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ୩ ପିଲା ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଅଭିଯୋଗ ଆସିବା ପରେ ପ୍ରଥମେ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ତେବେ ତାମିଲନାଡୁର ସ୍ରେସାନ୍ ଫାର୍ମା ପକ୍ଷରୁ ପ୍ରସ୍ତୁତ କୋଲ୍ଡରିଫ୍ ସିରପ୍‌ରେ ଡିଇଜି ମାତ୍ରା ଅତ୍ୟଧିକ ରହିଥିବା ଯାଞ୍ଚରୁ ଜଣାପଡ଼ିଥିବା ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର ସ୍ପଷ୍ଟ କରିଛି। ଡିଇଜି ହେଉଛି ଏଭଳି ଏକ ବିଷାକ୍ତ ଉପାଦାନ, ଯାହାକୁ ଶିଳ୍ପ ଉତ୍ପାଦ ରୂପେ ବ୍ୟବହାର କରାଯାଇଥାଏ। ମଧ୍ୟପ୍ରଦେଶରେ ଉପଲବ୍ଧ କଫ୍ ସିରପ୍‌ରେ ଡିଇଜିର ମାତ୍ରା ଯାଞ୍ଚ କରିବା ପାଇଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ, ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ସିଡିଏସ୍‌ସିଓ ଏବଂ ଏମ୍ସ ନାଗପୁରର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ୍ ଛିନ୍ଦ୍‌ୱାଡ଼ା ଶିଶୁ ମୃତ୍ୟୁର ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ମଧ୍ୟ ସନ୍ଦେହ ଘେରକୁ ଆସିଥିଲା। ୨୦୨୨ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍ ସେବନକରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ପଷ୍ଟ କରିଥିଲା। ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲା।

## ନିର୍ମାଣ ହେବ ଅତ୍ୟାଧୁନିକ ...

ପୂଜାରୀ କହିଛନ୍ତି, ଭୁବନେଶ୍ୱର ମଧ୍ୟ ଭୂମିକମ୍ପ ପ୍ରବଣ ଅଞ୍ଚଳ। ଭଗବାନ କରନ୍ତୁ କିଛି ନ ହେଉ। ହେଲେ କିଛି ଯଦି ହୋଇଯାଏ ତେବେ ବର୍ତ୍ତମାନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାମ କରୁଛନ୍ତି ସେଗୁଡିକ ପ୍ରଭାବିତ ହେବେ। ତେଣୁ ସେସବୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଯେଉଁ ନୂଆ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ହେବ ତାହା ମଲ୍ଟି ଷ୍ଟୋରିଏଡ୍ ଏବଂ ଭୂତଳ ବିଲ୍ଡିଂ ହେବ। ଯଦି ଭୁବନେଶ୍ୱରରେ କେବେ ବିପର୍ଯ୍ୟୟ ଆସେ ତାକୁ କଣ୍ଟ୍ରୋଲ କଲାଭଳି ଦପ୍ତର, କଣ୍ଟ୍ରୋଲ ରୁମ୍ ରହିବ। ବିପର୍ଯ୍ୟୟ ମୁକାବିଲା ଲାଗି ଯେଉଁସବୁ ସଂସ୍ଥା କାର୍ଯ୍ୟ କରୁଛନ୍ତି ସେଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରେ ରହିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ଲୋକସେବା ଭବନ ଭିତରେ ରହିଛି। ଅଗ୍ନିଶମ ବିଭାଗ ଲୋକସେବା ଭବନଠାରୁ ୫ କି.ମି. ଆଗକୁ ପୁରୀ ରୋଡ୍‌ରେ ରହିଛି। ସେହିପରି ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଜଙ୍ଗଲ ବିଭାଗ, ପାଣିପାଗ ବିଭାଗ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମୂଳଦୁଆ କାମ କରିଥାଆନ୍ତି। ସେହିସବୁ ବିଭାଗକୁ ସମାହିତ କରି ଗୋଟିଏ

- **୨ ବର୍ଷରେ ସରିବ କାର୍ଯ୍ୟ, ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ମଞ୍ଜୁର**
- **ବିପର୍ଯ୍ୟୟ ମୁକାବିଲା କରୁଥିବା ସବୁ କାର୍ଯ୍ୟାଳୟ ଗୋଟିଏ ଜାଗାରେ ରହିବ**
- **ଲୋକସେବା ଭବନ ପାଖରେ ହେବ ଏବି ମଲ୍ଟି ଷ୍ଟୋରିଏଡ୍ , ଭୂତଳ ବିଲ୍ଡିଂ**

ସ୍ଥାନରେ କାର୍ଯ୍ୟ କରାଯିବ। ସେସବୁ ସଂସ୍ଥାର କାର୍ଯ୍ୟ ଗୋଟିଏ ଦପ୍ତରରେ ଚାଲିବ। ସେହିସବୁ ସଂସ୍ଥାର କର୍ମଚାରୀମାନଙ୍କୁ ଯୋଡ଼ିବା ଲାଗି ଆଧୁନିକ କାରିଗରିର ବ୍ୟବସ୍ଥା ରହିବ। ଜିଲାପାଳମାନଙ୍କ ସହ ବିଜୁଳି ଏବଂ ଟେଲିକମ୍ୟୁନିକେଶନ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ସେମାନଙ୍କ ସହ ଯୋଡ଼ିହେବା ଲାଗି ଆଧୁନିକ ବ୍ୟବସ୍ଥା କରାଯିବ। ସେମାନଙ୍କ ଠାରୁ ସବିଶେଷ ବିବରଣୀ ନିଆଯିବ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲାଭଳି କାର୍ଯ୍ୟାଳୟ ହେବାକୁ ଯାଉଛି। ସେହି କାର୍ଯ୍ୟାଳୟର କାମ ଶେଷ ହେବା ପାଇଁ ୨ ବର୍ଷ ସମୟ ଲାଗିବ। କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଭେଟି ଆଲୋଚନା କଲାବେଳେ ରାଜ୍ୟ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ଲାଗି ଥିବା ଅତ୍ୟାଧୁନିକ ବ୍ୟବସ୍ଥା ବିଷୟରେ କହିଥିଲେ। କେନ୍ଦ୍ର ପାଖରେ ନିଶ୍ଚିତ କିଛି ଅଧିକ ଅତ୍ୟାଧୁନିକ ବ୍ୟବସ୍ଥା ରହିଥାଇପାରେ, ସେଥିଲାଗି ତଥ୍ୟ ଦେବା ପାଇଁ ଏବଂ ସହଯୋଗ କରିବାକୁ ଅନୁରୋଧ କରିଥିଲେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ୩ ଦିନର ଶିଶୁକନ୍ୟା ...

ଏହି ଟିମ୍ ପହଞ୍ଚିବା ପୂର୍ବରୁ ଶିଶୁକନ୍ୟାଙ୍କ ବାପା ଫେରାର ହୋଇଯାଇଥିବା ବେଳେ ମା' ତାଙ୍କ ବାପଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ଗ୍ରାମକୁ ପଳାଇ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ କନ୍ୟା ସନ୍ତାନ ଥିଲା। ଗତ ୩୦ ତାରିଖରେ ଆଉ ଏକ କନ୍ୟା ସନ୍ତାନ ବାସୁଦେବପୁର ଡାକ୍ତରଖାନାରେ ଜନ୍ମ ନେଇଥିଲା। ଶିଶୁକନ୍ୟା ଜନ୍ମ ହେବା ପରେ ବ୍ୟକ୍ତିଜଣକ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିଲେ। ଏହାସହ ସେହି ଶିଶୁକନ୍ୟାଙ୍କୁ କାହାକୁ ଦେଇଦେବା ପାଇଁ ଯୋଜନା କରିଥିଲେ। ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ମହିଳାଜଣକ ଘରକୁ ଆସିବା ପରେ ଶନିବାର ଶିଶୁକନ୍ୟାଙ୍କୁ ତିହିଡ଼ି ବ୍ଲକ ପୀରହାଟ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ରାଜ୍ୟ ଶିଶୁ ସୁରକ୍ଷା ଡେସ୍କର ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଖୋଳତାଡ଼ କରିଛି। ତଦନ୍ତ ବେଳେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ କହିବା ଅନୁଯାୟୀ, ନବଜାତ ଶିଶୁର ପ୍ରାଥମିକ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଶନିବାର ତାଙ୍କ ଘରକୁ ଯାଇଥିଲେ। ହେଲେ ଶିଶୁକନ୍ୟା ଓ ତାଙ୍କ ମା' ଘରେ ନ ଥିଲେ। ଏଣୁ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେତେ ଟଙ୍କାରେ ଶିଶୁକନ୍ୟାଙ୍କୁ ବିକ୍ରି କରାଯାଇଛି ସେନେଇ ଶିଶୁ ସୁରକ୍ଷା ବିଭାଗ ତଦନ୍ତ ଆରମ୍ଭ କରିଛି। ବିଭାଗର ବାହ୍ୟ କର୍ମୀ ଦମୟନ୍ତୀ ଦାସ, ମାମଲା କର୍ମୀ ଚନ୍ଦ୍ରକାନ୍ତ ଗୋଛାୟତ, ସୁପରଭାଇଜର ଦିଗ୍‌ବିଜୟ ମହାନ୍ତି, ପରାମର୍ଶଦାତା ଲକ୍ଷ୍ମଣ କୁମାର ଜେନା ଅନୁସନ୍ଧାନ କରିଛନ୍ତି। ଶିଶୁକନ୍ୟାଙ୍କ ମା' ବାପା ଅନୁପସ୍ଥିତ ଥିବାରୁ ଘଟଣାର ତଦନ୍ତ ଆଗେଇ ପାରି ନ ଥିବାବେଳେ ସମସ୍ତ ଦିଗକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ବିଭାଗର ବାହ୍ୟ କର୍ମୀ ଦାସ କହିଛନ୍ତି।

## ଗିଲ୍ ଦିନିକିଆ କ୍ରିକେଟ ...

ପରିବର୍ତ୍ତନ ସମ୍ପର୍କରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି ଯେ, ନେତୃତ୍ୱରେ ପରିବର୍ତ୍ତନ କରାଯିବା ପୂର୍ବରୁ ରୋହିତଙ୍କୁ ଯୋଗାଯୋଗ କରାଯାଇଥିଲା। ଆମେ ଅଧିକ ଦିନିକିଆ ମ୍ୟାଚ୍ ଖେଳୁନାହୁଁ। ଦଳର ନେତୃତ୍ୱ ସମ୍ଭାଳିବାକୁ ଯାଉଥିବା ପରବର୍ତ୍ତୀ ଖେଳାଳିଙ୍କୁ ବିଶ୍ୱକପ୍ ପୂର୍ବରୁ ଯଥେଷ୍ଟ ସମୟ ଦିଆଯିବା ଦରକାର, ଯାହା ଫଳରେ ସେ ପ୍ରସ୍ତୁତ ହୋଇପାରିବେ। ନେତୃତ୍ୱରେ ପରିବର୍ତ୍ତନ କରିବା ଏକ କଷ୍ଟକର ନିଷ୍ପତ୍ତି ଥିଲା। ରୋହିତ ଅଧିନାୟକ ଭାବେ ଚାମ୍ପିୟନ୍ସ ଟ୍ରଫି ଜିତି ନ ଥିଲେ ମଧ୍ୟ ତାଙ୍କୁ ବଦଳାଇବା ନିଷ୍ପତ୍ତି ନେବା କଷ୍ଟକର ହୋଇଥାନ୍ତା। କିନ୍ତୁ ବେଳେବେଳେ ତୁମକୁ ଆଗକୁ ଦେଖିବାକୁ ପଡ଼େ। ଦଳର ହିତ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଗ୍ୟାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମରେ ପଛକୁ ଫେରିବେ ନାହିଁ। କିନ୍ତୁ ଚତୁର୍ଥାଧିପତି ପାପାକ୍ରାନ୍ତ ଯୋଗୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହି ନ ପାରେ। ସାମାଜିକ ଜୀବନରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବାର ଆଶା ରହିଛି।

**ବୃଷ**
ପରିବାରରେ ମତଭେଦ କିମ୍ବା ଅସୁସ୍ଥତା ଭଳି ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ବିଶେଷ ଖର୍ଚ୍ଚାନ୍ତ ହୋଇପାରନ୍ତି। ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନଥିବା ଜିନିଷଟି ଆଜି ଆଣିବେ। ଦୀର୍ଘଦିନରୁ ରହିଥିବା ବ୍ୟାଙ୍କ କିମ୍ବା ସୋସାଇଟିର ଋଣ ପରିଶୋଧ କରିବାରେ ସଫଳ ହେବେ।

**ମିଥୁନ**
ଆଜି ପରିସ୍ଥିତିବଶତଃ ଆପଣଙ୍କୁ ନିଜର ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଦେବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ବିଭିନ୍ନ ସମସ୍ୟା ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେବେ।

**କର୍କଟ**
କାର୍ଯ୍ୟଭାରର ବୋଝ ଆପଣଙ୍କୁ ଅତିଷ୍ଠ କରିପାରେ। ନୂତନ ସ୍ଥାନ, ନୂଆ କାମ, ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ନିଜକୁ ସାମାନ୍ୟ ସଂକୁଚିତ ବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ଯୋଗୁ ବିତର୍କର ଆଶଙ୍କା ରହିଛି।

**ସିଂହ**
ଈର୍ଷା ଓ ଅସୂୟାଜନିତ ଅନ୍ୟମାନେ ପଛରେ ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ମନ କଥା ଅପ୍ରକାଶ୍ୟ ରହିଯାଇପାରେ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇବାରୁ କ୍ଷୋଭ ପ୍ରକାଶ କରିବେ। ନିର୍ମାଣାଧୀନ କାର୍ଯ୍ୟ, ପ୍ରତିଯୋଗିତା, ଆନୁଷ୍ଠାନିକ କାମରେ ପ୍ରଶଂସା ସାଉଁଟିବେ।

**କନ୍ୟା**
କାର୍ଯ୍ୟଦକ୍ଷତା ସାଙ୍ଗକୁ ଶାଳୀନତାପୂର୍ଣ୍ଣ ବ୍ୟବହାର ଯୋଗୁ ସାମାଜିକ ପ୍ରତିଷ୍ଠା ଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଯାହା ବିଷୟରେ ଆଲୋଚନା କରୁଥିବେ, ତାହାକୁ ନିକଟରେ ଦେଖି ହଡ଼ବଡ଼େଇ ଯିବେ। ଆଜିର ଯାତ୍ରା, ସଭାସମିତି, ପ୍ରଶାସନ ଓ ରାଜନୈତିକ ସ୍ଥିତି ସନ୍ତୋଷଜନକ ରହିବ।

**ତୁଳା**
କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡ଼କୁ ଅଙ୍ଗୁଳି ଉଠାଇପାରେ। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବାର ସୂଚନା ରହିଛି। ରାଜନୀତି, ନିର୍ମାଣ ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଆଲୋଚନାରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମ ସକାଶେ କୌଣସି ଅସୁବିଧା ରହିବ ନାହିଁ।

**ବିଛା**
ଆଜିର କର୍ମକ୍ଷେତ୍ର, ଆର୍ଥିକ ସ୍ଥିତି, ସଭାସମିତି, ପ୍ରଶାସନ ଓ ଜମିଜମା କାରବାର ପାଇଁ ଦିନଟି ଭଲ। ଭଲ ପଡୁନଥିବା ନିଜ ପରିସରର ଲୋକ ଅପଯଶ ଗାଇ ବୁଲିପାରନ୍ତି। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ ହୋଇ ଦ୍ୱନ୍ଦ୍ୱରେ ପଡ଼ିବେ। ଅବଶ୍ୟ ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକ ପ୍ରକାର ଖୁସି ରହିବ।

**ଧନୁ**
ଆର୍ଥିକ ସ୍ଥିତି ମଜଭୁତ ରହିବ। ଦୁଃସାହସିକ ପଦକ୍ଷେପ କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ହଟାଇଦେବ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମାଲି ମକଦ୍ଦମାରେ ବିଳମ୍ବଜନିତ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। କଚେରି ମାମଲାରେ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯିବାର ସୂଚନା ରହିଛି।

**ମକର**
କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବନ୍ଧୁଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବେ। ବନ୍ଧୁମାନଙ୍କ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ।

**କୁମ୍ଭ**
ଆଜି ସମସ୍ୟାର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆଶ୍ୱସ୍ତି ଲାଭ କରିବେ। ପାରସ୍ପରିକ ଆଲୋଚନାରେ ବିବାଦୀୟ ଘଟଣା ଅମୀମାଂସିତ ରହିଯାଇପାରେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହେବାର ପୂର୍ଣ୍ଣ ସୂଚନା ରହିଛି। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟା ଆପଣାଛାଏଁ ସୁଧୁରି ଯିବାରୁ ଆଶ୍ୱସ୍ତି ଲାଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ। କିନ୍ତୁ ବନ୍ଧୁଙ୍କ ସହାୟତାରେ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ।

ଆଜି ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଦିବା ଘ.୦୮।୦୦ମି. ଗତେ ପୂର୍ବଭାଦ୍ର/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ ଘ.୦୧।୦୩ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୯ ଗତେ ଘ.୦୫।୨୭ ମଧ୍ୟେ ରାହୁକାଳ ।।

## ବିଜେଡି ଛାଡ଼ିଲେ ଅନ୍ତର୍ଯାମୀ ଗମାଙ୍ଗ



ପାରଳାଖେମୁଣ୍ଡି,୪ା୧୦(ଗିରିଧାରୀ ପରିଚ୍ଛା): ୨୦୨୪ ସାଧାରଣ ନିର୍ବାଚନରେ ମୋହନାର ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅନ୍ତର୍ଯାମୀ ଗମାଙ୍ଗ ଶନିବାର ବିଜେଡି ଛାଡ଼ିଛନ୍ତି। ସେ ନିଜ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଉଥିବା ପ୍ରଦତ୍ତ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିବା ବେଳେ ବିଜେଡିରେ ବିଶୃଙ୍ଖଳା ଯୋଗୁ ଦଳରୁ ଇସ୍ତଫା ଦେବାକୁ ପଡିଲା ବୋଲି କହିଛନ୍ତି। ଅନ୍ତର୍ଯାମୀ ୨୦୦୯ରେ ଭାଜପାରୁ ମୋହନା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ମାତ୍ର ୨୦୧୪ରେ ସେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ଯୋଗଦାନ ପରେ ମୋହନାରେ ବିଜେଡି ସଶକ୍ତ ହୋଇଥିଲା। ତାଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ୨୦୨୪ରେ ଅନ୍ତର୍ଯାମୀ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ସେ ଜିତି ପାରି ନ ଥିଲେ। ସେ ୨୦୧୭ରୁ ୨୦୧୯ ଯାଏ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ଥିଲେ।





ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ନଡ୍ଡା, ରାଧାକ୍ରିଷ୍ଣନ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪ା୧୦(ସୁନିତ୍ ମିଶ୍ର)

**ସାଙ୍ଗଠନିକ ବିଷୟ ଓ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିବା କହିଲେ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତାଙ୍କର ଦିନିକିଆ ନୂଆଦିଲ୍ଲୀ ଗସ୍ତ ଶେଷକରି ସନ୍ଧ୍ୟା ସୁଦ୍ଧା ଓଡ଼ିଶା ଫେରି ଆସିଛନ୍ତି। ପୂର୍ବରୁ ତାଙ୍କର ୨ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଏହି ଅବସରରେ ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟକରି କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା। ଏହି ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆଗକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଅବସରରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଉପସ୍ଥିତ ଥିଲେ। କିଛିଦିନ ହେବ ଦଳର ସାଙ୍ଗଠନିକ ନିଯୁକ୍ତି, ବୋର୍ଡ ଓ ନିଗମରେ ନିଯୁକ୍ତି ,ଏହା ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ହୋଇଆସୁଛି। ତେଣୁ ଏହିସବୁ କାର୍ଯ୍ୟ କରିବା ଉପରେ କିଛି ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଏହି ଦିନିକିଆ ଗସ୍ତ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ରାଜ୍ୟର ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସମ୍ପର୍କିତ ବହି ପ୍ରଦାନ କରି ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିବା କଥା କହିଛନ୍ତି। ଉପରାଷ୍ଟ୍ରପତିଙ୍କ ପ୍ରେରଣା ଓ ମାର୍ଗଦର୍ଶିକା ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମଧ୍ୟ ବିଜୟପାଲ ସାଙ୍ଗରେ ଯାଇଥିଲେ।

# ୧,୦୮୫ଟି ଦୁର୍ଗାମେଢ଼କୁ ୭.୦୧ କୋଟି ଅନୁଦାନ ମିଳିବ

ଭୁବନେଶ୍ୱର,୪ା୧୦ (ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ପ୍ରଥମଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଗୁଡିକୁ ଆର୍ଥିକ ଅନୁଦାନ ଦିଆଯିବ। ଏଥିପାଇଁ ୧,୦୮୫ଟି ଦୁର୍ଗାମେଢ଼ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏ ବାବଦକୁ ମୋଟ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଦୁର୍ଗାମେଢ଼ଗୁଡିକୁ ୩ ବର୍ଗରେ ବିଭକ୍ତ କରାଯାଇ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ। 'କ' ବର୍ଗରେ ଥିବା ଐତିହ୍ୟସମ୍ପନ୍ନ ୨୧୫ଟି ଦୁର୍ଗାମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଲେଖାଏ ମୋଟ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। 'ଖ' ବର୍ଗରେ ଥିବା ୭୫ ବର୍ଷ ପୁରୁଣା ୧୯୭ଟି ମେଢ଼କୁ ୭୫ହଜାର ଟଙ୍କା ଲେଖାଏ ମୋଟ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। 'ଗ' ବର୍ଗରେ ଥିବା ୫୦ ବର୍ଷ ପୁରୁଣା ୬୭୩ଟି ମେଢ଼କୁ ୫୦ହଜାର ଟଙ୍କା ଲେଖାଏ ମୋଟ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ।

# 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ରେ ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର,୪ା୧୦(ବନ୍ଦନା ସେଠୀ)

'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଜାତୀୟସ୍ତରରେ ଓଡ଼ିଶା ଅଗ୍ରଣୀ ରହିବା ସହ ବହୁବିଧ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶଂସା ହାସଲ କରିଛି। ମହିଳାଙ୍କ ସ୍ୱାସ୍ଥ୍ୟ ମାଧ୍ୟମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଯାଏ ଚାଲିଥିବା ଏହି ଅଭିଯାନ ଅଂଶଗ୍ରହଣ, ସ୍କ୍ରିନିଂ ଏବଂ ଗୋଷ୍ଠୀ ସମ୍ପୃକ୍ତିରେ ମାନଦଣ୍ଡ ସ୍ଥାପନ କରିଛି। ସମସ୍ତ ଗ୍ରାମୀଣ ଓ ସହରାଞ୍ଚଳରେ ଆରୋଗ୍ୟ ମନ୍ଦିର, ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୫ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି, ଯାହା ଦେଶରେ ଦ୍ୱିତୀୟ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିରରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷାଗୁଡ଼ିକରେ ୧୨ଲକ୍ଷ ରକ୍ତଚାପ ସ୍କ୍ରିନିଂ, ୧୨.୨ ଲକ୍ଷ ମଧୁମେହ ସ୍କ୍ରିନିଂ, ୩.୨ଲକ୍ଷ ମୁଖ କର୍କଟ ସ୍କ୍ରିନିଂ, ୩.୩ଲକ୍ଷ ସ୍ତନକର୍କଟ ସ୍କ୍ରିନିଂ, ୪୦ହଜାର ଗର୍ଭାଶୟ କର୍କଟ ସ୍କ୍ରିନିଂ, ୬.୫ଲକ୍ଷ କିଶୋରୀ ଝିଅଙ୍କ ମାସିକଧର୍ମ ସ୍ୱଚ୍ଛତା ସ୍କ୍ରିନିଂ ଉପରେ ପରାମର୍ଶ ଅନ୍ତର୍ଭୁକ୍ତ ଥିଲା। ଏହାବ୍ୟତୀତ ବିଭିନ୍ନ ଜିଲାରେ ଆୟୋଜିତ ୫୨୩ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମାଧ୍ୟମରେ ୩୨,୮୬୫ ରକ୍ତ ୟୁନିଟ ସଂଗ୍ରହ କରାଯାଇଛି।

**■ ୧ କୋଟିରୁ ଅଧିକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଦେଶରେ ଦ୍ୱିତୀୟ ସର୍ବାଧିକ**

**■ ୮୫ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚତୁର୍ଥ ସ୍ଥାନ ହାସଲ**

ଜାତୀୟ ଡାଟା ପୋର୍ଟାଲ ଅନୁଯାୟୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ଉଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ସହିତ ଓଡ଼ିଶାର ସଫଳତା ଉଚ୍ଚ ରହିଛି। ମୋଟ ଶିବିର ଓ ସ୍କ୍ରିନିଂରେ ମଧ୍ୟପ୍ରଦେଶ ଆଗରେ ଥିବାବେଳେ ଓଡ଼ିଶା ଲିଙ୍ଗ–ସମ୍ବେଦନଶୀଳ ପ୍ରସାର ଏବଂ କିଶୋର ସ୍ୱାସ୍ଥ୍ୟ ପଦକ୍ଷେପରେ ଭଲ ପ୍ରଦର୍ଶନ କରିଛି। କର୍କଟ ସ୍କ୍ରିନିଂ ଏବଂ ମାସିକ ରକ୍ତସ୍ରାବ ପରିଚ୍ଛନ୍ନତା ପରାମର୍ଶରେ ସଫଳତା ଓଡ଼ିଶାକୁ ଅନେକ ବଡ଼ ରାଜ୍ୟ ତୁଳନାରେ ଆଗରେ ରଖିଥିବା ନେଇ ସୂଚନା ରହିଛି।

# ସହଯୋଗର ଗୁରୁତ୍ୱ

ଶିକ୍ଷକମାନଙ୍କର ସମାଜ ପ୍ରତି ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏଥିସକାଶେ ସେମାନଙ୍କୁ ସମ୍ମାନିତ କରିବା ପାଇଁ ୧୯୯୪ରେ ଅକ୍ଟୋବର ୫ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ଭାବରେ ପାଳନ ଲାଗି ୟୁନେସ୍କୋ ଘୋଷଣା କରିଥିଲା। ପୃଥିବୀର ୧୦୦ ରୁ ଅଧିକ ଦେଶ ଉକ୍ତ ଦିନ ବିଶ୍ୱ ଶିକ୍ଷକ ଦିବସ ପାଳନ କରିଆସୁଛନ୍ତି। ଆମ ଦେଶରେ ମହାନ୍ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ (ସେପ୍ଟେମ୍ବର ୫)କୁ ଗୁରୁ ଦିବସ ଭାବରେ ପାଳନ କରାଯାଉଛି। ତେବେ ଚଳିତ ବର୍ଷ ବିଶ୍ୱ ଶିକ୍ଷକ ଦିବସ ଲାଗି ବିଷୟବସ୍ତୁ ରହିଛି 'ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତି ଭାବରେ ପୁନଃ ସ୍ଥାପନ କରିବା'। ଏହା ଶିକ୍ଷକ, ଛାତ୍ର, ସମ୍ପ୍ରଦାୟ ଓ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ ଏବଂ ସହଯୋଗର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ, ଯାହାଦ୍ୱାରା ବୃତ୍ତିଗତ ଅଭିବୃଦ୍ଧି ଓ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରାଯାଇପାରିବ।

**ଆଜି ବିଶ୍ୱ ଶିକ୍ଷକ ଦିବସ**



# ଜାନୁଆରୀ ୨୨ରୁ ୩ ଦିନିଆ କୃଷି ଓଡ଼ିଶା ୨୦୨୫–୨୬

ଭୁବନେଶ୍ୱର,୪ା୧୦(ସୁନିତ୍ ମିଶ୍ର)

କୃଷି ଓଡ଼ିଶା ୨୦୨୫–୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କୃଷି ଓଡ଼ିଶା ସମାବେଶ ଖୁବ୍ ଉତ୍ସାହର ସହ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷଠାରୁ ପ୍ରତିବର୍ଷ ଜାନୁଆରୀର ଏହିଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ। ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ। କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ର ପ୍ରଦର୍ଶନ କରାଯିବ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବ। କୃଷି ଯାନ୍ତ୍ରିକୀକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବା ଯୋଜନା ମଧ୍ୟ ରହିଛି। ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଭଉଣୀଭାଇଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକର ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି।

# ନିର୍ବାହୀ ଅଧିକାରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର

ଅନୁଗୋଳ,୪ା୧୦(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀଙ୍କୁ ପ୍ରଶଂସା କରାଯାଇଛି। ଅନୁଗୋଳ ପୌରପାଳିକାର ସଫେଇ କର୍ମଚାରୀ ଲକ୍ଷ୍ମଣ ଗୋଛାୟତଙ୍କ ଅବସର ଦିବସକୁ ନିର୍ବାହୀ ଅଧିକାରୀ ଏକ ସ୍ନେହ, ସମ୍ମାନ ଓ ଗରିମାର ସ୍ପର୍ଶ ଦେଇ ସ୍ମୃତିମୟ ଅନୁଭବରେ ପରିଣତ କରିଥିବାରୁ ବିଭାଗ ପକ୍ଷରୁ ଏହି ପ୍ରଶଂସାପତ୍ର ଜାରି କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗତ ୩ ତାରିଖରେ ଏହି ପ୍ରଶଂସାପତ୍ର ଜାରି କରିବା ସହ ସେଥିରେ ଲେଖିଛନ୍ତି, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶଙ୍କ ଏପରି ଉଦ୍ୟମ କେବଳ ଏକ ଔପଚାରିକତା ନୁହେଁ; ଏହା ଦୟା, ସମାନତା ଓ ମାନବିକ ଶାସନର ପ୍ରତୀକ। ଏହା ସମସ୍ତ ସହରର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଏକ ପ୍ରେରଣାର ସୂତ୍ର। ଏହି ଘଟଣା ମାନବିକତା ଓ ସେବାଭାବ ଆଧାରିତ ଶାସନର ଏକ ଉଦାହରଣ ହୋଇ ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ସେବା ଓ ସମ୍ମାନର ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ, ଦୀର୍ଘ ୩୧ ବର୍ଷ ଧରି ଅନୁଗୋଳ ପୌରପାଳିକାରେ ନିଷ୍ଠାପର ଭାବେ ସେବା କରିଥିବା ସଫେଇ କର୍ମଚାରୀ ଲକ୍ଷ୍ମଣଙ୍କୁ ଗତ ୩୦ ତାରିଖରେ ଏକ ନିଆରା ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିର୍ବାହୀ ଅଧିକାରୀ ତ୍ରିପାଠୀ ଏହାର ଆୟୋଜନ ସହ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଆଗାମୀ ଦିନରେ ପୁନଃ ନିଯୁକ୍ତି ଦିଗରେ ଉଦ୍ୟମ କରିବାକୁ ଆଶ୍ୱାସନା ଦେଇଥିଲେ। ଏପରି କି ଲକ୍ଷ୍ମଣଙ୍କ ଇଚ୍ଛା ପଚାରି ତାଙ୍କୁ କାର୍‌ରେ ନେଇ ଏକ ଷ୍ଟାର ହୋଟେଲରେ ଖୁଆଇବା ସହ ଘରେ ଛାଡ଼ିଥିଲେ।

**ଅନୁଗୋଳ ପୌର ସଫେଇ କର୍ମଚାରୀଙ୍କୁ ନିଆରା ଅବସର ସମ୍ବର୍ଦ୍ଧନା ଘଟଣା**



Usha Padhee, IAS

Housing and Urban Development Department
Government of Odisha

COMMENDATION

The Department proudly acknowledges the noble gesture of Shri Satya Prakash Tripathy, Executive Officer, Angul Municipality, who, on the occasion of the retirement of Sri Laxman Gochhayat, Safai Karmachari, infused the moment with warmth, dignity, and respect-transforming a routine farewell into a cherished memory.

Such an act is more than ceremonial; it is a testament to the values of compassion, inclusiveness, and humane governance. By honouring a frontline worker with genuine empathy, Shri Tripathy has reaffirmed that true leadership is reflected not only in policy and delivery, but also in the ability to recognise and celebrate human dignity at every level.

The Department commends this inspiring display of sensitivity and values-driven leadership and believes it will serve as a guiding light for officers across Urban Local Bodies-strengthening the spirit of service, humanity, and respect that defines good governance in a progressive Odisha.

Best wishes,

(Usha Padhee)

3rd Floor, Kharavel Bhavan, Bhubaneswar, Odisha

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ପ୍ରଶଂସାପତ୍ର।

# ୧୫୨ ସ୍ପେଶାଲ ସ୍କୁଲର ୮୪୫୯ ପିଲାଙ୍କ ଆଖି ପରୀକ୍ଷା ନିର୍ଦ୍ଦେଶ

ଭୁବନେଶ୍ୱର,୪ା୧୦(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ସ୍ପେଶାଲ ସ୍କୁଲ ପିଲାଙ୍କ ଆଖିର ସୁରକ୍ଷା ପାଇଁ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଚଳିତବର୍ଷ ମୋଟ ୧୫୨ଟି ସ୍ପେଶାଲ ସ୍କୁଲରେ ପଢୁଥିବା ମୋଟ ୮୪୫୯ଜଣ ପିଲାଙ୍କ ଆଖି ପରୀକ୍ଷା କରାଯିବ। ଅକ୍ଟୋବରରୁ ସମ୍ପୃକ୍ତ ସ୍ପେଶାଲ ସ୍କୁଲଗୁଡିକରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କ ଆଖି ପରୀକ୍ଷା କରାଯିବା ସହିତ ଆସନ୍ତା ଫେବୃଆରୀ ସୁଦ୍ଧା ଚଷମା ବଣ୍ଟନ କରାଯିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମେତ ବିଭିନ୍ନ ବିଭାଗ ଏବଂ ଓସେପା କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଛି।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ଆଖି ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୩୦ ଜିଲାର ୧୦୩ ସ୍ପେଶାଲ ସ୍କୁଲ୍‌ର ୬୦୮୯ଜଣ ଏବଂ ୪୯ଟି ଆବାସିକ ସ୍ପେଶାଲ ସ୍କୁଲ୍‌ର ୨୩୭୦ଜଣ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୯ଟି ସ୍କୁଲ ରହିଛି। ସେହିପରି ସର୍ବନିମ୍ନ ଭାବେ ନବରଙ୍ଗପୁର, ନୂଆପଡା ଏବଂ ସୋନପୁରରେ ଗୋଟିଏ ଲେଖାଏ ସ୍କୁଲରେ ଆଖି ପରୀକ୍ଷା କରାଯିବ। ଖୋର୍ଦ୍ଧା ଜିଲାର ସର୍ବାଧିକ ୧୧୩୧ ଜଣ ପିଲା ରହିଥିବା ବେଳେ ସୋନପୁରରେ ସର୍ବନିମ୍ନ ୩୦ଜଣ ପିଲା ରହିଛନ୍ତି। ଗୋଟିଏ କ୍ୟାମ୍ପରେ ୫୦ଜଣ ପିଲାଙ୍କ ପରୀକ୍ଷା କରାଯିବ। ପିଲାଙ୍କ ସଂଖ୍ୟାକୁ ଦେଖି ଅଧିକ ସଂଖ୍ୟାକ କ୍ୟାମ୍ପ କରାଯିବାର ଯୋଜନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

DADLS-52

# ଶହୀଦ ବାଜି ରାଉତଙ୍କ
## ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହ
ନୀଳକଣ୍ଠପୁର, ଭୁବନ, ଢେଙ୍କାନାଳ
୫ ଅକ୍ଟୋବର, ୨୦୨୫ | ଅପରାହ୍ନ ଘ. ୧୨.୦୫ ମିନିଟ୍

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
**ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
**ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ଓଡ଼ିଶା
**ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି**
ସାଂସଦ, ଢେଙ୍କାନାଳ
**ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା**
ବିଧାୟକ, କାମାକ୍ଷାନଗର
**ଶ୍ରୀମତୀ ସୀମାରାଣୀ ନାୟକ**
ବିଧାୟିକା, ହିନ୍ଦୋଳ
**ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ**
ବିଧାୟକ, ପର୍ଜଙ୍ଗ

ଓଡ଼ିଶା ବିଧାନ ସଭା ପାର୍ଶ୍ୱ ସ୍ଥିତ
ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ
ସକାଳ ଘ. ୧୦.୧୦ ମିନିଟ୍‌ରେ
ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିଧାୟକ (ଏକାମ୍ର ଭୁବନେଶ୍ୱର)
ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ, ଢେଙ୍କାନାଳ

ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

– ସୌଜନ୍ୟ –
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/1209/2526

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ୍ୟ ହେଲା – ତୁମର ଚରମ ନିଷ୍ଠାପରତା। **–ଶ୍ରୀମା**

# ମାନବାଧିକାର କ୍ଷୁଣ୍ଣ



## ଆକାର ପଟେଲ

ମୁଁ ପ୍ରତିନିଧିତ୍ୱ କରୁଥିବା ସଙ୍ଗଠନ ପକ୍ଷରୁ ଭାରତରେ ମାନବ ଅଧିକାର ଉପରେ ପ୍ରସ୍ତୁତ ଏକ ରିପୋର୍ଟ ପ୍ରତିବର୍ଷ ଶେଷ ଆଡ଼କୁ ପ୍ରକାଶ ପାଇଥାଏ। ଏହି ରିପୋର୍ଟ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ବୈଶ୍ୱିକ ଆକଳନର ଏକ ଅଂଶ। ଏହି ଆକଳନ ବିଶ୍ୱର ଦେଶଗୁଡ଼ିକରେ ହେଉଥିବା ମାନବ ଅଧିକାର ଉଲ୍ଲଂଘନ ଉପରେ ଧ୍ୟାନ ଦେଇଥାଏ। ଚଳିତବର୍ଷ ସେପ୍ଟେମ୍ବରରେ ପ୍ରକାଶିତ ରିପୋର୍ଟରୁ ପାଠକମାନେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହୀ ହେବେ। ଜାନୁଆରୀରେ ଉତ୍ତରାଖଣ୍ଡ ଆଇନଗୁଡ଼ିକ ପାସ୍ କରିଥିଲା, ଯାହା କପଟତାପୂର୍ଣ୍ଣ ବିବାହ ମାଧ୍ୟମରେ ହେଉଥିବା ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଲିଭ୍-ଇନ୍-ରିଲେଶନଶିପ୍ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛି। ଆଇନଗତ ଭାବେ ସରକାରଙ୍କ ଦ୍ୱାରା ନିଯୁକ୍ତ ୯ ସଦସ୍ୟ ବିଶିଷ୍ଟ କମିଟିର ରିପୋର୍ଟକୁ ବିଚାରକୁ ନ ନିଆଯାଇ ଏହିସବୁ ନିୟମ ପାସ୍ କରାଯାଇଥିଲା। ଫେବୃଆରୀରେ ଧର୍ମାନ୍ତରୀକରଣ ସହ ଜଡ଼ିତ ତଥା ସହମତିଭିତ୍ତିରେ ହେଉଥିବା ଆନ୍ତଃଧର୍ମୀୟ ବିବାହର ଆପରାଧୀକରଣ କରି ରାଜସ୍ଥାନ ଏକ ବିଲ୍ ପାସ୍ କରିଥିଲା। ମହାରାଷ୍ଟ୍ର ମଧ୍ୟ ଆନ୍ତଃଧର୍ମୀୟ ବିବାହକୁ ରୋକିବା ଲାଗି ଏକ ପ୍ରସ୍ତାବ ପାସ୍ କରିଥିଲା ଏବଂ ସେହି ଏକା ମାସରେ ମାଲଭାନ ମ୍ୟୁନିସିପାଲ କର୍ପୋରେଶନ ଜଣେ ନାବାଳକର ବାପାଙ୍କ ସ୍କ୍ରାପ୍ ଦୋକାନକୁ ଭାଙ୍ଗି ଦେଇଥିଲା। କାରଣ ସେହି ବାଳକ ଚାମ୍ପିୟନ୍ସ ଟ୍ରଫି କ୍ରିକେଟରେ ପାକିସ୍ତାନ ବିରୋଧରେ ଭାରତର ବିଜୟ ପରେ କିଛି କହିଥିବାର ଅଭିଯୋଗ ହୋଇଥିଲା। ମାର୍ଚ୍ଚରେ 'ନୂଆ ଭାରତ'କୁ ନେଇ ପ୍ରଦର୍ଶନ କରିଥିବା କମେଡ଼ି ଶୋ ସହିତ ଜଡ଼ିତ ଥିବା କୁନାଲ କାମରାଙ୍କ ବିରୋଧରେ ମହାରାଷ୍ଟ୍ର ପୋଲିସ ଏକ ଏଫ୍ଆଇଆର୍ ଦାଏର କରିଥିଲା, ଯାହା ଅଭିବ୍ୟକ୍ତିର ସ୍ୱାଧୀନତା, ଏକ ମୌଳିକ ଅଧିକାର ଉପରେ ଆକ୍ରମଣକୁ ଦର୍ଶାଇଥିଲା। ଏହାର ପୂର୍ବ ମାସରେ ଦିଲ୍ଲୀ ପୋଲିସ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ୧୨ ଜଣ ଛାତ୍ରଙ୍କୁ ଅଟକ ରଖିଥିଲା। ୨୦୧୪ରେ ବିନା ଅନୁମତିରେ କିମ୍ବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କୁ ନ ଜଣାଇ ସ୍ଲୋଗାନ ଦେଉଥିବା ଦୁଇଜଣ ପିଏଚ୍‌ଡି ଛାତ୍ରଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ବିରୋଧରେ ଏହି ଛାତ୍ରମାନେ ପ୍ରତିବାଦ କରୁଥିଲେ। ମାର୍ଚ୍ଚ ମାସରେ ମଧ୍ୟ ଆସାମ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବ୍ୟାଙ୍କରେ ଆର୍ଥିକ ଅନିୟମିତତାକୁ ନେଇ ହୋଇଥିବା ଏକ ଆନ୍ଦୋଳନ ଉପରେ ଖବର ପ୍ରକାଶ କରିଥିବାରୁ ସାମ୍ବାଦିକ ଦିଲୱାର ହୁସେନ ମଜୁମଦାରଙ୍କୁ ଆସାମ ପୋଲିସ ଗିରଫ କରିଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ମନ୍ତବ୍ୟ ଦେଇ ଲୋକଗୀତ ଗାୟିକା ନେହା ସିଂ ରାଥୋରଙ୍କ ବିରୋଧରେ ଲକ୍ଷ୍ନୌରେ ଏକ ଏଫ୍ଆଇଆର୍ ଦାଏର କରାଯାଇଥିଲା। ମେ'ରେ ପାଇଜ ଅହମ୍ମଦ ଫଇଜଙ୍କ 'ହମ ଦେଖେଙ୍ଗେ' କବିତାକୁ ଆବୃତ୍ତି କରିଥିବା ଆକ୍ଟିଭିଷ୍ଟ ବୀର ସାଥୀଦାରଙ୍କ ସ୍ତ୍ରୀ ପୁଷ୍ପା ସାଥୀଦାରଙ୍କ ସମେତ ତିନି ଜଣଙ୍କ ବିରୋଧରେ ନାଗପୁର ପୋଲିସ ଏକ ଏଫ୍ଆଇଆର୍ ଦାଏର କରିଥିଲା। ଅପରେଶନ ସିନ୍ଦୂର ସମ୍ପର୍କରେ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଅଶୋକା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଅଲି ଖାନ ମାମୁଦାବାଦଙ୍କ ବିରୋଧରେ ହରିୟାଣା ପୋଲିସ ପକ୍ଷରୁ ଦୁଇଟି ଏଫ୍ଆଇଆର୍ କରାଯାଇଥିଲା। ନାଗପୁର ପୋଲିସ ଅପରେଶନ ସିନ୍ଦୂରକୁ ଇନ୍‌ଷ୍ଟାଗ୍ରାମରେ ଅପମାନିତ କରିଥିବା ଅଭିଯୋଗରେ ୨୬ ବର୍ଷ ବୟସ୍କ ରେଜାଜ୍ ଏମ୍ ସିଦ୍ଦିକଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଅନ୍ ଲ'ଫୁଲ ଆକ୍ଟିଭିଟିଜ(ପ୍ରିଭେନସନ) ଆକ୍ଟ ବା ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ଲାଗୁ କରାଯାଇଥିଲା।

ପହଲଗାମ୍ ଆକ୍ରମଣ ପରେ ୨୨ ଏପ୍ରିଲରୁ ୮ ମେ' ମଧ୍ୟରେ ନାଗରିକ ଅଧିକାର ସୁରକ୍ଷା ସଙ୍ଗଠନ ମୁସଲମାନଙ୍କ ବିରୋଧରେ ଘଟିଥିବା ୧୮୪ଟି ଅପରାଧର ତାଲିକା ପ୍ରସ୍ତୁତ କରିଥିଲା। ଜୁନ୍‌ରେ ପାଲେଷ୍ଟାଇନ ସପକ୍ଷରେ ରାଲି କରିବାକୁ ଆଜାଦ ମଇଦାନରେ ଏକାଠି ହୋଇଥିବା ୧୯ ଜଣଙ୍କୁ ମୁମ୍ବାଇ ପୋଲିସ ଅଟକ ରଖିଥିଲା। ଜୁଲାଇରେ ଟ୍ୱିଟର ନ୍ୟୁଜର ଦୁଇଟି ଆକାଉଣ୍ଟ ସମେତ ୨୦୦୦ ଆକାଉଣ୍ଟକୁ ବନ୍ଦ କରିବା ପାଇଁ ଏକ୍ସ (ପୂର୍ବରୁ ଟୁଇଟର ଥିଲା)କୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟରେ ସାମ୍ବାଦିକ, ଐତିହାସିକ ଓ ମହିଳା ଅଧିକାର ପାଇଁ ଲଢୁଥିବା ବ୍ୟକ୍ତି ତଥା ଗବେଷକଙ୍କ ଦ୍ୱାରା ଲିଖିତ ୨୫ଟି ବହି ଉପରେ କଶ୍ମୀର ସରକାର ପ୍ରତିବନ୍ଧକ ଲଗାଇଥିଲେ। ଅଗଷ୍ଟରେ ଦେଶଦ୍ରୋହ ଅଭିଯୋଗରେ ଗୁଆହାଟି ପୋଲିସ ସାମ୍ବାଦିକ ସିଦ୍ଧାର୍ଥ ବର୍ଦ୍ଧରଞ୍ଜନ ଓ କରନ ଥାପାରଙ୍କୁ ଗିରଫ କରିଥିଲା। ତା'ପର ମାସ ଅର୍ଥାତ୍ ସେପ୍ଟେମ୍ବରରେ ଗାନ୍ଧୀନଗରର ଏକ କୋର୍ଟ ସାମ୍ବାଦିକ ଅଭିସାର ଶର୍ମା ଓ ରାଜୁ ପାରୁଲେକରଙ୍କୁ ନୋଟିସ୍ ଜାରି କରିଥିଲା। ଆସାମରେ ଖୁବ୍ କମ୍ ମୂଲ୍ୟରେ ବିରାଟ ଜମିକୁ ଆଦାନୀ ଗ୍ରୁପ୍‌କୁ ବିକ୍ରି କରାଯାଇଛି ବୋଲି ଏମାନେ ରିପୋର୍ଟିଂ କରିଥିଲେ। ଜୁଲାଇ ପ୍ରଥମାର୍ଦ୍ଧରେ ଗୋଆଲପଡ଼ାରେ ଆସାମ ସରକାର ଉଚ୍ଛେଦ ଅଭିଯାନ ଆରମ୍ଭ କରିବା ପରେ ପାଖାପାଖି ୧୮୦୦ ପରିବାର ଗୃହହୀନ ହୋଇଯାଇଥିଲେ, ଯେଉଁଥିରେ ଅଧିକାଂଶ ମୁସଲମାନ ପ୍ରଭାବିତ ହୋଇଥିଲେ। ଜୁଲାଇ ଦ୍ୱିତୀୟାର୍ଦ୍ଧରେ ଆସାମର ମୁସଲମାନ ବହୁଳ ଉରିୟାମଘାଟରେ ବ୍ୟାପକ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ହେଲେ ସୁପ୍ରିମକୋର୍ଟ ଏହି ଅଭିଯାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ସେପ୍ଟେମ୍ବରରେ ଭାରତ ସରକାର ପୂର୍ବରୁ ଆଣିଥିବା ୪ଟି ଆଇନକୁ ରଦ୍ଦ କରି ଏବେ ଶରଣାର୍ଥୀଙ୍କୁ 'ଅବୈଧ ପ୍ରବାସୀ' ଭାବେ ବର୍ଗୀକୃତ କରିଛି। ଅକ୍ଟୋବରରେ ଆହୁରି ଅଧିକ ପଦକ୍ଷେପ ସାମ୍ନାକୁ ଆସିବ। ଅବଶ୍ୟ ଫେବୃଆରୀ ୨୦୨୦ରେ ଉତ୍ତରପୂର୍ବ ଦିଲ୍ଲୀରେ ଘଟିଥିବା ହିଂସାରେ ଜଡ଼ିତ ଥିବା ଅଭିଯୋଗରେ ଉମର ଖଲିଦ ଓ ଅନ୍ୟ ମୁସଲମାନ ଛାତ୍ର ଆକ୍ଟିଭିଷ୍ଟମାନେ ଏବେ ଜେଲରେ ରହିଛନ୍ତି।

ଜାତିସଂଘ ମାନବ ଅଧିକାର ଉଚ୍ଚାୟୁକ୍ତ ମଧ୍ୟ ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ପ୍ରତିବନ୍ଧାତ୍ମକ ଆଇନଗୁଡ଼ିକର ବ୍ୟବହାର ଏବଂ ମାନବ ଅଧିକାର ପାଇଁ ଲଢୁଥିବା କର୍ମୀ ଓ ସ୍ୱାଧୀନ ଭାବେ କାମ କରୁଥିବା ସାମ୍ବାଦିକଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ନେଇ ଚିନ୍ତିତ। କଶ୍ମୀର ସମେତ ବିଭିନ୍ନ ରାଜ୍ୟରେ ଲୋକଙ୍କୁ ମନଇଚ୍ଛା ଅଟକ ରଖାଯିବା ସହ ନାଗରିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସେ ମଧ୍ୟ ହିଂସା ଓ ମଣିପୁରରେ ବିସ୍ଥାପନକୁ ଶାନ୍ତି ଆଲୋଚନା ଓ ମାନବ ଅଧିକାର ଆଧାରରେ ସମାଧାନ କରିବାକୁ ପଦକ୍ଷେପ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏଭଳି ଚିନ୍ତା ବା ମନ୍ତବ୍ୟର ପ୍ରତିକ୍ରିୟାରେ ଦୂରଦର୍ଶନରେ ଏକ ତଥ୍ୟ ପ୍ରକାଶ କରିଥିଲା, ଯାହାର ଶୀର୍ଷକ ଥିଲା 'ଜାତିସଂଘ ମାନବ ଅଧିକାରର କଶ୍ମୀର ଓ ମଣିପୁର ଉପରେ ବ୍ୟର୍ଥ ଏବଂ ନିରାଧାର ମନ୍ତବ୍ୟକୁ ଭାରତ ନିନ୍ଦା କରେ'।

Email:aakar.patel@gmail.com

# ଦୟା ଅସ୍ତ୍ରଧାରୀ ଦାନବ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ସ୍ୱାର୍ଥସିଦ୍ଧିର ସଡ଼କରେ ପରସ୍ପରର ପ୍ରତିଯୋଗୀ ସାଜି ମଣିଷ ଯେତେ ଦ୍ରୁତଗତିରେ ଦୌଡ଼ିଲେ ବି ବେଳେବେଳେ ଏକ ଦିବ୍ୟ ମାନବୀୟ ଆହ୍ୱାନରେ ଆକର୍ଷିତ ହୋଇ ତା'ର ଗତି ଶିଥିଳ ହୋଇପଡ଼େ। କେଇ ମୁହୂର୍ତ୍ତ ପାଇଁ ପରାର୍ଥପ୍ରାଣତାର ଆତ୍ମିକ ଆକର୍ଷଣ ତା'ର ବ୍ୟକ୍ତି ସତ୍ତାକୁ କବଳିତ କରିନିଏ। କାହାର ଦୁଃଖପୂର୍ଣ୍ଣ ଦୁଃସ୍ଥିତି ତାକୁ ଦୁର୍ବଳ କରିଦିଏ ଓ ତା' ଭିତରେ ସୃଷ୍ଟିହୁଏ କେହି ଜଣେ ଅସହାୟ ସହଯାତ୍ରୀର ହାତଧରି ଆଗକୁ ବଢ଼ାଇ ନେବାର ଏକ ପ୍ରବଣତା। ସହଯାତ୍ରୀର ବିଷଣ୍ଣ ବଦନ ତାକୁ ଏମିତି ବ୍ୟତିବ୍ୟସ୍ତ କରିଦିଏ ଯେ, ତାହା ବାସ୍ତବ ବିଷଣ୍ଣତା କି ମଞ୍ଚର ପ୍ରଲେପମଖା ମୁହଁର ଅଭିନୟ, ତାହା ନିରେଖିବାକୁ ସେ ସମୟର ଅପଚୟ ଓ ମାନବତାର ଅପମାନ ବୋଲି ମନେକରେ। ବାସ୍, କେବଳ ତାହାର କିଛି କାମରେ ଆସିବାର ଏକ ମୁଗ୍ଧ ଅନୁଭବ ହିଁ ସେତେବେଳେ ଥାଏ ତା' ନିଷ୍ପତ୍ତିର ନିର୍ଣ୍ଣାୟକ। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ, ଯେତେବେଳେ ଅଚିହ୍ନା ଅଜଣା କେହି ଦୁଃଖୀଜନର ମୁହଁରେ ହସ ଦେଖି ତା' ନିଜ ଓଠ କଡ଼ରୁ ଉକୁଟି ଆସେ ଏକ ସ୍ୱର୍ଗୀୟ ପରିତୃପ୍ତିର ହସଧାର।

ମାତ୍ର ଅସହାୟଙ୍କ ପ୍ରତି କୃପା, କରୁଣା ବା ଦୟା ସବୁବେଳେ ମାନବତାର ଆଧାର ହୋଇ ନ ଥାଏ। ଦୟା ମାଗୁଥିବା ଲୋକଟି ବି ଅଭିନୟ କରିପାରେ ଭିକ୍ଷୁ ବେଶଧାରୀ ରାବଣର ଅଭିନୟ ପରି। ନିଜର ଦୁଇଟିଯାକ ଅଚଳ ଗୋଡ଼କୁ ବଡ଼ କଷ୍ଟରେ ଘୋଷାଡ଼ି ଘୋଷାଡ଼ି ହାତରେ ଝାଡୁଟିଏ ଧରି ଡବାର ରେଳଯାତ୍ରୀମାନଙ୍କୁ ପରିଚ୍ଛନ୍ନ ପରିବେଶଟିଏ ଯୋଗାଇ ଦେଉଥିଲା ପନ୍ଦର ଷୋହଳ ବର୍ଷର ଭିନ୍ନକ୍ଷମ ତରୁଣଟିଏ। ବଗିଟିଯାକ ଝାଡୁ ମାରି ସାରି ସେଇମିତି ଘୋଷାଡ଼ି ହୋଇ ଯାତ୍ରୀଙ୍କ ପାଖରେ ହାତ ପାତୁଥାଏ ନିଜ କଷ୍ଟସାଧ୍ୟ ଶ୍ରମର ମୂଲ ମାଗି ମାଗି। କିଏ ଟଙ୍କେ ଦୁଇଟଙ୍କା ଟେକି ଦେଉଥା'ନ୍ତି ତ ଆଉ କିଏ 'ଖୁଚୁରା ନାହିଁ' କହି ମୁହଁ ଫେରାଇ ନେଉଥା'ନ୍ତି। ସେଇ ବଗିରେ ଯାତ୍ରା କରୁଥିବା ଜଣେ ପରାର୍ଥପ୍ରାଣ ଯାତ୍ରୀ ମନ୍ତବ୍ୟ ଦେଲେ– ''ଏଇ ବୟସର ମୋ ପୁଅ ନୂଆ ନୂଆ କଲେଜରେ ପାଦ ଦେଇଛି। ଏବେ ବିନା ବାଇକ୍‌ରେ କଲେଜ ଯିବ ନାହିଁ ବୋଲି ଅଡ଼ି ବସିଲାଣି। ଅଥଚ ଏଇ ପିଲାଟି ଦିବ୍ୟାଙ୍ଗ ହୋଇ ବଞ୍ଚିବା ପାଇଁ କେତେ କଷ୍ଟ ନ କରୁଛି ସତେ!'' ପକେଟରୁ ପଚାଶ ଟଙ୍କା କାଢ଼ି ସେ ପିଲାଟିକୁ ଦେଲେ। ଏତେ ମୋଟା ଅଙ୍କର ଅର୍ଥ ଅର୍ଜନ କରି ଖୁସିରେ କୁରୁଳି ଉଠିଲା ପିଲାଟି। ସେମିତି ଗୁରୁଣ୍ଡି ଗୁରୁଣ୍ଡି ଅନ୍ୟ ବଗି ଉଦ୍ଦେଶ୍ୟରେ ନିଷ୍କ୍ରାନ୍ତ ହୋଇଗଲା। ତା'ର ଏହି ଦୟନୀୟ ଦୁଃସ୍ଥିତି ଦେଖି ଦୟାରେ ବିଚଳିତ ହୋଇଥିବା ଏ ଲେଖକର ଆଖି ସେଦିନ ଆଶ୍ଚର୍ଯ୍ୟରେ ଖୋସି ହୋଇ ଯାଇଥିଲା, ଯେତେବେଳେ ସେ ଦେଖିଲା ଏକ ଅଭିଶପ୍ତ ଅଥର୍ବ ରୂପରେ ରେଳଯାତ୍ରୀଙ୍କଠୁଁ ସାହାଯ୍ୟ ସହ ସମବେଦନା ଗୋଟାଇଥିବା ପିଲାଟି ବଗିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ପ୍ଲାଟଫର୍ମରେ ହଜି ଯାଇଥିଲା। ସତ ସମ୍ବେଦନା ଓ ମିଥ୍ୟା କାରୁଣ୍ୟ ଉପରୁ ପରଦା ହଟିଯାଇଥିଲା।

ଅନ୍ୟର ଦୟା ଅର୍ଜନ କରି ତାଙ୍କୁ ଲୁଟିବାର ଭିନ୍ନ ଏକ ଦୃଶ୍ୟପଟ। ରାସ୍ତାକଡ଼ରେ ଜଣେ ଦୃଷ୍ଟିହୀନ ଯୁବକ ଅସହାୟ ଭାବେ ଅନ୍ୟ କାହାର ଉଦାର ହାତର ସାହାଯ୍ୟକୁ ଅପେକ୍ଷା ରଖୁଥିଲା ବେଳେ ପରାର୍ଥପ୍ରାଣ ପ୍ରୌଢ଼ ଜଣେ ନିଜ ସ୍କୁଟରରୁ ଓହ୍ଲାଇ ତାକୁ କିଛି ସାହାଯ୍ୟ ଦେବାକୁ ନିଜ ପର୍ସ ଖୋଲୁଛନ୍ତି, ଅଚାନକ ଜଣେ ଦୁର୍ବୃତ୍ତ ତାଙ୍କ ପର୍ସଟିକୁ ଝାମ୍ପିନେଇ ଦୌଡ଼ିବାକୁ ଆରମ୍ଭ କଲା। ସ୍କୁଟରଚାଳକ ତା' ପଛେ ପଛେ ଦୌଡ଼ିବାର ଉପକ୍ରମ କରନ୍ତେ ସେଇ ତଥାକଥିତ ଦୃଷ୍ଟିହୀନ ଭିକାରି ନିମିଷକ ମଧ୍ୟରେ ତା' ଭିକ୍ଷାଥାଳ ଫିଙ୍ଗିଦେଇ ସ୍କୁଟରଟି ନେଇ ଉଭାନ୍ ହୋଇଗଲା। ଆମ ରାଜଧାନୀ ନଗରୀରେ ସଂଘଟିତ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟର ନାୟକ, ଉଦାର ମାନବୀୟ ସଂସ୍କୃତିରେ ଅଭିମନ୍ତ୍ରିତ ସେଇ ହତଭାଗ୍ୟ ଦୟାଶୀଳ ଭଦ୍ରବ୍ୟକ୍ତି ଏକା ଏକା ରାସ୍ତା ଉପରେ ଛିଡ଼ାହୋଇ ରହିଥିଲେ।

ତୃତୀୟ ଘଟଣାଟି ଏ ଲେଖକର ଅଙ୍ଗେନିଭା ଅନୁଭୂତି। ପ୍ରାୟ ତିନିବର୍ଷ ତଳେ ଫୋନ୍ କଲ୍‌ଟିଏ ଆସିଲା ଗୋଟିଏ ଅଜଣା ନମ୍ବରରୁ। ସେପଟରୁ ଭାସି ଆସିଲା କାରୁଣ୍ୟର କୋହଭରା କଷ୍ଟର ଏକ ବିକଳଭାବ। ସେ କହୁଥିଲେ– ''ଆଜ୍ଞା, ଛଅମାସ ହେଲା ଭୟଙ୍କର ରକ୍ତ କର୍କଟରେ ପୀଡ଼ିତ ମୋର ଛଅବର୍ଷର ପୁଅକୁ ନେଇ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପଡ଼ିଛି। ତା' ଚିକିତ୍ସାରେ ଜମିବାଡ଼ି ସବୁ ବିକିସାରି ଏବେ ମୁଁ କାଙ୍ଗାଳ। କାଲି ନେବାକୁ ଥିବା କେମୋ ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ କଲେ ପୁଅ ମୋର ବଞ୍ଚିଯାଆନ୍ତା। ମୋ ଆକାଉଣ୍ଟ ନମ୍ବର ଆପଣଙ୍କୁ ମେସେଜ୍ କରିଦେବି।'' ନିମ୍ନତମ ମାନବିକତାର ଉତ୍ତାଳ ସମ୍ବେଦନାରେ ପ୍ରଭାବିତ ହୋଇ ତାଙ୍କୁ ପଚାରିଲି– ''ଆପଣ ମୋତେ ଜାଣିଲେ କିପରି? ମୋ ଫୋନ୍ ନମ୍ବର ପାଇଲେ କେଉଁଠୁ?'' ନିଜକୁ ସୁକାନ୍ତ ପୁହାଣ ବୋଲି ପରିଚୟ ଦେଇ ସେଇ ହତଭାଗ୍ୟ ଦରିଦ୍ର ବାପା ଜଣକ ଉତ୍ତରଦେଲେ– ''ଆଜି ଖବରକାଗଜରେ ପ୍ରକାଶ ପାଇଥିବା ଆପଣଙ୍କ ଲେଖା ତଳେ ଫୋନ୍ ନମ୍ବରଟି ପାଇ ଫୋନ୍ କରୁଛି।'' ପରେ ପରେ ଆଉ ଥରେ କାକୁସ୍ଥ କଣ୍ଠରେ କରୁଣ ଅନୁନୟ। ବିଶ୍ୱସ୍ତ ପ୍ରମାଣିତ ନ ହେବାଯାଏଁ ଅବିଶ୍ୱାସ କରି ଚାଲିବା ବା ଅବିଶ୍ୱସ୍ତ



ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ବିଶ୍ୱାସ କରି ଚାଲିବା ଭଳି ଦୁଇଟି ବିକଳ୍ପ ମଧ୍ୟରୁ ଦ୍ୱିତୀୟଟିକୁ ଗ୍ରହଣ କରିନେଇ ସେଦିନ ଏ ଲେଖକ ତା' ଆକାଉଣ୍ଟରେ କିଛି ଟଙ୍କା ଜମା କରି ନିଜ ମାନବୀୟ ଦାୟିତ୍ୱ ସମ୍ପନ୍ନ କରିଥିଲା।

ପରବର୍ତ୍ତୀ ପର୍ଯ୍ୟାୟରେ ସୁକାନ୍ତଙ୍କ ଅସୁସ୍ଥ ପୁଅର ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଫୋନ୍ କରି ଏ ଲେଖକ ନିରାଶ ହୋଇଛି। ତାଙ୍କ ମୋବାଇଲରେ ଧ୍ୱନି ସୃଷ୍ଟି ହୁଏ ସିନା, ତାଙ୍କ ସ୍ୱର ଶବ୍ଦ ଶୁଣିବାକୁ ମିଳେନା। ବୋଧହୁଏ ହତଭାଗ୍ୟ ଶିଶୁଟିର ଚିକିତ୍ସା ବିଫଳ ହୋଇଗଲା ଓ ସେଇ ଦୁଃଖରେ ସୁକାନ୍ତ ନିରବି ଯାଇଛନ୍ତି ଭାବି ଏ ଲେଖକ କଥାଟିକୁ ବିସ୍ମୃତିରେ ହଜାଇ ଦେଉଥିବା ବେଳେ ଦିନେ ଜଣେ ଲେଖକ ବନ୍ଧୁଙ୍କଠାରୁ ତାଙ୍କ ସମ୍ପର୍କରେ ଏକ ରୋଚକ ତଥ୍ୟ ଉପଲବ୍ଧ ହୋଇ ଚେତନାରେ ଭାବାନ୍ତର ସୃଷ୍ଟି ହୋଇଥିଲା। କ୍ୟାନ୍‌ସର ଆକ୍ରାନ୍ତ ପୁଅ କଥା କହି ମୁଖ୍ୟତଃ ଲେଖକମାନଙ୍କୁ ଟାର୍ଗେଟ କରୁଥିବା ସୁକାନ୍ତ ବାସ୍ତବରେ ବାହା ହୋଇଥିଲା କି ନାହିଁ ସନ୍ଦେହ। ଲେଖକମାନେ ବେଶି ଭାବ ଓ ଆବେଗରେ ବଞ୍ଚନ୍ତି ବୋଲି ଜାଣି ସେ ସେମାନଙ୍କ ଫୋନ୍ ନମ୍ବର ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ ସଂଗ୍ରହ କରୁଥିଲା ଓ କରୁଣ ସଂଳାପ କରି ସେମାନଙ୍କ ସୂକ୍ଷ୍ମ ତନ୍ତ୍ରୀକୁ ଦୋହଲାଇ ଦେଉଥିଲା। ଯେଉଁମାନେ ଥରକରେ ଦୋହଲୁ ନ ଥିଲେ, ସେମାନଙ୍କୁ ବାରମ୍ବାର ଫୋନ୍ କରୁଥିଲା ସୁକାନ୍ତ। ବେଳେବେଳେ ଏମିତି ବି କହୁଥିଲା– ବିନା ଚିକିତ୍ସାରେ ପୁଅଟି ଏବେ ଚାଲିଗଲା ଆଜ୍ଞା। ତା' ମୃତ ଶରୀରକୁ ଶେଷଥର ପାଇଁ ତା' ମାଆକୁ ଦେଖାଇବାକୁ ଗାଁକୁ ନେବା ପାଇଁ ମୋ ପାଖରେ ସମ୍ବଳ ନାହିଁ। କିଛି ସାହାଯ୍ୟ ନ କଲେ ତା' ଶବକୁ ଏଇଠି ଦାହ କରି ଗାଁକୁ ଫେରିଯିବି। ଆବେଗରେ ବଞ୍ଚୁଥିବା ଲେଖକମାନେ ଆଉ କେତେ ନିର୍ମମ ହୋଇପାରନ୍ତେ! ପ୍ରବଞ୍ଚନା ଓ ପ୍ରତାରଣାର ଭାଷା ଗୋଟିଏ ଦୟାଶୀଳ ହୃଦୟକୁ ସାଧାରଣ ହୃଦୟ ଅପେକ୍ଷା ଅଧିକ ସହଜରେ ବିଦ୍ଧ କରିବାର ସାମର୍ଥ୍ୟ ରଖିଥାଏ ପରା!

ଜଣେ ସନ୍ନ୍ୟାସୀ ଜମିଦାରଙ୍କଠାରୁ ଦାନସୂତ୍ରରେ ପାଇଥିବା ଏକ ଘୋଡ଼ା ଉପରେ ବସି ନିଜ ଆଶ୍ରମକୁ ଫେରୁଥିବା ବେଳେ ବାଟରେ ଜଣେ ଭିନ୍ନକ୍ଷମ ଭିକାରି ତାଙ୍କୁ କିଛି ସାହାଯ୍ୟ ମାଗିଲା। ଘୋଡ଼ାରୁ ଓହ୍ଲାଇ ଦୟାଶୀଳ ସାଧୁ ତା' ପାଖକୁ ଯିବାକୁ ବାହାରିଛନ୍ତି, ଅଚାନକ ଭିକ୍ଷୁକ ବେଶଧାରୀ ଦୁର୍ଦ୍ଦାନ୍ତ ଦସ୍ୟୁ ତାଙ୍କୁ ଧକ୍କା ମାରି ତଳେ ପକାଇଦେଲା ଓ ଘୋଡ଼ାଟି ଉପରେ ବସି ପଳାଇଯିବାକୁ ବସିଲା। ସନ୍ନ୍ୟାସୀ ଝାଡ଼ିଝୁଡ଼ି ହୋଇ ଉଠିଲେ ଓ କେବଳ ଏତିକି କହିଲେ– ''ମୋ' ଅପେକ୍ଷା ଏହି ଘୋଡ଼ାଟି ତୁମର ଅଧିକ କାମରେ ଆସିବ। ନେଇଯାଅ, ମନା ନାହିଁ। କିନ୍ତୁ କେବେ କାହା ପାଖରେ କହିବନି ଯେ ତୁମେ ଭିକ୍ଷୁକ ବେଶରେ ଏଇଟିକୁ ମୋଠୁଁ ଛଡ଼ାଇ ନେଇଛ। ସେଭଳି ହେଲେ ଏ ସଂସାରରେ କେହି କେବେ ଆଉ କୌଣସି ଭିକାରିଙ୍କୁ ଦୟା କରିବେ ନାହିଁ।'' ସେ ସୁକାନ୍ତ ପୁହାଣ ହୁଅନ୍ତୁ କି ଅନ୍ଧ ଭିକାରି ବେଶରେ ରାସ୍ତାଧାରରେ ବସି ବାଇକ୍ ଲୁଟୁଥିବା ସେ ଡକାୟତ; ଅବା ପୁଣି ହୋଇପାରେ ନିଜକୁ ପଙ୍ଗୁ ସଜାଇ ରେଳଡବା ଓଳାଉଥିବା ସେଇ ଠକ ତରୁଣ; କୃପା କରୁଣା ଦୟା ଓ ସମ୍ବେଦନା ଆଦି ମଣିଷର ଅନ୍ତର୍ନିହିତ ଦିବ୍ୟ ଗୁଣରାଜିକୁ ଅସ୍ତ୍ର କରି ମଣିଷକୁ ଶୋଷଣ କରିବା ଯେ ମାନବିକତା ବିରୋଧରେ ଏକ ବୀଭତ୍ସ ବିଦ୍ରୋହ। ଏ ସତ୍ୟକୁ କେବେ ବୁଝିବେ କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

# ଜାପାନ ନେତ୍ରୀ

**ବ୍ୟକ୍ତିତ୍ୱ**



ସାନେ ତାକାଇଚି

ପୂର୍ବ ଏସିଆର ଦ୍ୱୀପ ଦେଶ ଜାପାନ ଗତ କିଛି ବର୍ଷ ହେବ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛି। ଶିଗେରୁ ଇଶିବା ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପରେ ସେଠାରେ ରାଜନୈତିକ ସଙ୍କଟ ଦେଖା ଦେଇଥିଲା। ୧୮ ସେପ୍ଟେମ୍ବର ୨୦୨୫ରେ ଶାସକ ଦଳ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି)ର ସଭାପତି ପଦ ଲାଗି ରାଜନେତ୍ରୀ ସାନେ ତାକାଇଚି ତାଙ୍କ ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ହେଲେ ତାଙ୍କ ସହ ଲଢ଼ିବା ଲାଗି ଆଗେଇ ଆସିଥିଲେ କୃଷି ମନ୍ତ୍ରୀ ଶିଞ୍ଜିର କୋଇଜୁମି। ୪ ଅକ୍ଟୋବରରେ ନିର୍ବାଚନ ହୋଇ ଫଳାଫଳ ଆସିବା ପରେ ତାକାଇଚି ଏଲ୍‌ଡିପିର ସଭାପତି ନିର୍ବାଚିତ ହୋଇଛନ୍ତି ଓ ପ୍ରଥମ ମହିଳା ଭାବେ ଏଭଳି ପଦବୀ ପାଇ ଇତିହାସ ରଚିଛନ୍ତି। ଶାସକ ଦଳର ନେତ୍ରୀ ହେବା ପରେ ସେ ଜାପାନର ପ୍ରଧାନମନ୍ତ୍ରୀ ହେବା ଆଶାକରାଯାଉଛି। ଏଥିସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ଆଗ୍ରହ ରହିବା ସ୍ୱାଭାବିକ।

ତାକାଇଚି ନାରା ସହରରେ ୭ ମାର୍ଚ୍ଚ ୧୯୬୧ରେ ଜନ୍ମଗ୍ରହଣ କରିଥିଲେ। ଟୟୋଟା ସହ ଅନୁବନ୍ଧିତ ଏକ ଅଟୋମୋବାଇଲ କମ୍ପାନୀରେ ତାଙ୍କ ପିତା କାର୍ଯ୍ୟ କରୁଥିଲେ ଓ ମାତା ନାରା ପ୍ରିଫେକ୍‌ଚୁରାଲ ପୋଲିସରେ ଥିଲେ ଜଣେ ଅଫିସର। ତାକାଇଚି କୋବେ ୟୁନିଭର୍ସିଟି ଅଧୀନ ଉନେବି ସିନିୟର ହାଇସ୍କୁଲରୁ ସ୍ନାତକ ଡିଗ୍ରୀ ଅର୍ଜନ କରିବା ସହ ମାତ୍‌ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟରୁ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ୧୯୮୭ରେ ମାତ୍‌ସୁଶିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗଭର୍ନମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ତାଙ୍କୁ ଆମେରିକାର ଡେମୋକ୍ରାଟିକ୍ ପାର୍ଟିର ନେତ୍ରୀ ପାଟ୍ ସ୍କ୍ରେଏଡେରଙ୍କ ନିକଟରେ କାମ କରିବା ଲାଗି ପଠାଇଥିଲା। ରାଜନୀତିରେ ଅଭିଜ୍ଞତା ଅର୍ଜନ କରି ୧୯୮୯ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ପ୍ରତିଭା ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ଆମେରିକା ରାଜନୀତି ଉପରେ ଜ୍ଞାନ ହାସଲ କରି ଲେଜିସଲେଟିଭ୍ ଆନାଲିଷ୍ଟ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅଭିଜ୍ଞତାକୁ ନେଇ ସେ ଲେଖିଲେ ଅନେକ ପୁସ୍ତକ। ୧୯୮୯ ମାର୍ଚ୍ଚରେ ଟେଲିଭିଜନ ଉପସ୍ଥାପିକା ଭାବେ ସେ ମଧ୍ୟ ଲୋକପ୍ରିୟତା ଅର୍ଜନ କରିଥିଲେ। ଲଲାଟରେ ଷଠୀ ଯାହା ଲେଖିଦେଇଥିବେ ତାହାକୁ ଲିଭାଇବାର ବଳ କାହା ପାଖରେ ନ ଥାଏ ବୋଲି କୁହାଯାଇଥାଏ। ତାକାଇଚି ୧୯୯୩ରେ ରାଜନୀତିକୁ କ୍ୟାରିୟର କରିବାକୁ ଆଗେଇ ଆସିଲେ। ସେହି ବର୍ଷ ସେ ଜାପାନ ସାଧାରଣ ନିର୍ବାଚନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ତା' ପରେ ତାଙ୍କ ବିଜୟ ଜାରି ରହିଥିଲା। ୨୦୦୩ରେ ସାଧାରଣ ନିର୍ବାଚନରେ ପରାଜିତ ହେବା ପରେ ସେଠାକାର ସଂସଦ (ଡାଏଟ୍) ବାହାରେ ରହିଥିଲେ। ଦୃଢ଼ମନା ତାକାଇଚି ପରେ କିନ୍‌କି ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗର ଫାକଲ୍ଟି ହୋଇଥିଲେ। ସେ ପୁନଶ୍ଚ ସଂସଦକୁ ନିର୍ବାଚିତ ହୋଇ ବିଜ୍ଞାନ ଓ ପ୍ରଯୁକ୍ତି ନୀତି, ଯୁବ ବ୍ୟାପାର ଓ ଲିଙ୍ଗ ସମାନତାଠାରୁ ଆରମ୍ଭ କରି ଦୁଇଥର ଆଭ୍ୟନ୍ତରୀଣ ବ୍ୟାପାର ଓ ଯୋଗାଯୋଗ ଏବଂ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଦକ୍ଷିଣପନ୍ଥୀ ଚିନ୍ତାଧାରା ପାଇଁ ଜଣାଶୁଣା ହେଲେ ମଧ୍ୟ ସେ ଜଣେ ଉତ୍ତମ ନୀତି ପ୍ରଣେତା ଭାବେ ପରିଚିତ। ଜାପାନର ଅର୍ଥନୀତି ଓ ପ୍ରତିରକ୍ଷା ରଣନୀତିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ରାଜନୈତିକ ପରିଚୟ ପାରମ୍ପରିକ ମୂଲ୍ୟବୋଧ ଏବଂ ବୈଷୟିକ ଉତ୍କର୍ଷର ଏକ ମିଶ୍ରଣ ବୋଲି କୁହାଯାଉଛି। ନିଜର ସ୍ପଷ୍ଟ ମତ ପ୍ରକାଶ କରୁଥିବାରୁ ସେ ଉଭୟ ଖାଣ୍ଟି ସମର୍ଥକ ଏବଂ ସମାଲୋଚକ ସୃଷ୍ଟି କରିଛନ୍ତି। ତାକାଇଚି ଦଶନ୍ଧି ଧରି କ୍ଷମତା ପାଇଁ ନିଜକୁ ପ୍ରସ୍ତୁତ କରିପାରିଥିବାରୁ ଆଜି ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିଛନ୍ତି। କଠିନ ପରିଶ୍ରମ କରି ଏଲ୍‌ଡିପିରେ ଉଚ୍ଚ ପଦବୀ ଅର୍ଜନ କରିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଘନିଷ୍ଠ ସହଯୋଗୀ ହୋଇଥିଲେ। ପୂର୍ବତନ ସହଯୋଗୀମାନେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ, ତାକାଇଚି କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରତିଟି କାଗଜପତ୍ରକୁ ପଢ଼ିଥାଆନ୍ତି ଓ ବୈଠକରେ ଯୋଗ ଦେବା ପୂର୍ବରୁ ପୂର୍ଣ୍ଣ ତଥ୍ୟ ଧାରଣ କରି ଉପସ୍ଥିତ ହୁଅନ୍ତି। ସ୍ୱୟଂ-ପ୍ରତିରକ୍ଷା ବାହିନୀର ଭୂମିକା ଓ ନାମକୁ ଶକ୍ତିଶାଳୀ କରି ଜାପାନର ଶାନ୍ତିବାଦୀ ସମ୍ବିଧାନର ଅନୁଚ୍ଛେଦ ୯କୁ ସଂଶୋଧନ କରିବା, ଗଣମାଧ୍ୟମର ନିରପେକ୍ଷତା ଉପରେ ସେ ଜୋର ଦେବା ତାଙ୍କ ଲକ୍ଷ୍ୟ ରହିଛି। ଏକ ସାକ୍ଷାତକାରରେ ସେ ଟ୍ରମ୍ପ୍ ଯୁଗର ଟାରିଫ୍‌କୁ ଜାପାନ ପାଇଁ 'ମଡର୍ନ ବ୍ଲାକ ଶିପ୍ ମୋମେଣ୍ଟ' ଭାବେ ଅଭିହିତ କରି ଏଭଳି ଆର୍ଥିକ କଟକଣା ଏକ ବାହ୍ୟ ଆଘାତ ହୋଇଥିଲେ ହେଁ ଆଭ୍ୟନ୍ତରୀଣ ସଂସ୍କାରର ଅପେକ୍ଷା ରଖେ ବୋଲି କହିଛନ୍ତି। ତାକାଇଚିଙ୍କ ବ୍ୟକ୍ତିତ୍ୱକୁ ଆହୁରି ତର୍ଜମା କଲେ ସେ ଜଣେ ଦକ୍ଷ ସମ୍ପର୍କ ସ୍ଥାପନକାରୀ ହୋଇଥିବାରୁ ସୋସିଆଲ ମିଡିଆ ଓ ଏପରିକି ୟୁଟ୍ୟୁବ ମାଧ୍ୟମରେ ଜନସାଧାରଣଙ୍କୁ ସିଧାସଳଖ ନୀତି ବିଷୟରେ ବୁଝାଇଥାନ୍ତି। ଏହା ସତ୍ତ୍ୱେ ଜାପାନ ରାଜନୀତି ଏବେ ଯେଉଁ ସଙ୍କଟରେ ଛିଡ଼ା ହୋଇଛି, ତାହାକୁ ସେ କିଭଳି ପରିଚାଳନା କରିବେ ଦାୟିତ୍ୱ ନେବା ପରେ ଜଣାପଡ଼ିବ।

ତାକାଇଚିଙ୍କ ବ୍ୟକ୍ତିଗତ ଜୀବନ କହିଲେ ପ୍ରତିନିଧି ସଭାର ସଦସ୍ୟ ଥିବା ଟାକୁ ୟାମାମୋଟୋଙ୍କୁ ସେ ୨୦୦୪ରେ ବିବାହ କରିଥିଲେ। ଉଭୟଙ୍କର କୌଣସି ପିଲା ନ ଥିଲା। ତାଙ୍କ ସ୍ୱାମୀଙ୍କ ପୂର୍ବ ବିବାହରୁ ଜନ୍ମିତ ୩ ସନ୍ତାନକୁ ସେ ପୌଷ୍ୟ କରି ଆଣିଥିଲେ। ୨୦୧୭ରେ ଉଭୟ ବିବାହ ବିଚ୍ଛେଦ କରିବାକୁ ରାଜି ହୋଇଥିଲେ। ରାଜନୈତିକ ମତାଦର୍ଶ ଏହି ବିଚ୍ଛେଦର କାରଣ ବୋଲି ସେ ଦର୍ଶାଇଥାଆନ୍ତି। କୌତୂହଳ କ୍ରମେ ୨୦୨୧ରେ ଉଭୟେ ପୁଣି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅନେକ ପିଲା ଶିକ୍ଷାରୁ ଦୂରେଇ ରହୁଥିବାବେଳେ ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟା କରୁଛନ୍ତି ଶ୍ରେୟ ଏବଂ ଜ୍ୟୋତି ରାଓ୍ୱତ। ସେମାନେ ମୁକ୍ତାକାଶ ସ୍କୁଲରେ ପିଲାମାନଙ୍କୁ ପଢ଼ାଉଛନ୍ତି। ଏକ ବିକଳ୍ପ ସ୍କୁଲ ଅଭିଯାନ 'ସୁର' ଆରମ୍ଭ କରି ଏବେ ପିଲାଙ୍କୁ ପଢ଼ାଉଛନ୍ତି। ସ୍କୁଲର ନାଁ ରଖିଛନ୍ତି ଓଲଟା ପୁଲଟା। ଏହାର କାନ୍ଥ କହିଲେ ପାହାଡ଼ କଡ଼ ଓ ଆକାଶ ହେଉଛି ଛାତ। ଡେରାଡୁନର କାଟପାଥର ଗାଁରେ ଏହି ସ୍କୁଲ ଚାଲିଛି। ଏଠାରେ ଏବେ ୭୦ ଜଣ ପିଲା ନର୍ସରିରୁ ୫ ଶ୍ରେଣୀ ଯାଏ ପଢୁଛନ୍ତି। ସେମାନେ ପୁସ୍ତକଗତ ଶିକ୍ଷା ପାଇବା ସହ ନାଟକ, କୃଷି ଓ ଜଙ୍ଗଲରେ ଭ୍ରମଣ କରି ଅନେକ ବିଷୟରେ ଶିକ୍ଷା ଲାଭ କରୁଛନ୍ତି। ଏହି ପଦ୍ଧତି ପିଲାମାନଙ୍କୁ ଅଧିକ ବାସ୍ତବବାଦୀ କରୁଛନ୍ତି। ଶ୍ରେୟଙ୍କ ବୟସ ୩୫ ହୋଇଥିବାବେଳେ ଜ୍ୟୋତିଙ୍କ ବୟସ ଏବେ ୩୧। ଶ୍ରେୟଙ୍କ ଜେଜେବାପା ସୁରେନ୍ଦ୍ର ସିଂ ରାଓ୍ୱତ ଜଣେ ସମାଜସେବୀ ଥିଲେ। ତାଙ୍କୁ ଶ୍ରଦ୍ଧାରେ ଲୋକେ ସୁର ଜୀ ଡାକୁଥିଲେ। ଏଣୁ ଶ୍ରେୟ ତାଙ୍କ ନାମରେ ଏହି ବିକଳ୍ପ ସ୍କୁଲ ଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ଅକ୍ଟୋବର ୧୯୭୬**

- ପଶ୍ଚିମ ଜର୍ମାନୀର ସାଧାରଣ ନିର୍ବାଚନରେ ବାମପନ୍ଥୀ ଓ ଉଦାରପନ୍ଥୀ ମିଳିତ ଦଳର ସଂଖ୍ୟାଗରିଷ୍ଠତା ବଜାୟ ରହିବା ଯୋଗୁ ପୁନଃ କ୍ଷମତାସୀନ।
- ଜମି ପାଉଥିବା ଭୂମିହୀନଙ୍କୁ ଆର୍ଥିକ ସାହାଯ୍ୟ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୮୯ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର।
- କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାମୂଳକ ଯୋଜନା ଅଧୀନରେ ରାଜ୍ୟର ୬୫ କଳକାରଖାନା ସମେତ ଦେଶର ୧୫ଶହ ଶିଳ୍ପ ସଂସ୍ଥାର ପରିଚାଳନାରେ ଶ୍ରମିକ ପ୍ରତିନିଧିଙ୍କୁ ସମ୍ପୃକ୍ତ କରାଯାଇଛି।

## ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ!
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | 1 |
| | 9 | 2 | | | | | | |
| | | | 4 | 2 | 3 | | | |
| | 3 | | | | | | 5 | |
| | | | | | | 3 | | 2 |
| | | 6 | 1 | | | | | 7 |
| | 6 | 7 | | | | | | 4 |
| | | 9 | 5 | | | | | 6 |
| 8 | 2 | | 7 | | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 8 | 6 | 3 | 5 | 1 | 9 |
| 8 | 9 | 3 | 4 | 5 | 1 | 2 | 7 | 6 |
| 1 | 6 | 5 | 2 | 9 | 7 | 3 | 4 | 8 |
| 3 | 7 | 6 | 5 | 1 | 4 | 8 | 9 | 2 |
| 9 | 8 | 1 | 3 | 7 | 2 | 6 | 5 | 4 |
| 2 | 5 | 4 | 6 | 8 | 9 | 1 | 3 | 7 |
| 7 | 3 | 9 | 1 | 2 | 8 | 4 | 6 | 5 |
| 5 | 1 | 8 | 9 | 4 | 6 | 7 | 2 | 3 |
| 6 | 4 | 2 | 7 | 3 | 5 | 9 | 8 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତା ମରାମତି ଦାୟିତ୍ୱ କାହାର

ମହାଶୟ,

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡର ପ୍ରବେଶ ପଥ ରାସ୍ତା ଖାଲଢିପ ହୋଇଯାଇଛି। ବିପଦପୂର୍ଣ୍ଣ ଯାତାୟାତର ବହୁ ପୁରୁଣା ଦିନର କଥା ମନେ ପଡ଼ିଯାଉଛି।। ଏବେ ବସ୍‌ଯାତ୍ରୀମାନେ ବଡ଼ କଷ୍ଟରେ ବର୍ଷାଦିନେ କାଦୁଅରେ ଯିବାଆସିବା କରୁଛନ୍ତି। ଏ କଥା ଖବର କାଗଜରେ ପ୍ରକାଶିତ ହୋଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ ନେଉ ନାହାନ୍ତି। ଏହି ରାସ୍ତା କିଏ ମରାମତି କରିବେ ସେ କଥା ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଉକ୍ତ ରାସ୍ତା ମରାମତି ନ ହେଲେ ଯାତ୍ରୀ ପରିବହନ ସମୟରେ ଦୁର୍ଘଟଣା ଯେ ନ ଘଟିବ ସେ ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ସମ୍ପୃକ୍ତ ଅଞ୍ଚଳର ବିଧାୟକ, ମେୟର, ରେଳପଥ କର୍ତ୍ତୃପକ୍ଷ ଏବଂ ସାଂସଦ ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ।

**– ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଜିଲା ଉତ୍ସବମୁଖର

**କେନ୍ଦ୍ରାପଡ଼ା,୪ା୧୦(ଜଗନ୍ନାଥ ଧଳ):**

## କେନ୍ଦ୍ରାପଡ଼ା

- ସହରରେ ୬୮ ସମେତ ୨୧୧ ମଣ୍ଡପକୁ ଅନୁମତି
- ତୋରଣ, ଆଲୋକମାଳାରେ ଝଲସୁଛି ସହର

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ତଥା ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ସୋମବାରଠାରୁ ଆରମ୍ଭ ହେବ । ଏଥିପାଇଁ ସହର ତଥା ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇଛି। ବିଭିନ୍ନ ପୂଜା କମିଟିର ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତବର୍ଷ ସହର ମଧ୍ୟରେ ମୋଟ ୬୮ ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଓ ଅନ୍ୟ ଦେବଦେବୀଙ୍କ ପୂଜା ଉତ୍ସବ ହେବ । ସେହିପରି ଜିଲାର ୨୧୧ଟି ସ୍ଥାନରେ ମା'ଙ୍କ ପୂଜା ପାଇଁ ଅନୁମତି ମିଳିଛି । ଅଧିକାଂଶ ପୀଠସ୍ଥଳିରେ ସୁସଜ୍ଜିତ ତୋରଣ ହୋଇଥିବା ବେଳେ ପୂଜାମଣ୍ଡପ ଆଖପାଖ ରାସ୍ତାର ଛକଗୁଡିକରେ ଆଲୋକମାଳାରେ ସଜ୍ଜିତ ହେଉଛି । ଜନ ସମାଗମକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ଫେଶନ ବଜାର ଓ ଷ୍ଟଲ ଆଦି ଲାଗିଲାଣି । ଚଳିତବର୍ଷ ତୋରଣ ସହିତ ମେଢ଼ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି । ସହରର ଖଡ଼ିଅଙ୍ଗ, ମଡ଼ିଆଳ, କାକଟ ମଙ୍ଗଳା ଓ ଗଣାମାହାଲରେ ଚାନ୍ଦିମେଢ଼ ହୋଇଥିବା ବେଳେ ୨୦ରୁ ଅଧିକ ସ୍ଥାନରେ ସୁନା ଓ ଚାନ୍ଦିମେଢ଼ର ଝଲକ ଦେଖିବାକୁ ମିଳିବ । ସହରର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମଣ୍ଡପ କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଗତ ମାସାଧିକ କାଳ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ବୈଠକ କରି ପୂଜାର୍ଚ୍ଚନା, ତୋରଣ, ଭସାଣି, ବାଜା, ରୋଶଣି ଆଦିର ରୂପରେଖକୁ ସମୀକ୍ଷା କରିଥିଲେ । ଜିଲାର ଏହି ପୂଜା ଉତ୍ସବ ଏକ ଗଣପର୍ବ ହୋଇଥିବାରୁ ଏହାର ଆକର୍ଷଣ ସ୍ୱତନ୍ତ୍ର । ଗଜଲକ୍ଷ୍ମୀ ପୂଜାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ପରିଚାଳନା ପାଇଁ ଜିଲା ପ୍ରଶାସନ ତତ୍ପର ହୋଇଛି। ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଥିବା ଜିଲାପାଳ ରଘୁରାମ ଆର. ଆୟାର ସୂଚନା ଦେଇଛନ୍ତି । ଡିଜେରେ ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା, ପରିବେଶ ଓ ପରିମଳକୁ ଗୁରୁତ୍ୱ ଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଅଶ୍ଳୀଳ ଗୀତକୁ ପ୍ରୋତ୍ସାହନ ନ ଦେବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିବା ଜିଲାପାଳ ଆୟାର କହିଛନ୍ତି ।


ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣରେ ନିମଗ୍ନ ଶିଳ୍ପୀ ।

ସେହିପରି ଏଏସ୍‌ପି ସୁଧାକର ସାହୁ ସୂଚନା ଦେଇଛନ୍ତି, ଆଇନଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପୋଲିସ ଓ ବାହାର ଜିଲା ପୋଲିସଙ୍କୁ ପୂଜା ସମୟରେ ନିୟୋଜିତ କରାଯିବ ବୋଲି ସ୍ଥିର ହୋଇଛି। ଟ୍ରାଫିକ ବ୍ୟବସ୍ଥା, ମେଢ଼ ନିକଟରେ ପୋଲିସ ମୁତୟନ, ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା । ପୂଜା ସମୟରେ ପ୍ରତି ଛକରେ ପୋଲିସ ମୁତୟନ ସହ ସହରରେ ୫ ଅସ୍ଥାୟୀ ଫାଣ୍ଡି, ମୋବାଇଲ ପୋଲିସ ସେବା ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି । ଚଳିତବର୍ଷ ସିସିଟିଭି ସହିତ ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଓ କାକଟ ଛକରେ ୩ଟି ୱାଚ ଟାୱାର ନିର୍ମାଣ କରାଯାଇ ଭିଡିଓ ରେକର୍ଡିଂ ହେବ । ଫଳରେ ଅପରାଧୀଙ୍କୁ ନିୟନ୍ତ୍ରଣ କରାଯାଇ ପାରିବ। ସେହିପରି ପ୍ରତ୍ୟେକ ମଣ୍ଡପ ଓ ସହର ରାସ୍ତାରେ ସିସିଟିଭି ଲଗାଯିବା ସହ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରାଯିବ ବୋଲି ଏଏସ୍‌ପି ସାହୁ ସୂଚନା ଦେଇଛନ୍ତି ।

# ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ:୯ ଉଦ୍ଧାର



ଜବତ ତେଲ ଟ୍ୟାଙ୍କର ଗାଡ଼ି ଓ ଉଦ୍ଧାର ହୋଇଥିବା ଗୋରୁ ।

**ଆଳି, ୪ା୧୦(ବନମାଳୀ ସେନାପତି):**

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରୁ ଏକ ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ ହେଉଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ତେଲ ଟ୍ୟାଙ୍କରକୁ ଜବତକରିବା ସହ ସେଥିରରୁ ୯ଟି ଗୋରୁ ଉଦ୍ଧାର କରାଯାଇଛି । ଆଳି ଅଞ୍ଚଳରେ ବିଳମ୍ବିତ ରାତିରେ ବାରମ୍ବାର ଗୋରୁ ଚାଲାଣ ହେଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଗତ ରାତିରେ ଗୋରୁ ଚାଲାଣକାରୀମାନେ ଅଭିନବ ଉପାୟରେ ପେଟ୍ରୋଲ ଓ ଡିଜେଲ ଆସୁଥିବା ଏକ ଟ୍ୟାଙ୍କରକୁ ବ୍ୟବହାରକରି ସେଥିରେ ୯ଟି ଗୋରୁଙ୍କୁ ପୂରାଇ କଟକ-ଚାନ୍ଦବାଲି ରାସ୍ତାରେ ଯାଉଥିବା ସମୟରେ ବାଳକାଟି ନିକଟ ଗଡଗଡି ସେତୁ ପାଖରେ ପୋଲିସ ପାଟ୍ରୋଲିଂ ଭ୍ୟାନ୍ ଟ୍ୟାଙ୍କରକୁ ଅଟକାଇବା ବେଳେ ଡ୍ରାଇଭର ଗାଡ଼ି ଛାଡ଼ି ଖସି ପଳାଇଯାଇଥିଲେ। ପୋଲିସ ଟ୍ୟାଙ୍କର ଜବତକରି ଥାନାକୁ ଆଣି ସେଥିରୁ ୯ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଆଳି ପୋଲିସ ଏକ ମାମଲା ରୁଜୁ କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ, ବିଗତ ଦିନରେ ମଧ୍ୟ ଗୋରୁ ଚାଲାଣ ବେଳେ ଧର୍ମରକ୍ଷା ସେନାର ସଦସ୍ୟମାନେ ଆଳି ବଜାର ଉପରୁ ଗୋରୁ ବୋଝେଇ କଣ୍ଟେନର ଧରି ପୋଲିସ ଜିମା ଦେଇଛନ୍ତି ।

# ଶାଶୁଘରେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ରାଜନଗର,୪ା୧୦ (ଭାସ୍କର ରାଉତରାୟ):**

## ମୃତଦେହ ଜବତ କଲେ ତହସିଲଦାର

ବିବାହର ୪ମାସ ପୂରିନି। ଶନିବାର ଶାଶୁଘରେ ନବବଧୂଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ରବିବାର ବ୍ୟବଚ୍ଛେଦ ପାଇଁ ଆଜି ପଠାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏନେଇ ରାଜନଗର ଥାନାରେ ନଂ.୨୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ କଣି ଗ୍ରାମର ଗୋବର୍ଦ୍ଧନ ପରିଡାଙ୍କ ଏକମାତ୍ର ଝିଅ ଗାୟତ୍ରୀ ପରିଡା(୨୪)ଙ୍କର ଚଳିତ ବର୍ଷ ଜୁନ ୧୮ରେ ବୈଦିକ ରୀତିନୀତି ଅନୁସାରେ ଏହି ବ୍ଲକ ହାତିନା ପଞ୍ଚାୟତ ପ୍ରସନ୍ନପୁରଗ୍ରାମର ଅଜୟ ପଲେଇଙ୍କ ପୁଅ ଶିଶିରଙ୍କ ସହିତ ବିବାହ ହୋଇଥିଲା। ଶନିବାର କୌଣସି କାରଣକୁ ନେଇ ଗାୟତ୍ରୀ ରଶି ଲଗାଇ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ମୃତ ଗାୟତ୍ରୀଙ୍କ ସ୍ୱାମୀ କିଛିଦିନ ତଳେ ଦୁବାଇରେ କାମ କରିବାକୁ ଯାଇଛନ୍ତି। ଗାୟତ୍ରୀଙ୍କ ବାପା ଗୋବର୍ଦ୍ଧନ ଅଭିଯୋଗରେ ଦର୍ଶାଇଛନ୍ତି, ମୋ ଝିଅ ଛାତିରେ ଅସହ୍ୟ ଯନ୍ତ୍ରଣା ହେବାରୁ ପଙ୍ଖାରେ ଧୋତି(ଲୁଗା) ଲଗାଇ ଆତ୍ମହତ୍ୟା କରିଛନ୍ତି । ଏ ଆତ୍ମହତ୍ୟା ଘଟଣାକୁ ନେଇ ସୋସିଆଲ ମିଡିଆରେ ମୃତ ନବବଧୂଙ୍କ ବାପା ଦେଇଥିବା ଆପତ୍ତିଜନକ ବୟାନ ଏହି ଘଟଣାକୁ ଭିନ୍ନ ରୂପ ଦେଇଛି ।


ଗାୟତ୍ରୀ ପରିଡା। (ଫାଇଲ ଫଟୋ)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com


@ କଳିଙ୍ଗ


@ କାହ୍ନା


@ ଶିବପ୍ରସାଦ


@ ଅନନ୍ୟା


@ ରୁଦ୍ରପ୍ରସାଦ


@ ଶିବଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ତାରିଖ ଘୁଞ୍ଚିଲା


ଦସ୍ତଖତ ଯାଞ୍ଚ ପାଇଁ ଆସିଥିବା ୱାର୍ଡ ସଭ୍ୟାସଭ୍ୟ ।

**ଯାଜପୁର ଟାଉନ,୪ା୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

ବିଞ୍ଝାରପୁର ବ୍ଲକ ଅଧୀନ ରଣପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ଜେନାଙ୍କ ବିରୋରଧରେ ଅନାସ୍ଥା ଆଣିଥିବା ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ପ୍ରକ୍ରିୟାର ତାରିଖ ଘୁଞ୍ଚାଇ ଦିଆଯାଇଛି । ଶନିବାର ଦସ୍ତଖତ ଯାଞ୍ଚ ହେବାକୁ ଥିଲା । ସେଥିପାଇଁ ୱାର୍ଡ ସଭ୍ୟାସଭ୍ୟ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ମାତ୍ର ଅନ୍ୟ ଏକ ଦିନରେ ଦସ୍ତଖତ ଯାଞ୍ଚ କରାଯିବ ବୋଲି ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ କହିଥିଲେ । ଫଳରେ ସେମାନେ ଫେରିଯାଇଥିଲେ ।
ସରପଞ୍ଚଙ୍କ ବିରୋଧରେ ଗତ ମାସେ ତଳେ ପଞ୍ଚାୟତର ୧୧ ୱାର୍ଡ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିବା ସହ ଉପଜିଲାପାଳଙ୍କ ନିକଟରେ ଦସ୍ତଖତ କରିଥିଲେ। ଏହି ୱାର୍ଡ ସଭ୍ୟାସଭ୍ୟଙ୍କ କହିବାନୁଯାୟୀ, ସରପଞ୍ଚ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହାନ୍ତି କି କାହାରି କଥା ଶୁଣୁନାହାନ୍ତି। ଏପରିକି ପଞ୍ଚାୟତର ଏକ ଭଲ ରାସ୍ତା ମଧ୍ୟ ନିର୍ମାଣ କରୁନାହାନ୍ତି। କେବଳ ନିଜ ମନ ମୁତାବକ କାର୍ଯ୍ୟ କରୁଛନ୍ତି। ବେଳେବେଳେ ୱାର୍ଡ ସଭ୍ୟଙ୍କଠାରୁ ସାଧା କାଗଜରେ ଦସ୍ତଖତ କରାଇ ନେଉଛନ୍ତି। ପଞ୍ଚାୟତର ଉନ୍ନତି ନାଁରେ ଅର୍ଥ ହଡ଼ପ କରି ନେଉଛନ୍ତି।

# ଏଲ୍‌ଏଓ ପଦବୀ ପାଇଁ ପୁଣି ବଦଳି ନିର୍ଦ୍ଦେଶ

## ରେଙ୍ଗାଲି ବହୁମୁଖୀ ଯୋଜନାର ସୁକିନ୍ଦା ପ୍ରକଳ୍ପ

- ବଦଳି ସ୍ଥାନରେ ଯୋଗଦେଲେନାହିଁ ତହସିଲଦାର
- ଜମି ଅଧିଗ୍ରହଣ ବିଳମ୍ବ, କାର୍ଯ୍ୟଶେଷ ଅବଧି ପୁଣି ୩ ବର୍ଷ ଘୁଞ୍ଚିଲା

**ଯାଜପୁର,୪ା୧୦ (ହର୍ଷବର୍ଦ୍ଧନ ବେହେରା)**

ରେଙ୍ଗାଲି ବହୁମୁଖୀ ଯୋଜନାର ସୁକିନ୍ଦା ପ୍ରକଳ୍ପରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ (ଏଲ୍‌ଏଓ) ନ ଥିବାରୁ କାର୍ଯ୍ୟ ଅଗ୍ରଗତି ନୈରାଶ୍ୟଜନକ ରହିଛି। ଫଳରେ ଏହାର ବାମପାର୍ଶ୍ୱ କେନାଲ ନିର୍ମାଣ ଶେଷ ଅବଧି ୨୦୨୬ ମାର୍ଚ୍ଚ ଧାର୍ଯ୍ୟ ଥିବାବେଳେ ତାହାକୁ ପୁଣି ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଗତ ପ୍ରୋଜେକ୍ଟ ଗର୍ଭିନିଂ କମିଟି(ପିଜିସି) ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ବିଶେଷକରି ପ୍ରାୟ ୧ ବର୍ଷ ହେବ ଏହି ପ୍ରକଳ୍ପର ଏଲ୍‌ଏଓ ହେବା ପାଇଁ କୌଣସି ଅଧିକାରୀ ଇଚ୍ଛୁକ ହେଉ ନ ଥିବାରୁ ଏଭଳି ସ୍ଥିତି ଦେଖା ଦେଇଛି।

ଯାଜପୁର ଜିଲା ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କୁ ରେଙ୍ଗାଲି ବହୁମୁଖୀ ଯୋଜନାର ସୁକିନ୍ଦା ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଭାବେ ବଦଳି ହୋଇଥିଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏଥିପାଇଁ ନୋଟିସ (ନଂ.୧୩୮୦୭/ଏସ୍‌ସିଏସ୍/୨୪ା୪ା୨୦୨୫) ପ୍ରକାଶ ପାଇଥିଲା। ତେବେ ନୋଟିସ ପ୍ରକାଶ ପାଇବାର ୫ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ତହସିଲଦାର ରାଉତ ରେଙ୍ଗାଲି ବହୁମୁଖୀ ଯୋଜନାର ସୁକିନ୍ଦା ପ୍ରକଳ୍ପରେ ଯୋଗଦେଲେ ନାହିଁ। ତେଣୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସୁବ୍ରତ କୁମାର ନାୟକ (ପତ୍ରସଂଖ୍ୟା ୧୫୧୨୦/୩ା୬ା୨୦୨୫) ସୁକିନ୍ଦା ପ୍ରକଳ୍ପରେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଅଭାବ ରହିଥିବା ଦର୍ଶାଇ ତୁରନ୍ତ ତହସିଲଦାର ରାଉତଙ୍କୁ ରିଲିଭ୍ କରିବାକୁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଯାଜପୁର ଜିଲାପାଳ ମଧ୍ୟ ସେହି ଅନୁରୋଧକୁ ରକ୍ଷା କରିପାରିଲେ ନାହିଁ। ଲକ୍ଷାଧିକ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ କରୁଥିବାବେଳେ ଏଠାରେ କେତେଜଣ ଅଧିକାରୀ ନିଜର ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଲେ ବୋଲି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏବେ ଏହି ପଦବୀରେ ଲକ୍ଷ୍ମୀପୋଷୀ ଆର୍ ଆଣ୍ଡ୍ ଆର୍ ପ୍ରକଳ୍ପ ନିର୍ଦ୍ଦେଶକ ମୁକୁଟମଣି ସେସ୍‌ଙ୍କୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅବସ୍ଥାପିତ (ନଂ.୨୭୬୭୯/୩ା୧୦ା୨୦୨୫) କରାଯାଇଛି। ତେବେ ଏହି ନିର୍ଦ୍ଦେଶ ବି କାମରେ ଲାଗିବ ନା ଧରାଧରି କରି ବଦଳି ନିର୍ଦ୍ଦେଶକୁ ବାତିଲ କରାଯିବ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି।


ରେଙ୍ଗାଲି କେନାଲ ।

ସୂଚନାଯୋଗ୍ୟ, ରେଙ୍ଗାଲି ପ୍ରକଳ୍ପ ପାଇଁ ୨୪୨ ଗ୍ରାମର ୨୬୭୬.୮୪ ଏକର ଜମିର ଆବଶ୍ୟକତା ରହିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ୨୩୧ ଗ୍ରାମର ୨୫୩୧.୧୬ ଏକର ଜମି ଅଧିଗ୍ରହଣ ହୋଇସାରିଛି। ବାକି ୧୧ ଗ୍ରାମର ୧୪୫.୬୫ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ତେବେ ବିଭାଗୀୟ ନିର୍ଦ୍ଦେଶକ ତୁରନ୍ତ ବାକିଥିବା ଜମି ଅଧିଗ୍ରହଣ କାର୍ଯ୍ୟ ସାରିବାକୁ ୧୦ା୪ା୨୦୨୫ରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାସ୍ତବରେ ବ୍ୟାପକ ଅନିୟମିତତା କାରଣରୁ ଉକ୍ତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ଏଥିପାଇଁ କେତେଜଣ ବିଭାଗୀୟ ଅଧିକାରୀଙ୍କୁ ପୂର୍ବରୁ ନିଲମ୍ବନ କରାଯାଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ତଦନ୍ତରେ ୪ ଜଣ ଜମି ଅଧିଗ୍ରହଣ ଅଧିକାରୀ ଓ କର୍ମଚାରୀ ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଚାଷୀଙ୍କ କ୍ଷତିପୂରଣ ଅର୍ଥ ହେରଫେର କରିଥିବା ଧରାପଡ଼ିଥିଲା। ଫଳରେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଆବଶ୍ୟକତା ଦୃଷ୍ଟିରୁ ବ୍ୟାସନଗର ତହସିଲଦାର ରାଉତଙ୍କୁ ସୁକିନ୍ଦା ପ୍ରକଳ୍ପ ପାଇଁ ବଦଳି ହୋଇଥିଲା। କିନ୍ତୁ ସେ ବଦଳି ସ୍ଥାନରେ ଯୋଗଦେଲେ ନାହିଁ। ଏହାର କାରଣ ଜାଣିବାକୁ ତହସିଲଦାର ରାଉତଙ୍କୁ ତାଙ୍କ ମୋବାଇଲ ଫୋନ୍‌କୁ ଶନିବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କଲ୍ ଗ୍ରହଣ କରି ନ ଥିଲେ।

# ନୂଆ ବସ୍‌ଷ୍ଟାଣ୍ଡକୁ ଗଡୁନି ବସ୍

■ଉଦ୍‌ଘାଟନର ସାଢ଼େ ୩ ବର୍ଷ ପରେ ହେଲାନି କାର୍ଯ୍ୟକ୍ଷମ
■ଆଗେ ବସ୍ ଯିବ ନା ଦୋକାନ ଖୋଲିବ ହୋଇପାରୁନି ସ୍ଥିର
■୨ ବସ୍‌ଷ୍ଟପ୍ ତିଆରିରେ ସମୟ ଗଡ଼ାଉଛନ୍ତି ଠିକାଦାର
■ଜାତୀୟ ରାଜପଥରେ ବସ୍ ପାର୍କିଂ ଟ୍ରାଫିକ୍‌କୁ କରୁଛି ବିପର୍ଯ୍ୟସ୍ତ
■ପାଣିରେ ପଡ଼ିଲା ୪ କୋଟି ୫୦ ଲକ୍ଷ ସରକାରୀ ଅନୁଦାନ

ନୟାଗଡ଼,୪।୧୦(ଲୋକନାଥ ମିଶ୍ର)

ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡ ସାଢ଼େ ୩ ବର୍ଷ ତଳେ ଉଦ୍‌ଘାଟନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଏହାକୁ କାର୍ଯ୍ୟକ୍ଷମ କରିବାକୁ ଜିଲା ପରିଷଦ ବୈଠକ, ମ୍ୟୁନିସିପାଲିଟି କାଉନ୍‌ସିଲ ବୈଠକ, ବିଧାୟକଙ୍କ ସମୀକ୍ଷା, ରୋଡ୍‌ସେଫ୍ଟି ଓ ଜିଲାପାଳଙ୍କ ସମୀକ୍ଷା ବୈଠକ କରାଯାଇ ବାରମ୍ବାର ଆଲୋଚନା ପରେ ବି ଫଳ ଶୂନ। ବସ୍‌ଗୁଡିକ ନୟାଗଡ ସହରର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ବ୍ରଜେନ୍ଦ୍ର ହାଇସ୍କୁଲ, ଗୋଲେଇ ଟ୍ରାଫିକ୍ ଛକ, ପୁରୁଣା କୋର୍ଟ ସମ୍ମୁଖ, ପୁରୁଣା ଜେଲ ଜମି ସମ୍ମୁଖ, ଏନ୍‌ଏସି ହାଇସ୍କୁଲ ସମ୍ମୁଖରେ ମନଇଚ୍ଛା ପାର୍କିଂ କରାଯାଉଛି। ଅନ୍ୟପଟେ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ନୂଆ ବସ୍‌ଷ୍ଟାଣ୍ଡକୁ ଆଗେ ବସ୍ ଯିବ ନାଁ ଆଗେ ଦୋକାନ ଘର ଖୋଲିବ ସେ ନେଇ ସ୍ଥିରୀକୃତ ହୋଇପାରୁନାହିଁ। ଦୋକାନ ନ ଖୋଲିଲେ ବସ୍ ଯିବା ସମ୍ଭବ ନୁହେଁ ବୋଲି ଯୁକ୍ତି ବଢ଼ା ଯାଉଛି। ସେପଟେ ବସ୍ ନ ଗଲେ ଆଗେ ଦୋକାନ ଖୋଲି କିପରି ଜାଣିଶୁଣି କ୍ଷତିର ସମ୍ମୁଖୀନ ହେବୁ ବୋଲି ବ୍ୟବସାୟୀମାନେ କହିଛନ୍ତି। ସେହିଭଳି ବସ୍ ମାଲିକଙ୍କ ଯୁକ୍ତିକୁ ମାନି ପ୍ରଶାସନ ୭ ଲକ୍ଷ ଟଙ୍କା ବ୍ୟୟରେ ୨ଟି ବସ୍ ଷ୍ଟପ୍ ନିର୍ମାଣ କରିବାକୁ ପଦକ୍ଷେପ ନେଇଥିଲେ।




ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖରେ ୬୦ ପ୍ରତିଶତ ବସ୍‌ଷ୍ଟପ୍‌ର କାମ ଶେଷ ହୋଇଥିବାବେଳେ ନାରାୟଣୀ ପାର୍କ ସମ୍ମୁଖରେ ବସ୍‌ଷ୍ଟପ୍ କାମ ଆରମ୍ଭ ହୋଇପାରୁନାହିଁ। କେବଳ ଗଛ କାଟି ଦାୟିତ୍ୱ ଶେଷ କରି ଦିଆଯାଇଛି। ଦୁଇ ବସ୍ ଷ୍ଟପ୍ କାମ ଏବେବି ପ୍ରାୟ ୬ମାସ ହେଲା ପଡି ରହିଛି।

ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହେବାରୁ ସେଠାରେ ତିଆରି ହୋଇଥିବା ଦୋକାନ ଘର ଗୁଡିକ ନଷ୍ଟ ହେବାକୁ ବସିଲାଣି। ଅଳ୍ପ କେତେକ ଦୋକାନକୁ ଛାଡିଦେଲେ ପ୍ରାୟ ୯୮ ପ୍ରତିଶତ ଦୋକାନ ଖୋଲୁନାହିଁ। ସେହିପରି ଯାତ୍ରୀଙ୍କ ସୁରକ୍ଷା ପାଇଁ ପୋଲିସ ଫାଣ୍ଡି ପ୍ରତିଷ୍ଠ ଶିତଳ ଭଣ୍ଡାରକୁ ଚାଲିଗଲା। ନୟାଗଡ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଆଞ୍ଚଳିକ ପରିବହନ ବିଭାଗ ଓ ବସ୍ ଆସୋସିଏଶନ ମଧ୍ୟରେ ସମନ୍ୱୟ ନ ଥିବାରୁ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା କୁହାଯାଉଛି। ଏଣୁ ନୂଆ ବସ୍‌ଷ୍ଟାଣ୍ଡରେ ଖର୍ଚ୍ଚ ହୋଇଥିବା ୪ କୋଟି ୫୦ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ଅଭିଯୋଗ ଉଠିଛି। ଏନେଇ କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ନୂଆ ବସ୍‌ଷ୍ଟାଣ୍ଡ ୨୨।୧୧।୨୧ରେ ଉଦ୍‌ଘାଟନ କରାଯାଇଥଲା। ଏହି ସମୟରେ ମନ୍ତ୍ରୀ, ନେତା, ସରକାରୀ ପଦାଧିକାରୀ ବଡ ଭାଷଣବାଜି ମାରିଥିଲେ। ହେଲେ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରି ନ ପାରିବାରୁ ବ୍ୟୟ ହୋଇଥିବା ସରକାରୀ ଅନୁଦାନ ପାଣିରେ ପଡିଲା। ଯଦି ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଇବାର ନ ଥିଲା ତେବେ ଲକ୍ଷାଧିକ ଟଙ୍କା ବ୍ୟୟକରି ପୁନରୁଦ୍ଧାର କରାଯିବା ଠିକ୍ ହେଲାନାହିଁ। ପୂର୍ବରୁ କଳାହାଣ୍ଡି ମୌଜାରେ ବସ୍‌ଷ୍ଟାଣ୍ଡ ଥିଲା। ନୟାଗଡ ବ୍ଲକ କଳାହାଣ୍ଡି ମୌଜାକୁ ନୟାଗଡ ସହରକୁ ଅଣାଯାଇ ୨ ବର୍ଷ ତଳେ ପୁନରୁଦ୍ଧାର କରାଗଲା। ଆଗରୁ ଯେପରି ବସ୍ ଯାଉ ନ ଥିଲା ଏବେ ପୁଣି ପୂର୍ବବତ ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ଯାଉନାହିଁ। ଏହାର ବିଚାରକରି ନୂଆ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯିବା ଦରକାର। ବିଜେଡି ନେତା ତଥା ନୟାଗଡ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା କୁହନ୍ତି, ବସ୍ ଆସୋସିଏଶନ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲାପାଳ ଓ ପୋଲିସ ଆଗ୍ରହ ପ୍ରକାଶ ନ କଲେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ବସ୍‌ଷ୍ଟାଣ୍ଡକୁ ବସ୍ ଯିବାକୁ ସାଢ଼େ ୩ବର୍ଷ ଧରି କୁହାଯାଉଥିବା ବେଳେ ନୟାଗଡ ପୁରୁଣା ଜେଲ ଜମି ସମ୍ମୁଖ ରାଜପଥ ଉପରେ ଦୁଇଟି ବସ୍ ରଖିଦେଲା ପରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଲୋକେ ପ୍ରତେକ ଦିନ ହଇରାଣ ହେଉଥିଲେ ହେଁ ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି କହିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ନୂଆ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ବାରମ୍ବାର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି, ଜିଲାପାଳ ବି ସମୀକ୍ଷା କରିଛନ୍ତି। ହେଲେ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେବେ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ଖଣ୍ଡପଡ଼ା ୪ ନଂ. ୱାର୍ଡ କାଉନ୍‌ସିଲର ଗିରଫ

### ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ କେଲେଙ୍କାରି



ଯତୀନ କୁମାର ଦଳେଇ

ଖଣ୍ଡପଡ଼ା ୪।୧୦
(ଅଜୟ କୁମାର ମହାରଣା)

ପୋଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଜାଲିଆତି ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଖଣ୍ଡପଡା ସହର ୪ ନଂ. ୱାର୍ଡ କାଉନ୍‌ସିଲର ଯତୀନ କୁମାର ଦଳେଇଙ୍କୁ ବୁଧବାର ଗିରଫ କରିଛି।

ସୂଚନାନୁଯାୟୀ, ପୋଲିସ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ଜାଲିଆତିରେ ଯତୀନ ସମ୍ପୃକ୍ତ ଥିବା ନେଇ ଗଞ୍ଜାମ ଜିଲା ଗୋଳନ୍ଥରା ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ରାତାରାତି ଚାକିରି ଲୋଭରେ ଯତୀନ ପରୀକ୍ଷା ପରିଚାଳନା କରୁଥିବା ଘରୋଇ ସଂସ୍ଥାକୁ ଅର୍ଥ ଦେବାସହ ତାଲିମ ନେବାକୁ ଅନ୍ୟ ପରୀକ୍ଷାର୍ଥୀଙ୍କ ସହ ମିଳିତ ହୋଇ ଆନ୍ଧ୍ରପ୍ରଦେଶକୁ ଯାଉଥିବା ନେଇ ଜଣାପଡିଥିଲା। ତେବେ ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୧୭ ପରୀକ୍ଷାର୍ଥୀଙ୍କୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ପୋଲିସ ଗିରଫ କରିଥିଲା। ସେହିପରି ଗଞ୍ଜାମ ଜିଲା ଗୋଳନ୍ଥରା ପୋଲିସ ଅନ୍ୟ ପରୀକ୍ଷାର୍ଥୀଙ୍କ ସହ କାଉନସିଲର ଯତୀନଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୨୦୨୨ରେ ଅନୁଷ୍ଠିତ ପୌର ନିର୍ବାଚନରେ ଯତୀନ ବିଜେଡିର କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ।

## ଫାଇନାଲରେ ପଙ୍ଗାରସିଂହ କ୍ରିକେଟ କ୍ଲବ୍




ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା,୪।୧୦(ଅଜୟ କୁମାର ମହାରଣା)

### ବନମାଳିପୁର ବାର୍ଷିକ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା ବ୍ଲକ୍ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶନିବାର ମ୍ୟାଚରେ ପଙ୍ଗାରସିଂହ କ୍ରିକେଟ କ୍ଲବ ବନମାଳିପୁର ଆଞ୍ଚଳିକ କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଟସ୍ ଜିତି ପଙ୍ଗାରସିଂହ କ୍ଲବ୍ ୨୦ ଓଭରରେ ୪ ଉଇକେଟ ହରାଇ ୧୯୦ ରନ କରିଥିଲା । ଜବାବରେ ଘରୋଇ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ୮ ଉଇକେଟ ହରାଇ ୧୬୪ ରନ କରିବା ସହିତ ପରାସ୍ତ ହୋଇଥିଲା। ଘରୋଇ ଦଳର ଦତ୍ତାତ୍ରେୟ ତ୍ରିପାଠୀ ୫୪ ବଲରେ ୭୪ ରନର ଲଢୁଆ ପାଳି ଖେଳିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରି ନ ଥିଲେ। ବିଜୟୀ ଦଳର ଟୁନୁ ଖଟୁଆ ୬୧ ବଲରେ ୮୧ ରନ ଏବଂ ବୋଲିଂରେ ୪ ଉଇକେଟ ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ମ୍ୟାଚରେ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ତ୍ରିପାଠୀ ଉପସ୍ଥିତ ରହି ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଖେଳକୁ ଦିଲୀପ କୁମାର ସାହୁ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଭାବେ ସୂଚନା ପ୍ରଦାନ କରିଥିଲେ । ରବିବାର ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧା ପଙ୍ଗାରସିଂହ କ୍ଲବ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

## ଷ୍ଟେଶନ ପ୍ଲାଟ୍‌ଫର୍ମରେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ

ଦଶପଲ୍ଲା,୪।୧୦(ପ୍ରକାଶ କୁମାର ପାଣି)

ଦଶପଲ୍ଲା ରେଳଷ୍ଟେଶନ ପ୍ଲାଟ ଫର୍ମରେ ଶନିବାର ଅପରାହ୍ନରେ ଜୈନିକ ଅଚିହ୍ନା ବ୍ୟକ୍ତିର ମୃତ୍ୟୁ ହୋଇଥିବା ଜଣାଯାଇଛି। ପ୍ଲାଟ ଫର୍ମରରେ ବ୍ୟକ୍ତି ଜଣଙ୍କ ପଡ଼ିଥିବା ବେଳେ ତାଙ୍କୁ ଆମ୍ବୁଲାନ୍ସରେ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତାଙ୍କର କିପରି ମୃତ୍ୟୁ ହେଲା ଜଣାପଡିନାହିଁ। ବ୍ୟକ୍ତିଜଣକ କିଛି ଦିନ ହେଲା ସେଠାରେ ବୁଲାବୁଲି କରୁଥିଲେ ବୋଲି ସ୍ଥାନୀୟ ଲୋକଙ୍କଠାରୁ ଜଣାଯାଇଛି। ତେବେ ତାଙ୍କ ପରିଚୟ ମିଳିନାହିଁ। ଦଶପଲ୍ଲା ଡ଼ାକ୍ତରଖାନାରେ ମୃତଦେହ ଥିବା ଜଣାଯାଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟାଦଶମୀ ଉତ୍ସବ

ନୂଆଗାଁ, ୪।୧୦(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଶନିବାର ନୂଆଗାଁ ଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ତଥା ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଶାରୀରିକ (ସୂର୍ଯ୍ୟ ନମସ୍କାର, ଯୋଗ, ଆସନ) ବୌଦ୍ଧିକ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଚରଣ ନାୟକ (ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ), ମୁଖ୍ୟ ବକ୍ତା ଗୋପାଳ ଚନ୍ଦ୍ର ସ୍ୱାଇଁ (ନୟାଗଡ଼ ଜିଲା ବୌଦ୍ଧିକ ପ୍ରମୁଖ) ଏବଂ ନୂଆଗାଁର ବରିଷ୍ଠ ବୁଦ୍ଧିଜୀବୀଙ୍କ ସହ ସ୍ୱୟଂ ସେବକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆରଏସ୍‌ଏସ୍ ନୂଆଗାଁ ଖଣ୍ଡ କାର୍ଯ୍ୟବାହ ସଞ୍ଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଏକ ସମରସ ଏବଂ ସାଙ୍ଗଠିତ ହିନ୍ଦୁ ସମାଜ ନିର୍ମାଣର ସଂକଳ୍ପ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମ ସମସ୍ତ ଗ୍ରାମରେ ଅନୁଷ୍ଠିତ କରିବା ପାଇଁ ସୂଚନା ଦିଆଯାଇଥିଲା।

## କିଙ୍ଗ୍ କୋବ୍ରା ଦଂଶନରେ ସାପଧରାଳି ଗୁରୁତର

### ଅଭିଜ୍ଞତା ନ ଥିବା ବ୍ୟକ୍ତିଙ୍କୁ କରାଯାଇଥିଲା ନିୟୋଜିତ

ନୟାଗଡ/ରଣପୁର,୪।୧୦(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ରଣପୁର ଅଞ୍ଚଳରେ ୧୨ ଫୁଟ ଲମ୍ବର ଏକ କିଙ୍ଗ୍ କୋବ୍ରା ସାପ କାମୁଡାରେ ମଝିଆଖଣ୍ଡ ପଞ୍ଚାୟତ ସିନ୍ଦୁରିଆ ଗାଁର ଅଭିଜ୍ଞତା ନ ଥିବା ସାପଧରାଳୀ ପ୍ରଦୀପ୍ତ ପରିଡା(୫୨) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେପଟେ ସାପଧରାଳୀ ଗୁରୁତର ହେବାବେଳେ ବନବିଭାଗ ଦୋଷ ଛଡାଇ ଖସିଯିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ସୂଚନା ଅନୁସାରେ, ରଣପୁରର ମା' ମଣିନାଗ ପାହାଡ ନିକଟସ୍ଥ ଶହୀଦ ଅର୍ଜୁନ ରାଉତ ପାର୍କର ଏକ ଅର୍ଦ୍ଧ ନିର୍ମିତ ପାଣିକୁଣ୍ଡ ଭିତରେ ୧୨ ଫୁଟ ଲମ୍ବର ଏକ କିଙ୍ଗ୍



କୋବ୍ରା ସାପ ରହିଥିବା ଶୁକ୍ରବାର ସକାଳେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକ ପାର୍କ ବୁଲୁଥିବା ବେଳେ ବ୍ଲାକ କୋବ୍ରା ସମ୍ପର୍କରେ ଜଣାପଡିଥିଲା। ଏ ସମ୍ପର୍କରେ ପାର୍କ ପରିଚାଳନା କରୁଥିବା କିଛି କର୍ମଚାରୀ ଏନ୍‌ଏସିକୁ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏନଏସି କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ବନବିଭାଗକୁ ଜଣାଇବା ପରେ ରଣପୁର ବନବିଭାଗ ପକ୍ଷରୁ ସାପ ଉଦ୍ଧାର କରିବାକୁ ପ୍ରଚେଷ୍ଟା ହୋଇଥିଲା। ପ୍ରଦୀପ୍ତ ପରିଡା ନାମକ ଜଣେ ସାପ ଧରାଳୀଙ୍କୁ ବନବିଭାଗ ନିୟୋଜିତ କରିଥିଲେ। ପ୍ରଦୀପ୍ତ ଜଣେ ସହଯୋଗୀ ଓ ବନବିଭାଗ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାପଧରାଳୀ ଯାନ୍ତ୍ରିକ ବାଡି ଦ୍ୱାରା ସାପ ଧରିବାର ଦୃଶ୍ୟ ଅନେକକୁ ବିସ୍ମିତ କରିଥିଲା। ଧରିବାର ତରିକା ଠିକ୍ ନ ଥିବାରୁ ବିଭିନ୍ନ ସମୟରେ ଦାପଟି ଧରାଳିଙ୍କୁ କାମୁଡିବାକୁ ପ୍ରଚେଷ୍ଟା କରିଥିଲା। କିଛି ସମୟ ପରେ ସାପଟିକୁ ଧରାଳୀ ଓ ସହଯୋଗୀ କୁଣ୍ଡରୁ କାଢ଼ି ମାଟି ଉପରକୁ ଆଣିବା ବେଳେ ବାରମ୍ବାର ଗୋଡ ରଖୁଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଧରାଳି ସାପଟକୁ କନା ମୁଣିରେ ରଖି ବାଇକ୍ ଯୋଗେ ରଣପୁରର ଏକ ଜଙ୍ଗଲକୁ ଯାଇଥିଲେ। ସେପଟେ ବନବିଭାଗର କର୍ମଚାରୀ ସାଥିରେ ନ ଯାଇ ଗାଡି ଯୋଗେ ଅଫିସକୁ ଫେରିଯାଇଥିଲେ। ଜଙ୍ଗଲରେ ଛାଡୁଥିବା ବେଳେ ଧରାଳିଙ୍କ ଡାହାଣ ହାତ ବିଶି ଆଙ୍ଗୁଠିକୁ ସାପଟି କାମୁଡି ଦେଇଥିଲା। ଖବର ପାଇ ପରିବାର ଲୋକେ ପ୍ରଦୀପ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେପଟେ ପ୍ରଦୀପ୍ତ ଜଣେ ରାଜମିସ୍ତ୍ରି ହୋଇଥିବାବେଳେ କିଛି ଦିନ ହେବ ସାପ ଧରିବାର କୌଶଳ ଶିକ୍ଷା କରୁଥିବା ସାଧାରଣରେ ଆଲୋଚନା ହେଉଛି।

## ମା' ଦୁର୍ଗାଙ୍କ ଭସାଣି ଉତ୍ସବ, ରାବଣ ପୋଡ଼ି

ଭାପୁର,୪।୧୦(ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ମା'ଦୁର୍ଗାଙ୍କ ଭସାଣି ଓ ରାବଣ ପୋଡ଼ି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରବୀନ୍ଦ୍ରନାଥ ସାହୁଙ୍କ ପୌରହିତ୍ୟରେ ପଦ୍ମାବତୀ ଜଗନ୍ନାଥ ମନ୍ଦିର ସାମ୍ମୁଖରେ ସଭା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ମୁଖ୍ୟବକ୍ତା ପ୍ରଧାପକ ଡକ୍ଟର ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ଗ୍ରାମ୍ୟ କମିଟି ଉପଦେଷ୍ଟା ରବୀନ୍ଦ୍ର ନାଥ ସାହୁ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ସାହୁ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ



ଦଶହରା ଭସାଣି ଉତ୍ସବରେ ଯୋଗଦେଇଥିବା ଅତିଥି ।

ପ୍ରମୁଖ ଅତିଥି ମଞ୍ଚାସୀନ ଥିଲେ।

ଉତ୍ସବରେ ୧୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ। ତଳମାରଡା ମୌଜା ଓ ପଦ୍ମାବତୀ ଗାଁ ମଧ୍ୟରେ ବିବାଦ ଯୋଗୁ ସବୁ ବର୍ଷ ଧରି ତଳମାରଡା ଖେଳ ପଡ଼ିଆରେ ଏଥର ଭସାଣି ଉତ୍ସବ ହୋଇ ପାରି ନ ଥିଲା। ପଦ୍ମାବତୀ ଗାଁ ଦାଣ୍ଡରେ ଏକା ସାଙ୍ଗେ ୧୪ ମେଢ ଏକାଠି ହୋଇ ଗୋଟିଏ ପରେ ଗୋଟିଏ ବିସର୍ଜନ ଅଭିମୁଖେ ମହାନଦୀର ଘାଟକୁ ଯାତ୍ରା କରିଥିଲେ।

ପଦ୍ମାବତୀର ଏହି ପର୍ବକୁ ନୟାଗଡ଼ ଜିଲାର ଏକ ପ୍ରମୁଖ ପର୍ବ ଭାବେ ଘୋଷଣା କରିବାକୁ ଗ୍ରାମ୍ୟ କମିଟି, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ପ୍ରଶାସନକୁ ଅନୁରୋଧ କରିଥିଲେ। ଏହି ଅବସରରେ ପଦ୍ମାବତୀ ଗ୍ରାମରେ ବିଭିନ୍ନ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ୪୦ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଅଗ୍ନି ସଂଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡାଙ୍କ ନେତୃତ୍ୱରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କଳିଙ୍ଗ




@ କାହ୍ନା



@ ଶିବପ୍ରସାଦ



@ ଅନନ୍ୟା



@ ରୁଦ୍ରପ୍ରସାଦ



@ ଶିବଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକ ମୃତ

କାଳିଆପାଣି,୪ା୧୦(ଅସିତ ମହାନ୍ତ): କାଳିଆପାଣି ଥାନା ଅନ୍ତର୍ଗତ ଭୀମଟାଙ୍ଗର ଗ୍ରାମ ନିକଟରେ ଶୁକ୍ରବାର ରାତି ପ୍ରାୟ ୧ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଉକ୍ତ ଥାନା କାଙ୍କଡ଼ପାଳ ପଞ୍ଚାୟତ ନୂଆପାଣି ଗ୍ରାମର ଯୁବକ ଜଗ ମୁଣ୍ଡା(୨୭)ଙ୍କ ମୃତ୍ୟୁ ହୋଇଛି। ସେ ଏକ ବାଇକ୍ ଓଡ଼ି୦୬ଇ୮୮୪୦ ନମ୍ବର ଯୋଗେ ନିଜ ଗାଁକୁ ଫେରୁଥିବାବେଳେ ଭୀମଟାଙ୍ଗର ଗ୍ରାମ ନିକଟ ହମ୍ପରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡର ପଛ ପଟେ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ କାଳିଆପାଣି ଥାନା ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୧୧୪/୨୫ ରୁଜୁ ହୋଇଛି।

### ଯୁବକଙ୍କୁ ମାଡ଼ମାରି ଟଙ୍କା ଛଡ଼ାଇନେଲେ

କାଏମା,୪ା୧୦(ଶିବପ୍ରାସାଦ ମହାନ୍ତି): ଧର୍ମଶାଳା ଥାନା ଅନ୍ତର୍ଗତ କାନପୁର ନିକଟରେ ଶନିବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ୩ ଯୁବକ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇଛନ୍ତି। ଆକ୍ରମଣର ଶିକାର ଯୁବକ ହେଲେ କଟକ ସାଲେପୁର ଅଞ୍ଚଳର ମାନସ ଓଝା। ସେ ଧର୍ମଶାଳା ଥାନା ଅଧୀନ ଥାନୁଆଳ ଅଞ୍ଚଳରେ ଥିବା ବନ୍ଧୁଘରକୁ ବୁଲିବା ପାଇଁ ଦୁଇ ଦିନ ହେଲା ଆସିଥିଲେ। ରାତିରେ କୌଣସି କାର୍ଯ୍ୟରେ ଜାରକା ବାଜର ଆସି ଏଟିଏମରୁ ଟଙ୍କା ଉଠାଇ ଏକ ବୁଲେଟରେ ଫେରୁଥିଲେ। ନାକପୋଲ ଲକ ଛକ ନିକଟରୁ ଏକ ବାଇକ୍ ଯୋଗେ ୩ ଯୁବକ ତାଙ୍କୁ ପିଛା କରି କାନପୁର ନିକଟରେ ଅଟକାଇଥିଲେ। ପରେ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଛଡ଼ାଇ ନେବା ପାଇଁ ଉଦ୍ୟମ କରିଥିଲେ। ଏହା ନ ହେବାରୁ ତାଙ୍କଠାରୁ ୧୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଛଡ଼ାଇ ନେଇଥିଲେ। ଯୁବକ ଜଣକ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣା ସ୍ଥଳକୁ ଯାଇ ତନାଘନା ଚଳାଇଥିବା ସୂଚନା ମିଳିଛି।

### ଗୋଟିଏ ରାତିରେ ୩ ସ୍ଥାନରୁ ଲୁଟ୍

ଧର୍ମଶାଳା,୪ା୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଜାରକା ବଜାର ନିକଟ ଜାମୁବଣିଆ ଓ ପଣ୍ଡୁଆ ମୌଜାର ୩ ସ୍ଥାନରୁ ଗୋଟିଏ ରାତିରେ ଲୁଟ୍ ହୋଇଛି। ଜାମୁବଣିଆ ମୌଜାର ଅବସରପ୍ରାପ୍ତ ଶିକ୍ଷକ ଭାନୁଦେବ ପତି ଓ ଅନ୍ୟତମ ଅବସରପ୍ରାପ୍ତ ଶିକ୍ଷକ ପ୍ରଦ୍ୟୁମ୍ନ ନାୟକ ଗୋଟିଏ ଘରର ତଳ ଓ ଉପର ମହଲାରେ ଭଡ଼ା ରହୁଛନ୍ତି। ଦୁର୍ଗାପୂଜା ପାଇଁ ଉଭୟ ପରିବାର ଚାବି ପକାଇ ଘରକୁ ଯାଇଥିବାବେଳେ ଶୁକ୍ରବାର ରାତିରେ ଦୁର୍ବୃତ୍ତ ଉଭୟଙ୍କ ଗ୍ରୀଲ୍ ଭାଙ୍ଗି ଘରେ ପଶି ଭାନୁଦେବ ରଖିଥିବା ୧୫ ଭରି ସୁନା ଅଳଙ୍କାର ସହ ନଗଦ ୭୦ ହଜାର ଟଙ୍କା ଓ ପ୍ରଦ୍ୟୁମ୍ନଙ୍କ ଘରୁ ୫ଭରି ସୁନା ଅଳଙ୍କାର ସହ ନଗଦ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି।

ଏନେଇ ଥାନାରେ ଭାନୁଦେବ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଝିଅ ବିବାହ ପାଇଁ ସୁନା ଅଳଙ୍କାର କିଣି ରଖିଥିଲେ ଓ ପୁଅ ସଦ୍ୟ ବିବାହିତ ହୋଇଥିବାରୁ ତାଙ୍କ ସ୍ତ୍ରୀ ସୁନା ଅଳଙ୍କାର ଆଣିଥିଲେ। ସେସବୁକୁ ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ଏହାର ଅନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ। ସେହିପରି ଜାମୁବଣିଆ ମୌଜାକୁ ଲାଗିଥିବା ପଣ୍ଡୁଆ ମୌଜାରେ ଭଡ଼ାରେ ରହୁଥିବା ଅବସରପ୍ରାପ୍ତ ଅଧ୍ୟାପକ ଚନ୍ଦ୍ରମଣି ନାୟକଙ୍କ ଘରେ ପଶି ଦୁର୍ବୃତ୍ତ ନଗଦ ୨୦ହଜାର ଟଙ୍କା ସହ ୫ଭରି ରୁପା ଅଳଙ୍କାର ଓ କେତେକ ଶାଢ଼ି ଲୁଟି ନେଇଛନ୍ତି। ଏନେଇ ପୋଲିସ ନଂ.୬୨୧/୨୫ରେ ଏକ ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଓ ସିସିଟିଭି କ୍ୟାମେରାକୁ ଆଧାର କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାରକା ଓ କୁମାରୀ ମୌଜାରେ ଅନେକ ଲୋକ ଭଡ଼ା ଘରେ ରହୁଛନ୍ତି। ସେମାନେ ବିଭିନ୍ନ ସମୟରେ ନିଜ ଘରକୁ ଯାଉଥିବା ଖବରପାଇ ଦୁର୍ବୃତ୍ତ ଲୁଟ୍‌ପାଟ୍ କରିବାରେ ସଫଳ ହେଉଛନ୍ତି। ଗତ ୩ମାସ ମଧ୍ୟରେ ଏଠାରେ ୧୫ରୁ ଊର୍ଦ୍ଧ୍ୱ ଲୁଟ୍ ହୋଇଛି। ହେଲେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ପୋଖରୀ ଉଚ୍ଛୁଳି ରାସ୍ତାରେ ଜମିଲା ପାଣି

■ ଯାତାୟାତ ବାଧାପ୍ରାପ୍ତ
■ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ଦାବି

କାଏମା,୪ା୧୦(ଶିବପ୍ରାସାଦ ମହାନ୍ତି):

ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତର ଡିଗିରିପଡ଼ିଆ ଗ୍ରାମ ସମ୍ମୁଖ ରାସ୍ତାକୁ ପୋଖରୀ ଉଚ୍ଛୁଳି ପାଣି ମାଡ଼ି ଆସିଛି। ଫଳରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାରମ୍ବାର ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ପୋଖରୀ ପୂରିଯାଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଦିନକୁ ଦିନ ଲୋକ ସଂଖ୍ୟା ବଢ଼ିବା ସଙ୍ଗେସଙ୍ଗେ ନୂତନ ଘର ନିର୍ମାଣ ଚାଲିଛି। ଫଳରେ ବିଲ ବାରି ଭଳି ଫାଙ୍କା ସ୍ଥାନଗୁଡ଼ିକ ପୋତାଯାଇ ଘର କରାଯାଉଛି। ପାଣି ଯିବା ପାଇଁ ବ୍ୟବସ୍ଥା କରାଯାଉନାହିଁ। ଏଥିଯୋଗୁ ରାସ୍ତା ଉପରେ ପାଣି ଜମି ରହୁଛି। ତେଣୁ କେତେବେଳେ ଯେ ବଡ଼ ଅଘଟଣ ଘଟିବ ତାହାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଶାସନ ତୁରନ୍ତ ଏହା ଉପରେ ଦୃଷ୍ଟିଦେବା ସହ ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଡ୍ରେନେଜ୍ ବ୍ୟବସ୍ଥା କରାଗଲେ ସମସ୍ୟା ଦୂର ହୋଇ ପାରନ୍ତା ବୋଲି ମତପ୍ରକାଶ ପାଇଛି।



ରାସ୍ତାରେ ପାଣି ଜମିରହିଛି।

ଡିଗିରିପଡ଼ିଆ ଗାଁରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଏଥିସହିତ ଏହି ଗାଁ ମଧ ଦେଇ ସ୍ଥାନୀୟ ଗୋଗଳ, ଅରଖପଦା, ଅବଦନ ଗାଁ ଏବଂ ଭୁବନ ପଞ୍ଚାୟତର ଲୋକେ କାଏମା ବଜାରକୁ ଯାତାୟାତ କରୁଛନ୍ତି। କାଏମା ବଜାରରେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ଥିବାରୁ ହଜାରହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ସେଥିପାଇଁ ବହୁ ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ଏହି ଗାଁ ରାସ୍ତାକୁ କଂକ୍ରିଟ କରାଯାଇଛି। ମାତ୍ର ଏବେ ରାସ୍ତାକୁ ପୋଖରୀ ପାଣି ମାଡ଼ି ଆସିବାରୁ ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଗାଁର ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର କେତେଜଣ ଯୁବକ ମିଳିତ ଉଦ୍ୟମ କରି ପାଣି ଯିବା ପାଇଁ ବ୍ୟବସ୍ଥା କରିଥିଲେ। ହେଲେ ତାହା ସଫଳ ହୋଇ ପାରିନାହିଁ। ପୋଖରୀ ଏବଂ ରାସ୍ତା ଉପରେ ଜମି ରହିଥିବା ପାଣିର ଲେଭଲ ସମାନ ହୋଇ ଯିବାରୁ ପୋଖରୀ ଓ ରାସ୍ତା ଜାଣିବା ସମ୍ଭବ ହୋଇ ପାରୁନାହିଁ। ଫଳରେ ଏହା ଦୁର୍ଘଟଣା ଆଶଙ୍କା ବଢ଼ାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ସତ୍ୟବ୍ରତ ଜିଲା ବିଜେଡି ସୋସିଆଲ ମିଡିଆ କୋଅର୍ଡିନେଟର

ଚଣ୍ଡିଖୋଲ,୪ା୧୦ (ପ୍ରଦୀପ୍ତ କୁମାର ପୃଷ୍ଟି):



ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ କୁନ୍ଦଳ ପଞ୍ଚାୟତର ସତ୍ୟବ୍ରତ ସାମଲଙ୍କୁ ଯାଜପୁର ଜିଲା ବିଜେଡି ସୋସିଆଲ ମିଡିଆ କୋଅର୍ଡିନେଟର ଭାବେ ନିଯୁକ୍ତି କରାଯାଇଛି। ଏହି ଘୋଷଣା ପରେ ବଡ଼ଚଣା ବିଜେଡିର ସୋସିଆଲ ମିଡିଆ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ଅନ୍ୟପକ୍ଷରେ ଏହି ନିଯୁକ୍ତି ପରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ପ୍ରମିଳା ମଲ୍ଲିକ, କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଣବ ବଳବନ୍ତରାୟ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବିଧାୟିକା ସୁଜାତା ସାହୁ, ଭବପ୍ରକାଶ ଦାସ, ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ଯୁବ ସଭାପତି ପ୍ରତାପ ମାହାନ୍ତିଙ୍କୁ ସତ୍ୟବ୍ରତ କୃତଜ୍ଞତା ଜଣାଇଛନ୍ତି। ସେହିପରି ବଡ଼ଚଣା ବିଜେଡି ପକ୍ଷରୁ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବଡ଼ଚଣା ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ପ୍ରହ୍ଲାଦ ନନ୍ଦ, ଜ୍ଞାନରଞ୍ଜନ ସାହୁ, ଧନେଶ୍ୱର ବେହେରା, ଆଶିଷ ରଞ୍ଜନ ଚୌଧୁରୀ, ପବନେଶ୍ୱର ଜେନା, ସୂର୍ଯ୍ୟକାନ୍ତ ପରିଡ଼ା, ଦେବେନ୍ଦ୍ର ଜେନା, ନିରଞ୍ଜନ ବିଶ୍ୱାଳ, ଧୂଳେଶ୍ୱର ଦାସ, ପ୍ରଦୀପ୍ତ ମହାନ୍ତି, ସଞ୍ଜୀବ ସାମଲ, ତୁଷାର ପଣ୍ଡା, ସନ୍ତୋଷ ସାହୁ, କମରୁଜ ଖାଁ, ନିହାର ମହାପାତ୍ର, ମିହିର ରାଉତ, ସାଗର ସାହୁ, ସୁଶାନ୍ତ ସାହୁ, ଜୟ ପ୍ରକାଶ ସାମଲ, ନିରଞ୍ଜନ ସ୍ୱାଇଁ, କାହ୍ନୁ ଚରଣ ରାଉତ, ଅଜିତ ସିଂରାଜପୁତ, ଶ୍ରୀକାନ୍ତ ସାମଲ, ତ୍ରିନାଥ ସାମଲ, ସୌଭାଗ୍ୟ ବେହେରା, ସ୍ମୃତିରଞ୍ଜନ ଜେନା, ଅଭିମନ୍ୟୁ ପ୍ରଧାନ, ସସ୍ମିତା ଜେନା, ମହମ୍ମଦ ଇମ୍ରାନ, ଅମରେଶ ସେଠୀ, ସଞ୍ଜୟ ଦାସ, ଅନ୍ନପୂର୍ଣ୍ଣା ବେହେରା, ଅବିନାଶ ସ୍ୱାଇଁ, ଅଜୟ ବଳ, ସନାତନ ଜେନା, ନିରଞ୍ଜନ ସାମଲ, ଶଶିଭୂଷଣ ଦାସ, ଜଗବନ୍ଧୁ ଶୁକ୍ଳା ଓ ଅକ୍ଷୟ କୁମାର ଲେଙ୍କାଙ୍କ ପ୍ରମୁଖ ଦଳର ରାଜ୍ୟ ସଭାପତି ଓ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ବଡ଼ଚଣା,୪ା୧୦(ଦିଲୀପ କୁମାର ମହାନ୍ତି):

ଯାଜପୁର ଜିଲାପାଳ ଅମ୍ବର କୁମାର କର ଶନିବାର ବଡ଼ଚଣା ବ୍ଲକ୍‌ର ବୈରୀ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବୈରୀ ସନ୍ନିକଟରେ ମହାଶକ୍ତି ସିମେଣ୍ଟ କାରଖାନା କାମ ଚାଲୁଛି। ଫଳରେ ବିଭିନ୍ନ ସମୟରେ ଭାରି ଯନ୍ତ୍ରପାତି ଓ ଭାରିଯାନକୁ ହାତୀଗଡ଼ା ରେଳ ଫାଟକଠାରେ କଢ଼ାଯିବା ସମୟରେ ଜନସାଧାରଣ ନାନା ସମସ୍ୟା ଭୋଗ କରୁଛନ୍ତି। ସିମେଣ୍ଟ କମ୍ପାନୀ କର୍ତ୍ତୃପକ୍ଷ ଗମନାଗମନରେ ସୁଧାର ଆଣିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପିର ଡାଲମିଆ ସିମେଣ୍ଟ କାରଖାନା ପ୍ରତିଷ୍ଠା ସମୟରେ ଜଙ୍ଗଲ ଆଇନକୁ ବେଖାତିର କରି କମ୍ପାନୀ ବୈରୀ ପଞ୍ଚାୟତର ଆଦିବାସୀ ବସ୍ତି ରାସ୍ତା ଅବରୋଧ କରିଥିଲା। ଏବେ ମହାଶକ୍ତି ସିମେଣ୍ଟ କାରଖାନା ଝାଟିଆପଡ଼ା ଆଦିବାସୀ ବସ୍ତିକୁ ଲାଗି ପ୍ରତିଷ୍ଠାକୁ ଡାଲମିଆ କମ୍ପାନୀ ବିରୋଧ କରି ଆସୁଛି। ଯଦିଓ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ରେଳ ଲାଇନକୁ ନିଜ ପାଇଁ ଡାଲମିଆ କମ୍ପାନୀ ବ୍ୟବହାର କରୁଛି, କିନ୍ତୁ ଉକ୍ତ ରେଳ ଲାଇନ ଯୋଗୁ ଝାଟିଆପଡ଼ା ଆଦିବାସୀ ବସ୍ତିବାସିନ୍ଦା ହାତୀଗଡ଼ା ରେଳ ଫାଟକ ଅତିକ୍ରମ କରିବାରେ ନାନା ଅସୁବିଧା ଭୋଗ କରୁଛନ୍ତି।

ତେଣୁ ପୂର୍ବତଟ ରେଳପଥ ଅନ୍ତର୍ଗତ ୧୬୯ ବୈରୀ ରେଳଫାଟକ ଉପରେ ତୁରନ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ପଦ୍ମନାଭ ସାମଲ, ଭବାନୀ ଶଙ୍କର ଖୁଣ୍ଟିଆ, ବିଜୟ ନାୟକ, ପ୍ରମୋଦ ରାଉତ, ବେଣୁଧର ବିଶ୍ୱାଳ, ବିଷ୍ଣୁ ମଲ୍ଲିକ, ଭାଗ୍ୟଧର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଗଙ୍ଗାଧର ଦାସ ପ୍ରମୁଖ ପଞ୍ଚାୟତର ଗମନାଗମନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳ ସମସ୍ତ ଦିଗକୁ ଦୃଷ୍ଟି ଦେଇ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଇଡକୋ ଅଧିକାରୀଙ୍କ ସମେତ ଦର୍ପଣ ତହସିଲଦାର, ବଡ଼ଚଣା ବିଡିଓ, ଡାଲମିଆ ସିମେଣ୍ଟ କମ୍ପାନୀ ଅଧିକାରୀ ଓ ମହା ସିମେଣ୍ଟ ପକ୍ଷରୁ ଲୋକସମ୍ପର୍କ ଅଧିକାରୀ ନୀଳାମ୍ବର ମିଶ୍ର ଉପସ୍ଥିତ ଥିଲେ।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,୪ା୧୦ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ୍ ଅଧୀନ ବାଲିଚନ୍ଦ୍ରପୁରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟିସ୍ଥିତ ଲକ୍ଷ୍ମୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ପୂଜା ସମ୍ପର୍କିତ ବିଭିନ୍ନ ଦିଗଉପରେ ଆଲୋଚନା ହୋଇଥିଲା। ଏଥିରେ ୧୨ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇ ଶ୍ରଦ୍ଧାଳୁ କିପରି ସୁରୁଖୁରୁରେ ଦର୍ଶନ କରିବେ ସେଥିନେଇ ମତ ରଖିଥିଲେ। ସନ୍ଧ୍ୟା ଭିଡ଼କୁ ପରିଲକ୍ଷିତ କରି ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ। ବୈଠକରେ ଶ୍ୟାମସୁନ୍ଦର ବଜାର କମିଟି ସଭାପତି ପ୍ରଦୀପ୍ତ ପୃଷ୍ଟି, ସରପଞ୍ଚଙ୍କ ପ୍ରତିନିଧି ଅମିୟ ସାହାଣୀ, କୁଳମଣି ବାରିକ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରଭାସ ଦାଶ, ଅକ୍ଷୟ କୁମାର ଷଣ୍ଢ, ବଟକୃଷ୍ଣ ଜେନା, ଦାମୋଦର ସେନ, ରାଇ ଚରଣ ସେଠୀ, ଅସିତ ବିଶ୍ୱାଳ, ଗୁରୁ ଚରଣ ସେନାପତି, ସନ୍ଦୀପ ମହାନ୍ତି ଓ ପ୍ରକାଶ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଂଗ୍ରେସ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ



ଯାଜପୁର ଟାଉନ,୪ା୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର କଂଗ୍ରେସ ପକ୍ଷରୁ ଗୁରୁବାର ମାହାତ୍ମା ଗାନ୍ଧୀ ଓ ଲାଲାବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳ ୮ଟା୩୦ରେ ନେତୃମଣ୍ଡଳୀମାନେ ଉପସ୍ଥିତ ହୋଇ ଯାଜପୁର ଗାନ୍ଧୀଛକ ସ୍ଥିତ ଗାନ୍ଧିଜୀ ଓ ସଂସ୍କୃତଭବନ ପ୍ରାଙ୍ଗଣରେ ଥିବା ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି କଂଗ୍ରେସ କାର୍ଯ୍ୟାଳୟ ଠାରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରାରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ସାମନ୍ତ ଅତିଥିଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଗୁଣାବଳିକୁ ଆଲୋକପାତ କରିବା ସହିତ ତାଙ୍କର ଜୀବନାଦର୍ଶନକୁ ସମସ୍ତେ ଅନୁପାଳନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଦିଗମ୍ବର କର, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ହୃଷୀକେଶ ପତି, ରାଜୀବ ମହାପାତ୍ର, ଅମୂଲ୍ୟ ବିଶ୍ୱାଳ, ବିଜୟ ମହାପାତ୍ର, ଅବଦୁଲ ରୋପ, ନିକୁଞ୍ଜ ସାମଲ, ନକୁଳଦେବ ସାହୁ, ଏସ୍‌କେ ମଇଉଦ୍ଦିନ୍, ଗୋବିନ୍ଦ ଚନ୍ଦ୍ର ସାହୁ, ସେକ୍ ଅବ୍‌ଦୁଲ୍ ହକିମ୍, ଅବଦୁଲ୍ ସଲିମ୍ ଖାଁ, ଅବ୍‌ଦୁଲ ହୋସେନ୍ ଖାଁନ୍, ସଂଗ୍ରାମ ଜେନା, କୁର୍‌ସିଦ୍ ଖାଁନ୍, ଏସ୍‌କେ ମସୁଦ୍ ଅଲ୍ଲି, ବିଜୟ ମହାପାତ୍ର, ସଂଗ୍ରାମ ସାହାଣୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବଡ଼ଚଣା କଂଗ୍ରେସ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଚଣ୍ଡିଖୋଲ,୪ା୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା କଂଗ୍ରେସ ପକ୍ଷରୁ ଗୁରୁବାର ଚମ୍ପାପୁରସ୍ଥିତ ଗାନ୍ଧୀ ପୀଠରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମୀମାନେ ଯୋଗଦେଇ ପ୍ରଥମେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାମଧୁନ ଗାନ କରିଥିଲେ। ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ 'ଗାନ୍ଧୀ ପଥେ ଓଡିଶା'ପଦ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ନୀଳକଣ୍ଠ ମିଶ୍ର, ବିଶ୍ୱ ପ୍ରକାଶ ସାମଲ, ବିଳାସ ଚନ୍ଦ୍ର ବାରିକ, ଚର୍ଚ୍ଚିତ ମହଲା, ପ୍ରମୋଦ ରାଉତ, ବଂଶୀ ଧର ମଲ୍ଲିକ, ଅଶୋକ ରାଉତ, ସନ୍ତୋଷ ପରିଡ଼ା, ଚାନ୍ଦ ଖାଁ, ଆଭାସ ଜେନା, ଗୋପାଳ ଲେଙ୍କା, ଗୁରୁ ଚରଣ ନାୟକ, ଅଶୋକ ବେହେରା, ସେକ ଅବଦୁଲା, ନାରାୟଣ ଦାସ ଓ କାହ୍ନୁ ଚରଣ ଦାସ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।



# ସ୍ୱର୍ଗଦ୍ୱାର, ଯାତ୍ରୀ ପ୍ରତୀକ୍ଷାଳୟ ଦାବି ତେଜିଲା

**ଶୀଘ୍ର କାମ ଆରମ୍ଭ ପାଇଁ ଜିଲାପାଳଙ୍କୁ ଅନୁରୋଧ କଲେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୨ ପୁତ୍ର**

ଧର୍ମଶାଳା,୪ା୧୦(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ପୀଠ ବ୍ରାହ୍ମଣୀ ନଦୀ ପଠାରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଓ ଜାରକା ଫ୍ଲାଏଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଦାବି ତେଜିଛି। ଏସବୁ ପ୍ରକଳ୍ପ ପାଇଁ ଅର୍ଥମଞ୍ଜୁର ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହି ୨ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୨ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଶୁକ୍ରବାର ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଅନୁରୋଧ କରିଛନ୍ତି।

ଲାବଣ୍ୟ ୨୦୨୧ରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପାଇଁ ପୂର୍ବତନ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ଦାବି କରିଥିଲେ। ଏହାପରେ ଧର୍ମଶାଳା ତହସିଲଦାର ସ୍ୱର୍ଗଦ୍ୱାର ପାଇଁ ଅଢେଇ ଏକର ଜମି ଯୋଗାଇ ଦେଇଥିଲେ। ଏହି ପ୍ରକଳ୍ପର ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଓ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ।



ଜିଲାପାଳଙ୍କ ସହ ରବି ଲାବଣ୍ୟଙ୍କ ୨ ପୁତ୍ର ଆଲୋଚନା କରୁଛନ୍ତି।

ସେହିପରି ଜାରକା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ଯାତ୍ରୀମାନେ ଖରା,ବର୍ଷା, ଶୀତ ଓ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ଯାତ୍ରୀଙ୍କ ପାଇଁ ଓଭରବ୍ରିଜ୍‌ର ୨ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଲାବଣ୍ୟ ୨୦୨୩ରେ ପୂର୍ବତନ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ତଦନୁଯାୟୀ ପୂର୍ବତନ ଜିଲାପାଳ ୨ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ଜମି ଅଧିଗ୍ରହଣ ହୋଇ ପାରି ନ ଥିବାରୁ ଏହି ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ଗତ ଅଗଷ୍ଟ ୭ରେ ଜମି ଯୋଗାଇଦେବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ତେଣୁ ଜମି ଯୋଗାଇଦେବାକୁ ଲାବଣ୍ୟଙ୍କ ଦୁଇ ପୁଅ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେମାନେ ଜିଲାପାଳଙ୍କୁ ସାକ୍ଷାତ କରିବା ସମୟରେ ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା ପ୍ରମୁଖ ବନ୍ଦେ ଉତ୍କଳ ଜନନୀର ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିପୂର୍ବରୁ ଲାବଣ୍ୟଙ୍କ ୨ ପୁତ୍ର ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ।କ୍ଷାତ କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ ବୋଲି କହିଛନ୍ତି।

# ବିପର୍ଯ୍ୟସ୍ତ ବ୍ୟବସ୍ଥାରେ ଗୁଣାତ୍ମକ ଶିକ୍ଷାର ଅବନତି

ପଟ୍ଟାମୁଣ୍ଡାଇ,୪।୧୦(କଳ୍ପତରୁ ନାୟକ)

- ବନ୍ଦ ହୋଇଛି ଅନେକ ସରକାରୀ ସ୍କୁଲ
- ଗଢ଼ିଉଠୁଛି ଘରୋଇ ବିଦ୍ୟାଳୟ
- ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ଶିକ୍ଷା ବ୍ୟବସ୍ଥା
- ବାଦ୍ ପଡ଼ିବେ ଗରିବ ଛାତ୍ରୀଛାତ୍ର



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଶିକ୍ଷାମଣ୍ଡଳ ଅଧୀନରେ ଥିବା ସରକାରୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଥିପ୍ରତି ପ୍ରଶାସନ ତିଳେମାତ୍ର ଧ୍ୟାନ ଦେଉନାହିଁ। ସରକାରଙ୍କ ତରଫରୁ ଯେଉଁପରି ବ୍ୟବସ୍ଥା କରାଯିବା କଥା, ତାହା ଆଦୌ କରାଯାଉ ନାହିଁ। ବିଦ୍ୟାଳୟରେ ଶିକ୍ଷାଦାନର ସ୍ତର ଆଶାନୁରୂପ ହେଉନାହିଁ। ଫଳରେ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହାର କମିବାରେ ଲାଗିଛି। ମାତ୍ର ଘରୋଇ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ି ଚାଲିଛି। ଏମିତିବି ସରକାରୀ ସ୍କୁଲରେ ଶିକ୍ଷାଦାନରେ ଥିବା ବହୁ ଶିକ୍ଷକ ନିଜ ପିଲାଙ୍କୁ ଘରୋଇ ବିଦ୍ୟାଳୟର ପାଠପଢ଼ାକୁ ପସନ୍ଦ କରୁଛନ୍ତି। ସରକାର କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ବନ୍ଦ କରିଦେଉଛନ୍ତି। ଅନ୍ୟପକ୍ଷରେ ଘରୋଇ ବିଦ୍ୟାଳୟର ଚାହିଦା ବଢ଼ିବା ସହିତ ବ୍ୟବସାୟୀମାନେ ଶିକ୍ଷା କ୍ଷେତ୍ରକୁ ବେପାରରେ ପରିଣତ କରିବାରେ ଲାଗିଲେଣି ।

ଏପରି ହେଲାଣି ଯେ, ସାଧାରଣ ଲୋକଟିଏ ଘରୋଇ ସ୍କୁଲରେ ଅଧିକ ଟଙ୍କା ଦେଇ ସେମାନଙ୍କ ପିଲାଙ୍କୁ ପାଠ ପଢ଼େଇବାକୁ ସକ୍ଷମ ହୋଇପାରୁନାହାନ୍ତି। ତେଣୁ ସରକାରୀ ବିଦ୍ୟାଳୟର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କୁହନ୍ତି, ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ସ୍ଥିତି ଭଲ ନାହିଁ। ବିଦ୍ୟାଳୟରେ ତାଲିମପ୍ରାପ୍ତ ନିୟମିତ ଶିକ୍ଷକ, ଶ୍ରେଣୀଗୃହ ନ ଥିବାରୁ ଗୁଣାତ୍ମକ ଶିକ୍ଷା ମିଳୁନାହିଁ। ସରକାର କେବଳ ମାଗଣା ବହି, ୟୁନିଫର୍ମ ଏବଂ ମଧ୍ୟାହ୍ନଭୋଜନ ଯୋଗାଉଛନ୍ତି। ହେଲେ ଯଥେଷ୍ଟ ପରିମାଣର ଶିକ୍ଷକ ନିଯୁକ୍ତି ଦେବା, ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା, ଶିକ୍ଷାଦାନ ବ୍ୟବସ୍ଥାକୁ କଡ଼ାକଡ଼ି ନିରୀକ୍ଷଣ କରିବା ଆଦି କାମକୁ ସରକାର ଆଦୌ ବି ଦାୟିତ୍ୱର ସହ ଅନୁପାଳନ କରୁନାହାନ୍ତି। ସରକାରୀ ବିଦ୍ୟାକ୍ଷେତ୍ରରୁ ବେତନ ନେଇ ଶିକ୍ଷକତା ବୃତ୍ତିରେ ଥିବା ସରକାରୀ ଶିକ୍ଷକ ଶିକ୍ଷାଦାନ ଅପେକ୍ଷା ଆପତ୍ତିଜନକ ଓ ରାଜନୈତିକ କାର୍ଯ୍ୟରେ ଅଧିକ ଲିପ୍ତ ରହୁଛନ୍ତି। ଫଳରେ ଗୁଣାତ୍ମକ ଶିକ୍ଷାର ମାନ ନ ରହିବାରୁ ପରୀକ୍ଷାଫଳ ନୈରାଶ୍ୟଜନକ ରହୁଛି। ତେଣୁ ଅଭିଭାବକମାନେ ପିଲାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଘରୋଇ ସ୍କୁଲ ପ୍ରତି ମନ ବଳାଉଛନ୍ତି।

ସାମାଜିକ କର୍ମୀ ପ୍ରବୀର ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳର ଗାଁରୁ ସହର ପର୍ଯ୍ୟନ୍ତ ଘରୋଇ ସ୍କୁଲ ଗଢି ଉଠୁଥିବା ବେଳେ ବ୍ୟବସାୟୀମାନେ ଶିକ୍ଷା କ୍ଷେତ୍ରକୁ ନିୟନ୍ତ୍ରଣ କଲେଣି । ଏପରି ହେଲାଣି ଯେ ସାଧାରଣ ଲୋକମାନେ ଅଧିକ ମୂଲ୍ୟ ଦେଇ ସେମାନଙ୍କ ପିଲାଙ୍କୁ ପାଠ ପଢ଼େଇବାକୁ ସକ୍ଷମ ହୋଇପାରିବେ ନାହିଁ। ଆଗକୁ ଶିକ୍ଷା କେବଳ ଧନିକମାନଙ୍କର ହୋଇ ରହିଯିବ। ସେତେବେଳେ ସାଧାରଣ ଗରିବ ଲୋକମାନେ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼େଇବାକୁ ସୁଯୋଗ ପାଇବେ ନାହିଁ। ତେଣୁ ସରକାରୀ ବିଦ୍ୟାଳୟର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ।

ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ କହିଥିଲେ, ସମସ୍ତଙ୍କୁ ମାଗଣାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଯୋଗାଇଦେବା ଉଚିତ। ଶିକ୍ଷା ସବୁବେଳେ ସରକାରଙ୍କ ବିଷୟ ହେବା ଉଚିତ୍। ଏକ ଜନକଲ୍ୟାଣକାରୀ ସରକାର ସମସ୍ତଙ୍କ ପାଇଁ ମାଗଣା ଓ ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା କରିବା ଦରକାର। ହେଲେ ଆମ ଦେଶରେ ଶିକ୍ଷା ଅଧିକାର ଆଇନ ଲାଗୁହେବା ପରେ ମଧ୍ୟ ପରିସ୍ଥିତିରେ ବେଶୀ କିଛି ପରିବର୍ତ୍ତନ ହୋଇନାହିଁ କି ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷା ଦିଆଯାଉ ନାହିଁ। ତେଣୁ ପିଲାମାନେ କୋଚିଂ ସେଣ୍ଟର ଓ ଘରୋଇ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହାକୁ ନେଇ ଘରୋଇ ସ୍କୁଲ ବୃଦ୍ଧି ପାଇବା ସହିତ ପାଠପଢ଼ା ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଘରୋଇ ସ୍କୁଲ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ରହୁନାହିଁ।

ଯୁବ ସଂଗଠକ ଗୌତମ ବେହେରା କୁହନ୍ତି, ଅପରପକ୍ଷେ ସରକାର କମ୍ ଉପସ୍ଥାନ ଦର୍ଶାଇ ବିଦ୍ୟାଳୟକୁ ବନ୍ଦ କରାଉଛନ୍ତି। ୧୫ ଓ ୨୦ କମ୍ ଛାତ୍ରୀଛାତ୍ର ଥିବା ପ୍ରାୟ ବିଦ୍ୟାଳୟ ବନ୍ଦ ହୋଇସାରିଛି। ଆଗକୁ ସରକାରଙ୍କ ନିଜ ଅଧିକାରୀମାନେ ଶିକ୍ଷା ବ୍ୟବସାୟୀଙ୍କ ହାତରେ ରହି ଅନେକ ବିଦ୍ୟାଳୟ ବନ୍ଦ କରିଦେବେ । ଘରୋଇ ବିଦ୍ୟାଳୟ ଗଢ଼ି ଉଠିବ । ପାଠପଢ଼ା ବ୍ୟୟବହୁଳ ହେବ। କେବଳ ଧନୀ ଲୋକଙ୍କ ପିଲା ପାଠ ପଢ଼ିବେ । ପୂର୍ବରୁ ଗରିବ ପିଲା ଗ୍ରାଜୁଏଟ ପର୍ଯ୍ୟନ୍ତ ଯାଉଥିବା ବେଳେ ଅଧିକ ପଢ଼ିବାକୁ ଅର୍ଥ ବାଟ ଓଗାଳୁଥିଲା। ମାତ୍ର ୩୦/୪୦ ଦଶନ୍ଧି ବେଳକୁ ଗରିବ ପିଲାଙ୍କୁ ପ୍ରାଥମିକ ଶିକ୍ଷା ସ୍ୱପ୍ନ ହେବ ।

# ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହେଲାନି ମାପ

ରାଜନଗର,୪।୧୦(ଭାସ୍କର ରାଉତରାୟ)

## ତହସିଲ ଅଫିସ ଆଗରେ ଧାରଣା ଦେଲେ ସପରିବାର

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ତହସିଲ କାର୍ଯ୍ୟାଳୟ ପରିସରରେ ଜାଗାବାଡି ମାପକୁ ନେଇ ସପରିବାର ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ରାଜନଗର ଗାଁର ଭୀମସେନ ସାହୁ ଓ ରବୀନ୍ଦ୍ରନାଥ ସାହୁ ପ୍ରମୁଖଙ୍କ ସହ ପରିବାର ଧାରଣାରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜାଗାବାଡି ମାପକୁ ନେଇ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ । ଉଚ୍ଚ ନ୍ୟାୟାଳୟ କେସ୍ ନଂ.ଡବ୍ଲ୍ୟୁପି(ସି). ୨୧୧୧୫/୨୦୨୫, ଜୁଲାଇ ୩୦ରେ ରାଜନଗର ତହସିଲଦାରଙ୍କୁ ମାପ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା କୌଣସି କାରଣରୁ ହୋଇପାରି ନ ଥିଲା। ଶନିବାର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅମିନ ଓ ପୋଲିସ କର୍ମଚାରୀ ଜାଗାବାଡି ମାପ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରପକ୍ଷ ମାପଚୁପ ପାଇଁ ଉଭୟପକ୍ଷ ଉପସ୍ଥିତ ନ ହେବାରୁ ଅମିନ ଫେରି ଆସିଥିଲେ । ଏହି ଘଟଣାରେ ଦୁଇ ପରିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବୀକରି ଧାରଣାରେ ବସିଥିଲେ। ତହସିଲଦାର ଯୀଶୁକ୍ରିଷ୍ଟ ଦାସ ସେମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପଟ୍ଟାମୁଣ୍ଡାଇ ପୌର ପରିଷଦରେ ସ୍ୱଚ୍ଛତା ହିଁ ସେବା ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୪।୧୦(କଳ୍ପତରୁ ନାୟକ)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ବାର୍ଷିକ ଅବସରରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା-୨୦୨୫ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ପ୍ରାତଃ ସମୟରେ ପ୍ରଭାତ ଫେରି କରାଯାଇଥିଲା । ଏଥିରେ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ସହିତ ସମସ୍ତ ପୌର କର୍ମଚାରୀ ସ୍ୱଚ୍ଛ କର୍ମଚାରୀ ଯୋଗଦେଇ ସ୍ୱଚ୍ଛତା ଶୋଭାଯାତ୍ରା କରିଥିଲେ । ପୂର୍ବାହ୍ନ ୧୦ଟାରେ ମହାତ୍ମା ଗାନ୍ଧୀଙ୍କ ସମେତ ସମ୍ବିଧାନ ପ୍ରଣେତା ଡ. ବି ଆର ଆମ୍ବେଦ୍କର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌର କାର୍ଯ୍ୟାଳୟ ସଭାଗୃହରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପରିମଳ କର୍ମଚାରୀଙ୍କୁ ସ୍ୱଚ୍ଛ ପରିମଳ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଦୁର୍ଗା ଦଶମୀ ଉପଲକ୍ଷେ ସମସ୍ତ ସ୍ୱଚ୍ଛ କର୍ମୀମାନଙ୍କୁ ମିଷ୍ଟାନ ବଣ୍ଟନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ପରିମଳ ବିଶେଷଜ୍ଞ ପ୍ରଭନ ସ୍ୱାଇଁ, ପରିମଳ ନିରୀକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ଭୁବନ କାନୁନଗୋ, ସମସ୍ତ ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥି, ସମ୍ପଦ କେନ୍ଦ୍ର ପରିଚାଳିକାମାନେ ଯୋଗ ଦେଇଥିଲେ ।

# ଥାନାରେ ଏତଲା ଦେବାକୁ ନେଇ ତୁମୁଳକାଣ୍ଡ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ ଅମୂଲ୍ୟ କୁମାର ଦାସ), ୪।୧୦

ବାଲିଆପାଳ ଥାନାରେ ଏତଲା ଦେବାକୁ କେନ୍ଦ୍ର କରି ଶନିବାର ଏତଲାକାରୀ ଓ ଥାନା ଅଧିକାରୀଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ବସ୍ତା ଏସ୍‌ଡିପିଓ ମାନସ ଦେଓ ଥାନାରେ ପହଞ୍ଚିଥିଲେ। ଘଟଣାର ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି। ଶନିବାର ଭୁବନେଶ୍ୱରରୁ ୨ଜଣ ଏକ ଗାଡ଼ି (ନଂ.ଓଆର୍୦୨ବିଏନ୍-୮୮୮୯)ରେ ବାଲିଆପାଳ ଅଞ୍ଚଳର ବନ୍ଧୁ ଘରକୁ ଆସୁଥିଲେ। ରାସ୍ତାରେ ଗାଡ଼ି ନମ୍ବର ପ୍ଲେଟ୍‌ଟି କେଉଁଠି ଖସି ପଡିଥିଲା। ଏ ସମ୍ପର୍କରେ ଏତଲା ଦେବାକୁ ବାଲିଆପାଳ ଥାନାକୁ ସେମାନେ ଆସିଥିଲେ। ସେଠାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମୋବାଇଲ୍‌ରେ ଭିଡିଓ ଉତ୍ତୋଳନ କରୁଥିଲେ। ଥାନା ଭିତରେ ଥିବା ଆଇଆଇସି ଜାଣିପାରି କାହିଁକି ଭିଡିଓ କରୁଛ ବୋଲିକହିବାରୁ ତୁମୁଳକାଣ୍ଡ ଘଟିଥିଲା। ଘଟଣା ବିଷୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେବା ପରେ ସନ୍ଧ୍ୟାରେ ବସ୍ତା ଏସ୍‌ଡିପିଓ ବାଲିଆପାଳ ଥାନାରେ ପହଞ୍ଚିଥିଲେ। ଘଟଣାର ଆପୋଷ ସମାଧାନ ପରେ ୨ଜଣଙ୍କୁ ଛଡାଯାଇଛି ବୋଲି ବସ୍ତା ଏସ୍‌ଡିପିଓ କହିଛନ୍ତି। ଉକ୍ତ ୨ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଭାରତୀୟ ସେନାରେ କାର୍ଯ୍ୟରତ ଥିବା ବେଳେ ଅନ୍ୟ ଜଣେ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକ ବୋଲି ଜଣାଯାଇଛି।

# ହଂସୁଆରେ ଚାପ ଖେଳି ବିଦାୟ ନେଲେ ମା'



ମା'ଙ୍କୁ ମେଲାଣି ଦିଆଯାଉଛି।


ରାଜନଗର,୪।୧୦(ଭାସ୍କର ରାଉତରାୟ)

ରାଜନଗରର ଶାରଦୀୟ ଦୁର୍ଗାପୂଜା ଉତ୍ସାହ ଉଦ୍ଦୀପନାର ସହ ଶେଷ ହୋଇଛି। ଦେବୀ ଘରେ ମା' ଦୁର୍ଗାଙ୍କର ଶୁକ୍ରବାର ଜୟା, ବିଜୟା ଓ ଅପରାଜିତା ପୂଜା ସହିତ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲା। ଆଜି ମା'ଙ୍କୁ ହଂସୁଆ ନଦୀରେ ମେଲାଣି ଦିଆଯାଇଛି। ପରମ୍ପରା ଅନୁଯାୟୀ ଗୋପାଳ ସମ୍ପ୍ରଦାୟର ଲୋକେ ମା'ଙ୍କୁ କାନ୍ଧରେ ବୋହି ରାଜନଗର ବଜାର ପରିକ୍ରମା କରି ହଂସୁଆ ନଦୀ କୂଳରେ ପହଞ୍ଚାଇଥିଲେ। ଘଣ୍ଟଘଣ୍ଟା ଓ ପାରମ୍ପାରିକ ବାଦ୍ୟ ସହିତ ହରିବୋଲ ହୁଳହୁଳି ଧ୍ୱନୀରେ ମା'ଙ୍କୁ ମେଲାଣି ଦିଆଯାଇଛି। ହଂସୁଆ ନଦୀରେ ଥିବା ସୁସଜ୍ଜିତ ନୌକାରେ ମା' ବସି ସାତ ଘେରା ଚାପ ଖେଳିଥିଲେ। ଦୁଇଟି ନୌକାକୁ ଯୋଡାଯାଇ ତାକୁ ସୁସଜ୍ଜିତ କରାଯାଇ ମା'ଙ୍କୁ ବସାଇ ନଦୀରେ ସାତ ଘେରା ଚାପ ଖେଳିବା ପରେ ମେଲାଣି ନେଇଛନ୍ତି। ମା' ଦୁର୍ଗାଙ୍କ ସହିତ ଗଳିଦାଣ୍ଡର ବନଦୁର୍ଗା, ସାନବଡ଼ ଗୋପାଳପୁରର ମା'ଶାରଳା, ମାଛ ମାର୍କେଟର ମା'ଗଙ୍ଗା ମାତା ଓ ପୁରୁଣା ବଜାରର ହରଗୌରୀ, ଘାଟଗଳିର ସାଇବାବାଙ୍କ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ନୌକାରେ ଚାପଖେଳ ମାଧ୍ୟମରେ ମେଲାଣି ଦିଆଯାଇଛି ।

ଏହି ଭସାଣୀ ଶୋଭାଯାତ୍ରାରେ ଶାରଦୀୟ କମିଟି ସ୍ଥାୟୀ ସଭାପତି ତଥା ରାଜନଗର ଆଇଆଇସି ନରେଶ କୁମାର ସାହୁ, ଶାନ୍ତି କମିଟି ସଭାପତି ତଥା ତହସିଲଦାର ଯୀଶୁ କ୍ରିଷ୍ଟ ଦାସ, କମିଟିର ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ନାରାୟଣ ମାହୁନ୍ତ, ରମେଶ ଚନ୍ଦ୍ର ଲାଲ,ଚିତ୍ତ ରଞ୍ଜନ ଦାସ, ବିଜୟକୁମାର ଗୁପ୍ତା, ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ମହେଶ୍ୱର ନାୟକ, କିଶୋର ଚନ୍ଦ୍ର ଦାସ,ନୃସିଂହ ଚରଣ ଲେଙ୍କା, ପଞ୍ଚାନନ ବାରିକ, ବାବାଜୀ ମିଶ୍ର, ସତ୍ୟବାନ ସେଠୀ, ଗଙ୍ଗାଧର ସେଠୀ ଓ ଶରତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ମା' ପୂର୍ଣ୍ଣମାସୀ, ଅଭିରାମ ପରମହଂସଙ୍କ ପୂଜା

ଜଗତ୍‌ସିଂହପୁର, ୪।୧୦
(ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଦେଉଳି ଗ୍ରାମେଶ୍ୱର ଏଲଆଇସି କଲୋନୀ ସ୍ଥିତ ମା'ପୂର୍ଣ୍ଣମାସୀ ପୀଠରେ ମା'ଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ଜଗଦ୍‌ଗୁରୁ ଠାକୁର ଅଭିରାମ ପରମହଂସଙ୍କ ଦୁର୍ଗା ମାଧବ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମା'ଙ୍କ ଘଟ କଳସ ଯାତ୍ରା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ମହାସ୍ନାନ ଆଦି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୂଜାରେ ଜଗତ୍‌ସିଂହପୁର ଜିଲା ସମେତ ଯାଜପୁର, କଟକ, ପଶ୍ଚିମବଙ୍ଗ, ହାଇଦ୍ରାବାଦ, ଗୁଜରାଟ, ଦିଲ୍ଲୀ, ବମ୍ବେ ଆଦି ସ୍ଥାନରୁ ବହୁ ସଂଖ୍ୟକ ଭକ୍ତ ଯୋଗଦେଇଥିଲେ। ଏହି ଅବସରରେ କୁମାରୀ ପୂଜା ଓ ଅପରାଜିତା ବନ୍ଦନା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଆଶ୍ରମରେ ଭଜନ କୀର୍ତ୍ତନ ନିଆରା ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ମଠାଧୀଶ ବିଚିତ୍ର ନନ୍ଦ ବାବା ଯୋଗଦେଇଥିଲେ। ୨୬ ବର୍ଷ ଧରି ଏହି ପୂଜା ନିଷ୍ଠାର ସହ ହୋଇଆସୁଛି ବୋଲି ଆଶ୍ରମର ମୁଖ୍ୟ ପ୍ରଫୁଲ୍ଲ କୁମାର ଦୁବେ କହିଛନ୍ତି ।

# ନିଶାମୁକ୍ତ ସମାଜ ଗଠନ ଦାବି

କେନ୍ଦ୍ରାପଡ଼ା,୪।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୁଣ୍ଡୁଚିବଟ ପରିସରରେ ନିଶାମୁକ୍ତ ସମାଜ ଗଠନ ପାଇଁ ଶନିବାର ଏକ ସଭା ହୋଇଯାଇଛି। ନିଶା ନିବାରଣ ଅଭିଯାନର ଏକ ସଚେତନତା ପାଇଁ ଏହି ସଭାରେ ନିଶାମୁକ୍ତ ସମାଜ ଗଠନ ସମ୍ପର୍କରେ ଆଲୋଚନା ସହ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ସାମାଜିକ କର୍ମୀ ଦ୍ରୌପଦୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଆଦିକନ୍ଦ ରାଉଳ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତବର୍ଷ ଗଠନରେ ନିଶା ମୁକ୍ତ ସମାଜ ଏକ ଆହ୍ୱାନ ଥିଲା। ସମ୍ପ୍ରତି ରାଜ୍ୟ ସରକାର ଟିକସ ଲୋଭରେ ନିଶା କାରବାରକୁ ପ୍ରୋତ୍ସାହିତ କରୁଛନ୍ତି । ବନ୍ଦ ପଡ଼ିଥିବା ୭୦ ମଦ ଦୋକାନକୁ ପୁଣି ଖୋଲିବା ଓ ୩ ଟି ନୂଆ ମଦ ଭାଟି ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି, ଯାହା ସମାଜ ପାଇଁ ଦୁର୍ଭାଗ୍ୟଜନକ ଘଟଣା। ନିଶା ପାଇଁ ରାସ୍ତା ଦୁର୍ଘଟଣାଠାରୁ ପାରିବାରିକ ବିଶୃଙ୍ଖଳା ବୃଦ୍ଧି ପାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହାର ସହିତ ଭାଜପାର ନିର୍ବାଚନ କାଳୀନ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରନ୍ତୁ। ଅମରେନ୍ଦ୍ର କୁମାର ଦାସ ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସ୍ନେହଲତା ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ରାଜେଶ ସ୍ୱାଇଁ, ଲୋପାମୁଦ୍ରା ସାହୁ, ଯମୁନା ରାଉତ, ସୁଷମା ସାମଲ ଓ ରିନାବାଳା ନାୟକ ପ୍ରମୁଖ ଶତାଧିକ ମହିଳା ଆଲୋଚନାରେ ଅଂଶଗ୍ରହଣକରି ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।

# ଆନ୍ତର୍ଜାତିକ ଜରା ଦିବସ

ବାଲେଶ୍ୱର, ୪।୧୦ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗତ ୧ ତାରିଖ ଆନ୍ତର୍ଜାତିକ ଜରା ଦିବସ ପାଳିତ ହୋଇଯାଇଛି। ବାଲିଆସ୍ଥିତ କପିଳମୁନି ବୃଦ୍ଧାଶ୍ରମ ପରିସରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ବ୍ୟକ୍ତି, ରାଷ୍ଟ୍ର ନିର୍ମାଣରେ ବ୍ରତୀହେବାକୁ ଆହ୍ୱାନ

ଜଗତ୍‌ସିଂହପୁର, ୪।୧୦
(ପ୍ରମୋଦ କୁମାର ନାୟକ)

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷର ଉଦ୍‌ଘାଟନୀ ଉତ୍ସବ

ଜଗତ୍‌ସିଂହପୁର ସହରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବର୍ଷ ପୂର୍ତ୍ତି ଅବସରରେ ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବଡ଼ବଜାର ଶିଶୁମନ୍ଦିରରୁ ଶତାଧିକ ସ୍ୱୟଂସେବକ ଘୋଷବାଦ୍ୟ ସହ ନଗର ପରିକ୍ରମା କରି କୃଷକ ବଜାର ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରଘୁନାଥ ଜେନା ଯୋଗଦେଇ ସଂଘର ରାଷ୍ଟ୍ର ସର୍ବୋପରି ନୀତିକୁ ପ୍ରଶଂସା କରିଥିଲେ। ସେବା, ସଂସ୍କୃତି ଓ ରାଷ୍ଟ୍ରବାଦକୁ ଭିତ୍ତିକରି ବ୍ୟକ୍ତି ଓ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏଭଳି କାର୍ଯ୍ୟ କରୁଥିବା ଆର୍‌ଏସ୍‌ଏସ୍ ସଂଘକୁ ପରଶମଣି ସହ ସେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯୋଗଦେଇ ସଂଘର ଦୀର୍ଘ ୧୦୦ ବର୍ଷର ସଂଘର୍ଷମୟ ଇତିହାସ ସମ୍ପର୍କରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା କାର୍ଯ୍ୟବାହ ଜିତେନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ନଗରକାର୍ଯ୍ୟବାହ ଶ୍ରୀଯୁକ୍ତ ବାଦଲ କୁମାର ନାୟକ ସଭା ସଂଯୋଜନା କରିଥିଲେ। ନଗର ପ୍ରଚାରକ କାବ୍ୟସାଚୀ ଏଥିରେ ସହଯୋଗ କରିଥିଲେ। ଶେଷରେ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା।



ଆର୍‌ଏସ୍‌ଏସ୍‌ର କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# କୃଷକ ବିକାଶ ପରିଷଦର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ଡେରାବିଶ,୪।୧୦(ବେବର୍ତ୍ତା ଅଜୟ ଦାସ)



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୪ମାସ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଅତ୍ୟଧିକ ବର୍ଷା ଯୋଗୁ ବ୍ଲକ ଅଧୀନ ଗୁଆଳସିଂ ପାଟ, କାଉପଡା ପାଟ, ଚାଟରା ପାଟ, ଗହଗାପାଟ, ଖମୋଳ ପାଟ,ବିସିବିଲ ପାଟ, ନୋଳପାଟ, ନୂଆହାଟ ପାଟ ଓ କୁଅଁରପୁର ପାଟ ସମେତ ଜିଲାର ବିଭିନ୍ନ ପାଟରେ ବର୍ଷାଜଳ ଜମିରହି ହ୍ରଦର ଭ୍ରମ ସୃଷ୍ଟି କରିଛି। ଫଳରେ ଚାଷୀମାନେ ଧାନଫସଲ ପାଇପାରିବେ କି ନାହିଁ,ଏଥିପାଇଁ ସନ୍ଦେହ ସୃଷ୍ଟି ହେଲାଣି।

ଏହିସବୁ ପାଟନାଳିଗୁଡ଼ିକର ଜଳ ନିଷ୍କାସନପଥକୁଅବରୋଧକରିକେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ମାଛ ମାରିବା ପାଇଁ ଖଟି ବସାଇ ଜଳନିଷ୍କାସନ ବାଟ ଅବରୋଧ କରିଛନ୍ତି। ଏପରିକି ଗୁଆଳସିଂ ପାଟର ଆଇନ କଲେଜ ପାଖ,ଥକେଇନେଉଳି ନିକଟସ୍ଥ ଗୋବିନ୍ଦପୁର,ଦେଶପୁର ମଠ ଓ ବେଲାରପୁର ନିକଟରେ ପାଟନାଳୀ ଉପରେ ମାଛ ଖଟି ହେବା ଯୋଗୁ ଚାଷଜମିରେ ପାଣି ନିଷ୍କାସିତ ହୋଇପାରୁନାହିଁ। ଏ ନେଇ ଶନିବାର କୃଷକ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ନିଷ୍କାସନ ପଥ ଅବରୋଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମାଛଖଟି ଉଚ୍ଛେଦ ପାଇଁ ଦାବିପତ୍ର ଦିଆଯାଇଛି। କୃଷକ ବିକାଶ ପରିଷଦ ସଭାପତି ବିଜୟ କୁମାର ପରିଡ଼ାଙ୍କ ନେତୃତ୍ୱରେ ମାଧବ ରାଉଳ, ଶୁକଦେବ ମଲିକ,ଶରତ ସେଠୀ ଓ ପ୍ରମୋଦ କୁମାର ରାଉତ ପ୍ରମୁଖ ଅତିରିକ୍ତ ଜିଲାପାଳ ମଲ୍ଲିକଙ୍କୁ ଭେଟି ଖଟି ଉଚ୍ଛେଦ ପାଇଁ ଦାବି କରିଥିଲେ। ନ ହେଲେ ଚାଷୀଙ୍କ ସ୍ୱାର୍ଥ ପାଇଁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛି।

## ପାଟନାଳିରୁ ମାଛଖଟି ଉଚ୍ଛେଦ ଦାବି

# ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ସରକାରୀ ଜାଗା ଚିହ୍ନଟ

ଖଣ୍ଡପଡ଼ା, ୪।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ରତନପୁର ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣରେ ସ୍ଥାନୀୟ ଅଞ୍ଚଳର କେତେକ ଜବରଦଖଲକାରୀ ବାଧକ ସାଜିଥିବାରୁ ଗ୍ରାମକୁ ରାସ୍ତା ହୋଇ ପାରୁନଥିବା ଜଣାପଡିଛି। ଏପରିକି ଉକ୍ତ ଗ୍ରାମକୁ ରାସ୍ତା ତିଆରି ଲାଗି ବ୍ଲକ ପ୍ରଶାସନ ଜରିଆରେ ମଞ୍ଜୁର ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ଫେରି ଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇ ଗ୍ରାମକୁ ପକ୍କା ରାସ୍ତା ତିଆରି ଲାଗି ସ୍ଥାନୀୟ ବାସିନ୍ଦା ଦୀର୍ଘ ବର୍ଷଧରି ବ୍ଲକ, ତହସିଲ ଓ ଜିଲା ପ୍ରଶାସନ ନିକଟରେ ଦାବିକରି ଆସୁଥିଲେ ହେଁ କୌଣସି ସୁଫଳ ମିଳିନଥିବା ଜଣାପଡିଛି । ପରବର୍ତ୍ତୀ ସମୟରେ ଗ୍ରାମକୁ ରାସ୍ତା ତିଆରି ନେଇ ରତନପୁର ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏ ସମ୍ପର୍କରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ନୟାଗଡ ଜିଲାପାଳଙ୍କୁ ନିର୍ଦ୍ଦେଶ ଆସିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ରତନପୁର ଗ୍ରାମରେ ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି। ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ନିବେଦିତା ଶତପଥି ଓ ସହଯୋଗୀ କର୍ମଚାରୀମାନେ ଶୁକ୍ରବାର ରତନପୁର ଗ୍ରାମରେ ପହଞ୍ଚି ରାସ୍ତା ତିଆରି ନେଇ ସରକାରୀ ଜାଗା ମାପଚୁପ କରିଥିବା ଜଣାଯାଇଛି। ସରକାରୀ ଜାଗା ଚିହ୍ନଟ କାର୍ଯ୍ୟ ଶେଷ ହେବାପରେ ଗ୍ରାମକୁ ରାସ୍ତା ତିଆରି କାର୍ଯ୍ୟ ଆରମ୍ଭ ହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ପ୍ରକାଶଯେ, ରତନପୁର ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ସ୍ଥାନୀୟ ବାସିନ୍ଦା ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ନୟାଗଡ ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସରକାରୀ ଜାଗାକୁ ଅନଧିକାର ଭାବେ ଅକ୍ତିଆର କରିଥିବା ଜବରଦଖଲକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରତନପୁର ଗ୍ରାମବାସୀ ଦାବି କରିଛନ୍ତି ।


ଜାଗା ମପା ଯାଉଛି।

# ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଶ୍ରୀରାମ ମନ୍ଦିର ପରିଦର୍ଶନ


ବିଚାରପତିଙ୍କ ସହ ମନ୍ଦିର କମିଟି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଭାପୁର,୪।୧୦(ପ୍ରଭାତ ବରାଡ)

ନୟାଗଡ ଜିଲା ଫତେଗଡ ଶ୍ରୀରାମ ମନ୍ଦିରକୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉଚ୍ଚ ନ୍ୟାୟାଳୟ ବିଚାରପତି ସଞ୍ଜୟ କୁମାର ମିଶ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ମିଶ୍ର ମନ୍ଦିର କାରୁକାର୍ଯ୍ୟ ସହିତ ବିଭିନ୍ନ ବ୍ୟବସ୍ଥା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ ସହିତ ତାଙ୍କ ସ୍ତ୍ରୀ ମଧ ପରିଦର୍ଶନରେ ଆସିଥିଲେ। ଫତେଗଡ ଶ୍ରୀରାମ ମନ୍ଦିରରେ ପହଞ୍ଚିବା ପରେ ଶ୍ରୀରାମ ପରିଷଦ ପକ୍ଷରୁ ବିଚାରପତିଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରି ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ସପତ୍ନୀକଙ୍କ ସହ ସେ ମନ୍ଦିର ବେଢା ପରିଦର୍ଶନ କରିବା ସହ ଭବ୍ୟ ମନ୍ଦିରର କାରୁକାର୍ଯ୍ୟ ଓ ପାହାଡ ଉପର ଦୃଶ୍ୟ ଉପଭୋଗ କରିଥିଲେ। ଏହାପରେ ମନ୍ଦିର ପରିସରରେ ପ୍ରସାଦ ସେବନର କରିଥିଲେ। ଦ୍ୱିତୀୟ ଅଯୋଧ୍ୟା ଭାବେ ପରିଗଣିତ ଏହି ଶ୍ରୀରାମ ମନ୍ଦିର ନୟାଗଡ ଅସ୍ମିତାର ପରିଚୟ ବହନ କରିଛି । ଏହି ଗ୍ରସ୍ତ ସମୟରେ କଟକ, ନୟାଗଡ଼ ଓ ଫତେଗଡ ପୁଲିସ ସମେତ ଶ୍ରୀରାମପରିଷଦର ସମସ୍ୟ ଉପସ୍ଥିତ ଥିଲେ। ଏହାପରେ ସାଢେ ୧୨ଟାରେ ନୀଳମାଧବ ମନ୍ଦିର ଯାଇ ପ୍ରଭୁଙ୍କ ଦର୍ଶନ କରି ନୟାଗଡ଼ ଅଭିମୁଖେ ଯାଇଥିଲେ। ଶନିବାର ଓଡ଼ଗାଁ ମାତା ବୈଷ୍ଣବୀ ମନ୍ଦିର ଦର୍ଶନ କରିଥିବା ଜଣାପଡିଛି।

# ଶ୍ରୀନୀଳମାଧବ ମନ୍ଦିରରେ ‘ଜଗନ୍ନାଥ କଥା’ ପୁସ୍ତକ ସମର୍ପଣ

ଖଣ୍ଡପଡ଼ା,୪।୧୦
(ଅଜୟ କୁମାର ମହାରଣା)

ଦୁର୍ଗାପୂଜା ଅବସରରେ ଶ୍ରୀନୀଳମାଧବ ମନ୍ଦିରରେ ନୂତନ ପୁସ୍ତକ ‘ଶ୍ରୀଜଗନ୍ନାଥଙ୍କ କଥା’ ସମର୍ପିତ ହୋଇଛି । କଣ୍ଟିଲୋ ନିକଟସ୍ଥ କେନ୍ଦୁପଲ୍ଲୀ ଗ୍ରାମର ବାସିନ୍ଦା ଡ. ଭାରତ ଭୂଷଣ ରଥଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ ୩୪ ଟି ସୁନ୍ଦର ଗପ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କର ଆଧ୍ୟାତ୍ମିକ ଏବଂ ଐତିହାସିକ ତଥ୍ୟ ସଚିତ୍ର ଉପସ୍ଥାପନ ହୋଇଛି । ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଏହି ପୁସ୍ତକ ଆଦୃତ ହେବ ବୋଲି ଡ. ରଥ ମତ ପ୍ରକାଶ କରିଛନ୍ତି । ପୁସ୍ତକଟିରେ ଶ୍ରୀନୀଳମାଧବ, ବିଶ୍ୱାବସୁ, ଲଳିତା ଏବଂ ବିଦ୍ୟାପତିଙ୍କର ଉପସ୍ଥାପନ ଖୁବ୍ ଆକର୍ଷଣୀୟ ହୋଇଛି । ୩ଟି ଭାଗରେ ବିଭକ୍ତ ଏହି ପୁସ୍ତକର ପ୍ରଥମ ଭାଗରେ ନୀଳମାଧବଙ୍କ ରହସ୍ୟ, ଦ୍ୱିତୀୟ ଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୃଷ୍ଟି ରହସ୍ୟ ଏବଂ ତୃତୀୟ ଭାଗରେ ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କର ତଥ୍ୟ ଏବଂ ଶ୍ରୀମନ୍ଦିର ଆକ୍ରମଣ ବିଷୟରେ ବିଭିନ୍ନ ଗୁଚ୍ଛିକର ଗପ ରହିଛି । ପୁସ୍ତକ ସମର୍ପଣ ଉତ୍ସବରେ ଓଡ଼ିଶା ସରକାରଙ୍କର ପର୍ଯ୍ୟଟନ ବିଭାଗର ଉପ ଶାସନ ସଚିବ ଜଗଦୀଶ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ଡ. ରଥ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶବିଦ୍ୟାଳୟରେ ପ୍ରାଧ୍ୟାପକ ତଥା ଦୂରଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟରତ । ତାଙ୍କ ଦ୍ୱାରା ସଂସ୍କୃତ ଭାଷାରେ ୬ ଗୋଟି ଏବଂ ଓଡ଼ିଆ ଭାଷାରେ ୪ଟି ପୁସ୍ତକ ରଚନା କରାଯାଇଛି।


ପୁସ୍ତକ ସମର୍ପଣ କରାଯାଉଛି।


କୁମ୍ଭାରପଡା ଗ୍ରାମରେ ମଞ୍ଚସ୍ଥ ନାକଟ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥିମାନେ ।

# ‘ଏ ଆଖି କାନ୍ଦୁଛି ତୋରି ପାଇଁ’ ନାଟକ ମଞ୍ଚସ୍ଥ

ଖଣ୍ଡପଡା, ୪।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୁମ୍ଭାରପଡା ଗ୍ରାମର ସର୍ବ ପୁରାତନ ଅନୁଷ୍ଠାନ ମା’ କୁକୁଟାସୁଣୀ ଜୟ ଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ ସୁବର୍ଣ୍ଣଜୟନ୍ତୀ ଅବସରରେ ବଡ଼ସାହି ଛକରେ ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ସାମାଜିକ ନାଟକ ‘ଏ ଆଖି କାନ୍ଦୁଛି ତୋରି’ ପାଇଁ’ ବୁଧବାର ମଞ୍ଚସ୍ଥ ହୋଇଯାଇଛି। ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ଦାଶ, ବରିଷ୍ଠ ଓକିଲ ତ୍ରିନାଥ ପାଢି, ଅବସରପ୍ରାପ୍ତ ସୈନିକ ସଞ୍ଜୟ ଲେଙ୍କା, ସାମାଜିକକର୍ମୀ ହରିହର ପଣ୍ଡା, ସହକାରୀ ନାଟ୍ୟ ନିର୍ଦ୍ଦେଶକ ପ୍ରଭାରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ନାଟ୍ୟ ସଂସଦ ତରଫରୁ ଅତିଥିମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ବଦ୍ରିପ୍ରସାଦ ଦାଶ, ଶକ୍ତି ପ୍ରସାଦ ଦାଶ, ସତିକାନ୍ତ ସାହୁ, ଦୋଳଗୋବିନ୍ଦ ପଣ୍ଡା, ବଂଶୀଧର ପ୍ରଧାନ, କେଦାର ପ୍ରଧାନ, ବସନ୍ତ କୁମାର ପଣ୍ଡା, ହାସ୍ୟ ଅଭିନେତା ମନୋରଞ୍ଜନ ପାଣିଗ୍ରାହୀ ଏବଂ କୁନିକୁନି କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା । ତେବେ ନିର୍ଦ୍ଦେଶକ ରମାକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ସାମାଜିକ ନାଟକ ଏ ଆଖି କାନ୍ଦୁଛି ତୋରି ପାଇଁ କୁ ଯୁବପିଢ଼ି ତଥା ସ୍ଥାନୀୟ ଜନସାଧାରଣ ବେଶ ପ୍ରଶଂସା କରିଥିଲେ। ସେହିପରି ଗୋଡ଼ିସାହି ଜୟଦୁର୍ଗା ନାଟ୍ୟ ସଂସଦ (ଗ୍ରୁପ-୦)ପକ୍ଷରୁ ବିଜୟା ଦଶମୀ ଅବସରରେ ଶ୍ରେଷ୍ଠ ସାମାଜିକ ନାଟକ ‘କହିବାକୁ ଲାଜ ଶୁଣିଲେ ପାପ’ ଶୁକ୍ରବାର ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ନରେନ୍ଦ୍ର ନାଥ ଦାଶ, ସାମାଜିକକର୍ମୀ ସୁବାସ କୁମାର ପଣ୍ଡା, ପୀତବାସ ପାଣିଗ୍ରାହୀ ଓ ଶିକ୍ଷାବିତ୍ ଅଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଚିତ୍ତରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନାଟକଟି ପ୍ରସ୍ତୁତ ହୋଇଥିବା ବେଳେ ସ୍ଥାନୀୟ କଳାକାର ଭାବେ ବିଭୂପ୍ରସାଦ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ପ୍ରେମାରଞ୍ଜନ ପଣ୍ଡା, ଗୋକୁଳ ପଣ୍ଡା ଓ ହାସ୍ୟଅଭିନେତା କୈଳାସ ପଣ୍ଡା ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।

# ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ନୀଳମାଧବ ଜୀଉ ଦର୍ଶନ

ଖଣ୍ଡପଡ଼ା,୪।୧୦ (ଅଜୟ କୁମାର ମହାରଣା)

ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତି ସଞ୍ଜୟ କୁମାର ମିଶ୍ର ସସ୍ତ୍ରିକ ଶୁକ୍ରବାର କଣ୍ଟିଲୋ ଗସ୍ତରେ ଆସି ମନ୍ଦିର ପରିସର ପରିକ୍ରମାକରି ନୀଳମାଧବଙ୍କୁ ଦର୍ଶନକରି ଖୁସିବ୍ୟକ୍ତ କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ, ଖଣ୍ଡପଡ଼ା ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତି ଓ ଅତିରିକ୍ତ ତହସିଲଦାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଦର୍ଶନ ସମୟରେ ଉପସ୍ଥିତ ଥିଲେ ।

# ମା’ ମଙ୍ଗଳାଙ୍କ ୧ ହଜାର ଘଟ ମେଳନ

## ନବଘନପୁର ଗାଁରେ ଆଧ୍ୟାତ୍ମିକ ପରିବେଶ



ନୟାଗଡ,୪।୧୦(ଲୋକନାଥ ମିଶ୍ର)

ନୟାଗଡ ସହର ଉପକଣ୍ଠ ନବଘନପୁର ଗାଁରେ ମା’ ମଙ୍ଗଳାଙ୍କର ୧ ହଜାର ଘଟ ମେଳନ ଶନିବାର ଦେଖିବାକୁ ମିଳିଛି। ଗାଁର ପ୍ରତେକଙ୍କ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଦ୍ୱାରା ମଙ୍ଗଳାଙ୍କୁ ସ୍ୱାଗତ କରାଯାଇଥିଲା। ଗାଁରେ ୧ ହଜାର ଘଟ ଯିବାବେଳେ ହୁଳହୁଳି, ଘଣ୍ଟ ଓ ବାଦ୍ୟ ଧ୍ୱନି ପରିବେଶକୁ ପ୍ରକମ୍ପିତ କରିଥିଲା । ପ୍ରଥମେ ୧ ହଜାର ଘଟ ଆୟୋଜକକାରୀ ନବଘନପୁର ଗାଁର କବିରାଜ ସାହୁଙ୍କ ଘର ସମ୍ମୁଖରେ ଏକାଠି ହୋଇଥିଲେ । ସେଠାରୁ ଘଟ ଶୋଭାଯାତ୍ରା ନବଘନପୁର ହାଇସ୍କୁଲ ପଡିଆକୁ ଯାଇଥିଲା। ପୂଜାର୍ଚ୍ଚନା ଓ ଭୋଗ ପରେ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲେ । ପରିକ୍ରମା ସମୟରେ ଘଟଧାରୀଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମିଳନ ପର୍ବ ଲାଗି ରହିଥିଲା। ନୟାଗଡ ଜିଲାର ପାଟୁଳିସାହି, କେଶରପୁର, ଡମସାହି, ନଡିଆଳି, ନବଘନପୁର, ଭାଟସାହି, ବରଦ୍ୱାର ବାଲିପାଟଣା, ବାଲିପାଟଣା ବିଶ୍ୱସରପୁର, କିରିଆଲାଞ୍ଜି, ମଧୁବନ, ମାଛିପଡା ପାଟଣାସାହି, ମଶାବାରି, ଶରଣକୁଳ ହରିହରପୁର, କେନ୍ଦୁପଲ୍ଲୀ, ଶିଖରପୁର, ଆଙ୍ଗିସିଙ୍ଗି, ବଡଗୋରଡା, ବଡଦେଶହରିପୁର, ମାଳିସାହି, କୋଡିଏ କାହାଣିଆ, ପଦ୍ମପୁର, କେନ୍ଦୁଡ଼ିପି, ମହିପୁର ପାଟୁଳିସାହି, ନନ୍ଦିଘୋର, ହନୁମନ୍ତିଆ, ଗିରିଡିପଲ୍ଲୀ, ପାଣ୍ଡେରିପଡା, କୁରୁମବାଙ୍କତରା, ମାଙ୍କପଲ୍ଲୀ, ବଡପୁଟ ଓ କାଳିକାପ୍ରସାଦର ମଙ୍ଗଳା ଠାକୁରାଣୀଙ୍କ ଘଟ ଏଥିରେ ସାମିଲ ହୋଇଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ନୟାଗଡ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ ଉପସ୍ଥିତ ଥିଲେ ।

# ବଡ଼ଘାଟିରେ ଓଲଟିଲା ଆମ୍ବୁଲାନ୍ସ, ୪ ଗୁରୁତର

## ଚେନ୍ନାଇରୁ ମୃତଦେହ ନେଇ ପଶ୍ଚିମବଙ୍ଗ ଯାଉଥିଲା

ଖଲ୍ଲିକୋଟ,୪।୧୦(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବଡଘାଟିରେ ଏକ ଘରୋଇ ଆମ୍ବୁଲାନ୍ସ ଶନିବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ସେଥିରେ ବସିଥିବା ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି ଚେନ୍ନାଇର ପିଏସ୍‌ପି ହସ୍ପିଟାଲରୁ ଏକ ମୃତଦେହ ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ୧୬ ନଂ. ଜାତୀୟ ରାଜପଥ ଖଲ୍ଲିକୋଟ ବଡ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଗାର୍ଡ ୱାଲକୁ ପିଟିହୋଇ ଓଲଟି ପଡ଼ିଥିଲା। ଫଳରେ ଆମ୍ବୁଲାନ୍ସରେ ବସିଥିବା ପଶ୍ଚିମବଙ୍ଗର ଶେଙ୍କା ମୁଣ୍ଡା, ଆବୁ ଆଲିଫ୍, ଦୁଃଖୀରାମ ଲାହୋର ଗୁରୁତର ଆହାତ ହୋଇଥିବା ବେଳେ ଆମ୍ବୁଲାନ୍ସ ଡ୍ରାଇଭର ଆଦନ ଦୀର୍ଘ ସମୟ ଧରି ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଗ୍ୟାସ କଟରରେ ଗାଡିକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଚାରା ଉପାଡ଼ିବାକୁ ନେଇ ବିବାଦ, ଥାନାରେ ଅଭିଯୋଗ

## ସ୍କୁଲ ଖେଳ ପଡ଼ିଆ ଭିତରେ ଜବରଦସ୍ତ ଯିବାଆସିବା

ଓଡ଼ଗାଁ, ୪।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଓ ଗୌଡ଼ପୁଟ ପଞ୍ଚାୟତ ନୂଆ ବନ୍ଧସାହି ସ୍କୁଲ ଓ ପିଲାଙ୍କ ଖେଳ ପଡ଼ିଆକୁ ଚଲା ବାଟ କରିବା ସହିତ ତା ପାର୍ଶ୍ୱରୁ ଚାରା ଉପାଡିବାକୁ କେନ୍ଦ୍ରକରି ବିବାଦ ଉପୁଜିଥିବା ବେଳେ ଥାନାରେ ଅଭିଯୋଗ ହୋଇଛି। ଏନେଇ ସମସ୍ତ ଗ୍ରାମବାସୀ ଓଡ଼ଗାଁ ଥାନାରେ ଜୋର ଜବରଦସ୍ତ ଖେଳ ପଡିଆରେ ଯିବା ସହିତ ଚାରା ଉପୁଡିଥିବା ଶିବରାମ ପାତ୍ରଙ୍କ ନାମରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୋଲିସ ଉଭୟପକ୍ଷଙ୍କ ସହିତ ଦୀର୍ଘ ସମୟଧରି ଆଲୋଚନା କରିଥିଲେ ମଧ ଶିବରାମ ଗ୍ରାମବାସୀଙ୍କ ମତାମତକୁ ଅସ୍ୱୀକାର କରିବାରୁ ବିବାଦର ମିମାଂସା ହୋଇପାରି ନ ଥିଲା। ଫଳରେ ଗ୍ରାମବାସୀ ଗାଁକୁଫେରି ଖେଳ ପଡ଼ିଆ ଚତୁଃପାର୍ଶରେ ତାର ବାଡ଼ ବୁଜିବା ଆରମ୍ଭ କରିଛନ୍ତି । ଘଟଣାରୁ ପ୍ରକାଶ, ଶିବରାମ ପଡ଼ିଆ ଅପର ପାର୍ଶ୍ୱରେ ଥିବା ଜମିକୁ ପଡ଼ିଆ ମଝିରେ ଯାଉଥିବା ବେଳେ ଚାଷ ପାଇଁ ବ୍ୟବହୃତ କୃଷି ଉପକରଣ ଯଥା ପାୱାର ଟିଲର,ଟ୍ରାକ୍ଟର ନେବାରୁ ପଡ଼ିଆ ନଷ୍ଟ କରୁଥିଲେ। ପଡ଼ିଆକୁ ସୁରକ୍ଷିତ ରଖିବାପାଇଁ ପାର୍ଶ୍ୱରେ ଦେଇ ଜମିକୁ ଯିବାପାଇଁ ଗ୍ରାମବାସୀ ରାସ୍ତା ଛାଡିଥିଲେ ସୁଦ୍ଧା ଏଥିରେ ଶିବରାମ ଅରାଜି ଥିଲେ। ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ପଞ୍ଚାୟତ ସହାୟତାରେ ଗ୍ରାମବାସୀ ପଡ଼ିଆ ଚତୁଃପାର୍ଶ୍ୱରେ ଚାରା ରୋପଣ କରିଥିବା ବେଳେ ସେଗୁଡ଼ିକ ଭବିଷ୍ୟତରେ ଗଛ ହେଲେ ଅଡୁଆ ହେବ ଭାବି ଶିବରାମ ସମସ୍ତ ଚାରା ଉପାଡ଼ି ଫୋପାଡି ଦେଇଥିବା ଜଣାପଡିଛି। ଗ୍ରାମବାସୀ ଏହାର ବିରୋଧ କରିବାରୁ ଶିବରାମ ସେମାନଙ୍କ ନାମରେ ଓଲଟା ଥାନାରେ ଅଭିଯୋଗ କରିଥିଲେ। ଶନିବାର ଉଭୟ ପକ୍ଷ ଥାନାରେ ବସି ଆଲୋଚନା ପରେ ଶିବରାମ ପଡ଼ିଆ ମଝିରେ ଯିବା ଆସିବା କରିବାକୁ ଜିଦ୍ ଧରିବାରୁ ଶନିବାର ଅପରାହ୍ନରେ ଗ୍ରାମବାସୀ ମେଳି ହୋଇ ପଡ଼ିଆ ଚତୁଃପାର୍ଶରେ ତାର ବାଡ଼ ବୁଲାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଚାରା ଉପୁଡାଇଥିବା ଶିବରାମଙ୍କ ନାମରେ ପଞ୍ଚାୟତ ଏବଂ ବନ ବିଭାଗରେ ମଧ ଅଭିଯୋଗ କରିଥିଲେ।

# ବରିଷ୍ଠ ତମ୍ବାନାଗ ମୂର୍ତ୍ତି କାରିଗରଙ୍କ ପରଲୋକ

ଖଣ୍ଡପଡ଼ା,୪।୧୦(ଅଜୟ କୁମାର ମହାରଣା)–ବରିଷ୍ଠ ତମ୍ବା, ପିତଳ ନାଗ ମୂର୍ତ୍ତି କାରିଗର ଭାବରେ ଜିଲା ତଥା ବାହାରେ ନିଜ ପରିଚୟ ସୃଷ୍ଟି କରିଥିବା କଣ୍ଟିଲୋ ହାଟମୁଣ୍ଡ ପାଟଣା ଗ୍ରାମର ମାୟାଧର ଓରଫ ମୃଷା ସାହୁ(୬୦)ଙ୍କର ଶନିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କର ହାତ ତିଆରି ବିଭିନ୍ନ ଜିନିଷ ବେଶ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥିବାରୁ ବିଭିନ୍ନ ମନ୍ଦିରରେ କାରୁକାର୍ଯ୍ୟ ବହୁ ଲୋକପ୍ରିୟ। ସେ ଦୀର୍ଘଦିନ ଧରି କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗତ ୩ ଦିନ ହେବ ଘରକୁ ଫେରିଥିଲେ । ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ପାଚିକା, ସହାୟିକା ସଂଘ ବ୍ଲକ୍ ସମ୍ମିଳନୀ

ଦଶପଲ୍ଲା,୪।୧୦(ପ୍ରକାଶ କୁମାର ପାଣି)


ସମ୍ମିଳନୀରେ ଯୋଗଦେଇଥିବା ପାଚିକା, ସହାୟିକାମାନେ ।

ସିଆଇଟିୟୁ ଦ୍ୱାରା ସହବନ୍ଧିତ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ଏବଂ ସହାୟିକା ସଂଘର ଚତୁର୍ଥ ବ୍ଲକସ୍ତରୀୟ ସମ୍ମିଳନୀ ଦଶପଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ସଂଗଠନ ଲାଲ ପତାକାକୁ ସଂଘ ନେତା ଆଇନଜୀବୀ ଶରତ ବେହେରା ଉତ୍ତୋଳନ କଲାପରେ ସମସ୍ତ ପ୍ରତିନିଧିମାନେ ଶହୀଦ ବେଦୀରେ ପୁଷ୍ପ ପ୍ରଦାନ କରିଥିଲେ। ଶ୍ରମିକ ନେତା ଶରତ ବେହେରା ସମ୍ମିଳନୀରେ ସଭାପତିତ୍ୱ କରିଥିବା ବେଳେ ସଂଘ ଜିଲା ସମ୍ପାଦିକା ଜୟନ୍ତୀ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ଯୁବ ଫେଡରେଶନ ଜିଲା ସମ୍ପାଦକ ବିପିନ କୁମାର ବାଜୁ, ବ୍ଲକ କମିଟି ସମ୍ପାଦକ ସୁଧାଂଶୁ ଶେଖର ନାୟକ ଓ ସୁଶାନ୍ତ ନାୟକ ଏବଂ କ୍ଷେତ ମୂଲିଆ ନେତା ବିରଞ୍ଚି ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଂଗଠନ ଓ ପାଚିକାମାନଙ୍କ ବହୁବିଧ ସମସ୍ୟାକୁ ଭିତ୍ତିକରି ଆନ୍ଦୋଳନକୁ ତୀବ୍ରତର କରିବା ନିମନ୍ତେ ବ୍ଲକ କମିଟି ଅଗ୍ରଣୀ ସଭ୍ୟା ରଞ୍ଜିତା ବିଶୋଇ, ଗୋଲାପ ମୁଦୁଲି, କବିତା ନାୟକ,ପ୍ରମୋଦିନୀ ମହାଖୁଡ, ମମତା ମିଶ୍ର, ସବିତା ବିସେଲ ଓ ପ୍ରତିମା ଭୁକ୍ତା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଆଗାମୀ ୩ ବର୍ଷ ପାଇଁ ଶରତ ବେହେରା ସଭାପତି ଓ ପ୍ରତିମା ଭୁକ୍ତା ସମ୍ପାଦକ ସହ ଏକ ୩୫ ଜଣିଆ ବ୍ଲକ କମିଟି ଗଠନ କରାଯାଇଛି। ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବାସହ ମାସିକ ୨୬ ହଜାର ଟଙ୍କା ପ୍ରାପ୍ୟ ପ୍ରଦାନ, ୬୨ ବର୍ଷ ଅବସର ବୟସ ସହ ୧୦ ହଜାର ପେନସନ ଓ ବୀମା ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଆଦି ବିଭିନ୍ନ ଦାବୀ ଗ୍ରହଣ କରାଯାଇ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ସମ୍ମିଳନୀରେ ବ୍ଲକ ସମସ୍ତ ପଞ୍ଚାୟତର ପାଚିକା ସହାୟିକାମାନେ ଅଂଶ ଗ୍ରହଣ କରିଥିଲେ।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ନାବାଳକ ଗୁରୁତର

**ରସୁଲପୁର,୪।୧୦(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ରହିଆସୁଥିବା ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଘଟିଛି। ସମ୍ପର୍କୀୟ ମାମୁ ନିଶିକାନ୍ତ ପ୍ରଧାନଙ୍କ ଫାର୍ସା ଚୋଟରେ ନାବାଳକ ଭଣଜା ଓମ୍‌ପ୍ରକାଶ ମଲ୍ଲିକ(୧୪) ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଓମ୍‌ପ୍ରକାଶଙ୍କ ମାମୁ ଶଶିକାନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୯୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ଗାଁରେ ପଇଁତରା ମାରୁଛି। ଅଭିଯୋଗକାରୀ ଦାଦାପୁଅ ଶଶିକାନ୍ତ ପ୍ରଧାନ ଓ ବଡ଼ବାପାଙ୍କ ପୁଅ ନିଶିକାନ୍ତ ପ୍ରଧାନଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଦୀର୍ଘଦିନ ହେଲା ଗଣ୍ଡଗୋଳ ଉପୁଜିଆସୁଥିଲା। ପୂର୍ବରୁ ଏନେଇ ଥାନାରେ ଏକାଧିକ ଅଭିଯୋଗ ହୋଇ


ଗଣ୍ଡଗୋଳରେ ଗୁରୁତର ହୋଇଥିବା ନାବାଳକ।

ଆପୋସ ସାମଧାନ କରାଯାଉଥିଲା। ହେଲେ ଶୁକ୍ରବାର ରାତି ୧୦ଟା୧୫ମିନିଟ୍‌ରେ ଶଶିକାନ୍ତ ତାଙ୍କ ଭଣଜାଙ୍କୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ। ଯୋଜନା ମୁତାବକ ନିଶିକାନ୍ତ ପ୍ରଧାନ, ବାପା ଭାସ୍କର ପ୍ରଧାନ, ଭାଇ ଶୁଭକାନ୍ତ ପ୍ରଧାନ ସଂଘବଦ୍ଧ ଭାବରେ ଗାଁ ମୁଣ୍ଡରେ ଥିବା ବାଉଁଶବାଡ଼ି ପାଖରେ ମାରଣାସ୍ତ୍ର ଧରି ଲୁଚି ରହିଥିଲେ। ଶଶିକାନ୍ତ ଆସିବାରୁ ତାଙ୍କ ବାଇକ୍ ସମ୍ମୁଖକୁ ଆସି ଅଟକାଇଥିଲେ। ସେ ସେଠାରୁ ଖସି ପଳାଇ ଆସିବାକୁ ଉଦ୍ୟମ କରିଥିଲେ। ମାତ୍ର ନିଶିକାନ୍ତ ଧରିଥିବା ଏକ ଫାର୍ସାରେ ତାଙ୍କ ମୁଣ୍ଡକୁ ପ୍ରହାର କରିବାକୁ ପ୍ରୟାସ କରିଥିଲେ। ଫାର୍ସାଚୋଟ ତାଙ୍କ ଦେହରେ ନବାଜି ପଛରେ ବସିଥିବା ଭଣଜା ଓମ୍‌ପ୍ରକାଶଙ୍କ ମୁଣ୍ଡରେ ବାଜି ଗଭୀର ଆଘାତ ସୃଷ୍ଟି କରିଥିଲା। ଫଳରେ ଓମ୍‌ପ୍ରକାଶ ଚେତାଶୂନ୍ୟ ହୋଇ ରାସ୍ତା ଉପରେ ପଡ଼ି ରହିଥିଲେ। ଶଶିକାନ୍ତ ଘଟଣାସ୍ଥଳରୁ ଦୌଡି ପଳାଇ ଚିତ୍କାରକରି ଲୋକଙ୍କୁ ଡାକିଥିଲେ। ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଆକ୍ରମଣକାରୀ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ଲୋକେ ଓମ୍‌ପ୍ରକାଶଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ୨ଦିନ ହେଲା ତାଙ୍କର ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟବସ୍ଥାରେ ବିଶେଷ ସୁଧାର ଆସିପାରି ନାହିଁ ବୋଲି ମାମୁ ଶଶିକାନ୍ତ ସୂଚନା ଦେଇଛନ୍ତି।

# ବିଜୟା ଦଶମୀ ଅବସରରେ ପାରମ୍ପରିକ ସମରକଳା ପ୍ରଦର୍ଶନ

**ଧର୍ମଶାଳା,୪।୧୦ (ବଟକୃଷ୍ଣ ପରିଡ଼ା):**


ପାଇକ ଆଖଡ଼ା ଶାଳରେ ପାରମ୍ପରିକ ସମର କଳା ପ୍ରଦର୍ଶନ କରାଯାଉଛି।

ବିଜୟା ଦଶମୀ ଅବସରରେ ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମରେ ଥିବା ସର୍ବପୁରାତନ ପାଇକ ଆଖଡ଼ା ଶାଳରେ ପାରମ୍ପରିକ ସମର କଳା ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଅତୀତର ସ୍ମୃତିକୁ ମନେ ପକାଇବା ପାଇଁ ପ୍ରତୀକାତ୍ମକ ଭାବେ ଖଣ୍ଡା ଖେଳ, ପାରମ୍ପରିକ ବାଦ୍ୟ ଯନ୍ତ୍ରର ତାଳେ ତାଳେ କଳା ପ୍ରଦର୍ଶନ କରାଯାଇଥିଲା। ଗ୍ରାମ କମିଟି ପକ୍ଷରୁ ବିଜୟ ପାଳ, ବିକ୍ରମ ଜେନା, କେଶବ ଚନ୍ଦ୍ର ପାଳ, ଦେବବ୍ରତ ରାଉତ, ନକୁଳ ଚନ୍ଦ୍ର ପାଳ, ଉଲ୍ଲାସ ପାଳ ଓ ଅର୍ଜିତ ଜେନା ପ୍ରମୁଖ ବୀର ଭୈରବ ପୀଠରେ ଖଣ୍ଡା ପୂଜା ପରେ ଆଖଡା ଶାଳରେ ଖଣ୍ଡା ଖେଳିଥିଲେ। ଶିବ ପ୍ରସାଦ ରାଉତ, ଅଜୟ ପାଳ ଓ ଅକ୍ଷୟ ପାଳ ପାରମ୍ପରିକ ବାଦ୍ୟ ଯନ୍ତ୍ର ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ଜେନା, ପ୍ରତାପ ଚନ୍ଦ୍ର ପାଳ, ପ୍ରଦୀପ୍ତ କୁମାର ପାଳ ଓ ବୀର ଭୈରବ କ୍ଲବର ସଦସ୍ୟମାନେ ଆୟୋଜନ କରିଥିଲେ।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ

**ରସୁଲପୁର,୪।୧୦(ରଞ୍ଜିତ ରାଉତ):**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଶ୍ରୀରାମପୁର ଖଣ୍ଡର ବଡ଼କଇଞ୍ଚ ମଣ୍ଡଳରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଧୁବନହାଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କାଇପଡ଼ା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସନ୍ତୋଷ କୁମାର ସାହୁ ଓ ପଞ୍ଚାୟତ ହାଇସ୍କୁଲ ମଧୁବନର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ବରାଳ ଯୋଗ ଦେଇଥିଲେ। ଅତିଥି ମାନେ ନିଜର ଅଭିଭାଷଣ ମାଧ୍ୟମରେ ପରିବାରକୁ ଠିକ ମାର୍ଗରେ ପରିଚାଳିତ କରିବା ଏବଂ ସମାଜ ପାଇଁ ଭଲ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତାଭାବେ ଆର୍‌ଏସ୍‌ଏସ୍‌ର ଜିଲ୍ଲା ସହ-କାର୍ଯ୍ୟବାହ ସନ୍ଦୀପ କୁମାର ବିଶ୍ୱାଳ ଯୋଗଦେଇ ନିଜର ବୌଦ୍ଧିକ ସମ୍ଭାଷଣ ମାଧ୍ୟମରେ ସଂଘ ପ୍ରାରମ୍ଭର ଇତିହାସ, ୧୦୦ ବର୍ଷର ଯାତ୍ରା ଏବଂ ପଞ୍ଚ ପରିବର୍ତ୍ତନ ଯଥା; କୁଟୁମ୍ବ ପ୍ରବୋଧନ, ସାମାଜିକ ସମରସତ୍ତା, ପର୍ଯ୍ୟାବରଣ, ସ୍ୱଦେଶୀ, ନାଗରିକ କର୍ତ୍ତବ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଏହି ମଣ୍ଡଳରେ ଥିବା ୪ ପଞ୍ଚାୟତର ୧୦ ଗ୍ରାମରୁ ୪୫ ଜଣ ସ୍ୱୟଂସେବକ ଯୋଗଦାନ କରିଥିଲେ। ଶସ୍ତ୍ର ପୂଜନ ଓ ସଂଘୀୟ ପ୍ରାର୍ଥନା ପରିବେଷଣରେ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ଜିଲ୍ଲା ବୌଦ୍ଧିକ ସହ-ପ୍ରମୁଖ ଅଜୟ କୁମାର ପୃଷ୍ଟି, ଖଣ୍ଡ କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର, ଖଣ୍ଡ ସେବା ପ୍ରମୁଖ ପ୍ରମୋଦ ଦଳେଇ ଉପସ୍ଥିତ ଥିଲେ। ମଣ୍ଡଳର କାର୍ଯ୍ୟକର୍ତ୍ତା ଯଶୋବନ୍ତ ଦାସ, ସୁଶାନ୍ତ ଦ୍ୱିବେଦୀ, ଅଜୟ କୁମାର ତରାଇ, ବିଚିତ୍ର ସ୍ୱାଇଁ, ମାନସ ମଲିକ, ସଞ୍ଜୟ ବେହେରା, ପ୍ରଦୀପ ଗିରି ପ୍ରମୁଖ ସହଯୋଗ କରିଥିଲେ। ସ୍ୱୟଂସେବକ ଦିବ୍ୟଜ୍ୟୋତି ରାଉଳ ମୁଖ୍ୟ ଶିକ୍ଷକ କାର୍ଯ୍ୟ ତୁଲାଇଥିଲେ। ମଣ୍ଡଳ କାର୍ଯ୍ୟବାହ ସୁବ୍ରତ କୁମାର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ।

# ବାଲିଯାତ୍ରା ୨୦୨୫ର ସମୀକ୍ଷାକଲେ ଉନ୍ନୟନ କମିଶନର

- ନଭେମ୍ବର ୫ରୁ ୧୨ ଚାଲିବ ବାଲିଯାତ୍ରା
- ଦର୍ଶକଙ୍କ ସୁବିଧାକୁ ଯଥେଷ୍ଟ ଧ୍ୟାନଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର):**

ଐତିହାସିକ ବାଲିଯାତ୍ରା ୨୦୨୫ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବାଣିଜ୍ୟିକ ମେଳାର ଆୟୋଜନ ସମ୍ପର୍କରେ ଶନିବାର ଲୋକ ସେବା ଭବନରେ ଏକ ବୈଠକ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲିଯାତ୍ରା ମେଳାର ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଛି। ବୈଠକରେ ଉନ୍ନୟନ କମିଶନର ବାଲିଯାତ୍ରାକୁ ଆସୁଥିବା ଦର୍ଶକମାନଙ୍କ ସୁବିଧା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ସହ ସେମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, କଟକ ମହାନଗର ନିଗମ କମିଶନର କୀରନଦୀପ କୌର ସହୋତା, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ କଟକ ଜିଲା ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲିଯାତ୍ରାରେ ଲକ୍ଷାଧିକ ଜନସମାଗମ ହେବା ଆଶା କରାଯାଇଛି। ଏ ବର୍ଷ ପ୍ରାୟ ୭୦ ଲକ୍ଷ ଲୋକଙ୍କ ସମାଗମ ଆକଳନ କରାଯାଇଛି। ବାଲିଯାତ୍ରା ପ୍ରତି ନିଆରା ଆକର୍ଷଣ ଯୋଗୁ ପ୍ରତିଦିନ ସନ୍ଧ୍ୟାରେ ପ୍ରାୟ ୭ରୁ ୮ ଲକ୍ଷ ଜନସମାଗମ ହେଉଥିବାରୁ ଦର୍ଶକମାନଙ୍କ ସୁବିଧା ପାଇଁ ଯେପରି ଆବଶ୍ୟକ ସମସ୍ତ ପ୍ରକାର ସୁବିଧା କରାଯାଇପାରିବ ସେଥିପ୍ରତି ସମସ୍ତ ଦିଗକୁ ନଜର ରଖି ବାଲିଯାତ୍ରା ଆୟୋଜନ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି। ଜରୁରୀ ପରିସ୍ଥିତିରେ ଲୋକମାନେ ଯେପରି ବାଲିଯାତ୍ରା ପଡ଼ିଆରୁ ତୁରନ୍ତ ବାହାରିପାରୁଥିବେ ତାକୁ ଦୃଷ୍ଟିରେ ରଖି ପ୍ରବେଶ ରାସ୍ତା ସହ ଅଧିକ ସଂଖ୍ୟକ ପ୍ରସ୍ଥାନ ବ୍ୟବସ୍ଥା ସହ ଏ ସମ୍ପର୍କରେ ଦୃଶ୍ୟମାନ ଅଧିକ ଗ୍ଲୋ ସାଇନବୋର୍ଡ ଲଗାଇବା, ସାଇନେଜ୍ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦିଆଯାଇଛି। ବାଲିଯାତ୍ରାରେ କେଉଁସବୁ ସ୍ଥାନରେ କ'ଣ ସୁବିଧା ଉପଲବ୍ଧ ଅଛି ଏବଂ ଜରୁରୀ ସହାୟତା ଆବଶ୍ୟକତା ପାଇଁ ଏକ ମୋବାଇଲ ଆପ୍ ବିକଶିତ କରିବାକୁ କଟକ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ପୂର୍ବ ଆଲୋଚନା ମୁତାବକ ପୋଲିସ ପ୍ରଶାସନ ସହ ଜରୁରୀ କାର୍ଯ୍ୟ ରହୁଥିବା ବିଭିନ୍ନ ବିଭାଗକୁ ନେଇ ସମନ୍ୱିତ କଣ୍ଟ୍ରୋଲ ରୁମ୍ ସ୍ଥାପନ ପାଇଁ ପରାମର୍ଶ ଦିଆଯାଇଛି।

# ପୀରବାବାଙ୍କ ଆସ୍ଥାନରେ ଭଙ୍ଗାରୁଜା ଅଭିଯୋଗ, ୩ ଅଟକ

**ବାଲେଶର, ୪।୧୦ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସହରରେ ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ମା' ଦୁର୍ଗାଙ୍କ ଭସାଣି ଚାଲିଥିବା ବେଳେ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୁଣା ବାଲେଶ୍ୱର ଆଡକୁ ଫେରୁଥିବା ବେଳେ ୫ଜଣ ଯୁବକ ନୁରୁପୁର ରୋଡ଼ ଓ ପୁଲ ବଜାର ରାସ୍ତା ମଝିରେ ଅବସ୍ଥାପିତ ହଜରତ ଅବଦୁଲ ମଜିଦ ପୀରବାବାଙ୍କ ଆସ୍ଥାନର ପତାକା ଓ ଲାଇଟକୁ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଶନିବାର ଟାଉନ ଥାନାରେ ମାମଲା (ନଂ.୨୭୨/୨୫) ରୁଜୁ ହୋଇ ୩ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଖବରପାଇ ଏସ୍‌ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଅଧିକାରୀ ବିଜୟ ଦାସ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଓ କେନ୍ଦ୍ରୀୟ ପୋଲିସ ଫୋର୍ସ ସହ ପହଞ୍ଚି ତଦନ୍ତ କରିଥିଲେ। ସିସିଟିଭି ଫୁଟେଜରୁ ଭଙ୍ଗାରୁଜା ସମ୍ପର୍କରେ ଜଣାପଡିଥିଲା। ଶନିବାର ସନ୍ଧ୍ୟାରେ ବ୍ରିଟ କଲ୍ୟାଣ ମଣ୍ଡପରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା ହୋଇ ଶାନ୍ତି ବଜାୟ ରଖିବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ।


No.O-803

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/30-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526



No.O-839

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

**No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025**

**e-Procurement NOTICE**

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526


# ଆଦି କର୍ମଯୋଗୀ ଅଭିଯାନରେ ସ୍ୱତନ୍ତ୍ର ଗ୍ରାମସଭା


ଗ୍ରାମସଭାରେ ଯୋଗଦେଇଥିବା ଅଧିକାରୀ ଓ ଗ୍ରାମବାସୀ।

**କଳିଙ୍ଗନଗର,୪।୧୦(ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ ଅନ୍ତର୍ଗତ ଚନ୍ଦିଆ ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନର ଏକ ସ୍ୱତନ୍ତ୍ର ଗ୍ରାମସଭା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ଅନୁଶାସନ ସଚିବ ତଥା ଜିଲା ପ୍ରଭାରୀ ରମେଶ ଚାନ୍ଦ ଚନ୍ଦ୍ରୱାଲା, ଯାଜପୁର ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ। ସଭାରେ ବିଡିଓ ପ୍ରଦୀପ୍ତ କୁମାର ସେଠୀ, ସରପଞ୍ଚ ଓ ଲାଇନଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

ଯାଜପୁର ଜିଲାର ୬୮ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଗ୍ରାମ କାର୍ଯ୍ୟ ଯୋଜନା ସ୍ୱତନ୍ତ୍ର ଗ୍ରାମସଭାରେ ପାରିତ ହୋଇଛି। ଏହି ଗ୍ରାମସଭାର ଉଦ୍ଦେଶ୍ୟ ଜନଜାତୀୟ ଅଞ୍ଚଳର ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନ କରିବା। ଏହାର ଲକ୍ଷ୍ୟ କେବଳ ଯୋଜନା ପହଞ୍ଚରେ ସୀମିତ ନୁହେଁ, ଏହାର ଉଦ୍ଦେଶ୍ୟ ଜନଜାତୀୟ ଅଞ୍ଚଳରେ ସରକାରୀ ସେବାକୁ ପହଞ୍ଚାଇବା। ଗ୍ରାମସ୍ତରରେ ଜନମୁଖୀ ପ୍ରଶାସନକୁ ସ୍ଥାପନ କରିବା। ପ୍ରତ୍ୟେକ ପରିବାରକୁ ସରକାରୀ ସୁବିଧା ପହଞ୍ଚାଇବା। ଜନଜାତୀୟ ଅଞ୍ଚଳରେ ସଚେତନତା ଓ ଆଶାର ପ୍ରେରକ ହେବା ଉଦ୍ଦେଶ୍ୟରେ ଏହି ଗ୍ରାମସଭା ଆୟୋଜନ କରାଯାଇଥିଲା।


**Govt.of Jharkhand**
**Department of Mines and Geology District- Lohardaga.**

**[अल्पकालीन पुर्न निविदा (द्वितीय)]**
**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रम:–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच / मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाह्न से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद् संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा
जिला कोषागार पदाधिकारी, लोहरदगा
जिला खनन पदाधिकारी, लोहरदगा
अपर समाहर्ता लोहरदगा
उप निदेशक, खान दक्षिणी छोटानागपुर अंचल, राँची
उपायुक्त, लोहरदगा

PR.NO.363264 Lohardaga(25-26):D


# ୪୦ ହଜାର ଠକିନେଲେ ଟ୍ରାନ୍ସପୋର୍ଟ ଏଜେଣ୍ଟ

**ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ଥାନା ରଇଁତିରା ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଓ କଳିହା ଗ୍ରାମର କୀର୍ତ୍ତନ ଦାସ ଅନଲାଇନ ଠକେଇର ଶିକାର ହୋଇଛନ୍ତି। ଏକ ଟ୍ରାନ୍ସପୋର୍ଟ କମ୍ପାନୀ ଧାନକଟା ମେଶିନ ଖଇରାରୁ ମାଲକାନଗିରିରେ ପହଞ୍ଚାଇବାକୁ କହି ୪୦ ହଜାର ଟଙ୍କା ଠକି ନେଇଛନ୍ତି। ଉକ୍ତ ଅର୍ଥ ଫେରିପାଇବା ପାଇଁ ରବୀନ୍ଦ୍ର ଓ ତାଙ୍କର ସହଯୋଗୀ ଖଇରା ଥାନା ଦ୍ୱାରସ୍ଥ ହୋଇଛନ୍ତି।

ରବୀନ୍ଦ୍ର ଓ ତାଙ୍କ ବନ୍ଧୁ କଳିହା ଗ୍ରାମର କୀର୍ତ୍ତନ ଦାସ ୨ଟି ଧାନକଟା ମେଶିନ କିଣିଥିଲେ। ମାଲକାନାଗିରି ଜିଲାକୁ ଧାନକଟା ମେଶିନ ୨ଟିକୁ ନେଇଯିବା ଲକ୍ଷ୍ୟରେ ଏକ ଟ୍ରେଲର ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ବୁକ୍ କରାଇଥିଲେ। ଅନଲାଇନରେ ଅଗ୍ରୀମ ୪୦ହଜାର ଟଙ୍କା ଦେବା ପରେ ଗାଡି ରଇଁତିରାରୁ ବାହାରିଥିଲା। ଭଦ୍ରକ ପହଞ୍ଚିବା ପରେ ଡ୍ରାଇଭର ତେଲ ପକାଇବାକୁ ଟଙ୍କା ମାଗିଥିଲେ। ହେଲେ ଅନଲାଇନରେ ପେମେଣ୍ଟ ହୋଇଥିବାରୁ ସେମାନେ ଆଉ କାହିଁକି ପେମେଣ୍ଟ କରିବେ ବୋଲି ରବୀନ୍ଦ୍ର କହିବା ପରେ ଟ୍ରକ ମାଲିକ ଗାଡି ନେବାକୁ ମନା କରିଥିଲେ। ସେପଟେ ଅର୍ଥ ପାଇଥିବା ଏଜେଣ୍ଟ ମୋବାଇଲ ସୁଇଚ୍ ଅଫ କରିଦେଇଥିଲେ। ବାଧ୍ୟ ହୋଇ ରବୀନ୍ଦ୍ର ଓ କୀର୍ତ୍ତନ ଟ୍ରେଲର ସହ ନିଜ ଧାନକଟା ମେଶିନକୁ ଧରି ରଇଁତିରା ପଳାଇଆସି ଶୁକ୍ରବାର ରାତିରେ ଖଇରା ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ତପନ ଜେନା ତଦନ୍ତ ଆରମ୍ଭ କରିଛନ୍ତି।


**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-421** : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526

# ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ସରକାରୀ କର୍ମଚାରୀ

## ■ ଫାଇଲ ଭିତରେ ଚାପିହୋଇଯାଇଛି ସରକାରୀ ନିୟମ ■ ବୁଝାମଣା ଭିତ୍ତିରେ ବଦଳି ପାଇଁ ଚାଲିଛି ମସୁଧା

ଜଗତ୍‌ସିଂହପୁର, ୪।୧୦ (ପ୍ରମୋଦ କୁମାର ନାୟକ)

ସରକାରୀ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିବା ନିୟମ ନାହିଁ। ବିଶେଷକରି ୩ ବର୍ଷ ପୂରିଗଲେ ସମ୍ପୃକ୍ତ କର୍ମଚାରୀଙ୍କୁ ବଦଳି କରାଯିବା କଥା। ଅତି କମରେ ୮ କିଲୋମିଟର ଦୂର ବଦଳି କରାଯିବା ଉଚିତ। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ଫାଇଲ ଭିତରେ ଚାପି ହୋଇରହିଛି। ଏପରି କି କେତେଜଣ କର୍ମଚାରୀ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଦି ମାଡି ବସିଛନ୍ତି। ସେପ୍ଟେମ୍ବର୧୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଏଭଳି ସଙ୍ଗିନ ଅଭିଯୋଗ ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏହା ଉପରେ ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ। କିନ୍ତୁ ବଦଳି ଆଶଙ୍କାରେ କେତେଜଣ କର୍ମଚାରୀ ପରସ୍ପର ମଧ୍ୟରେ ଆପୋସ ବୁଝାମଣା ଭିତ୍ତିରେ ବଦଳି ପାଇଁ ଯୋଜନା କରୁଥିବା ଆଲୋଚନା ହେଉଛି। ଏପରି କି ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜଗତ୍‌ସିଂହପୁର ସହରସ୍ଥିତ ଅନ୍ୟ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେଜଣ କର୍ମଚାରୀ ପରସ୍ପର ଅଦଳବଦଳ ହେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏହା ହୋଇପାରିଲେ ସେମାନେ ନିଜ ଲକ୍ଷ୍ୟ ପୂରଣ କରିବାରେ ସଫଳ ହୋଇପାରିବେ। ଅର୍ଥାତ୍ କିଛି ବର୍ଷ ନୂଆ କାର୍ଯ୍ୟାଳୟରେ କାମ କରି ପୁଣି ପୁରୁଣାକୁ ଫେରିବାକୁ ଉଦ୍ୟମ କରିବେ ବୋଲି କୁହାଯାଉଛି। ହେଲେ ଜଗତ୍‌ସିଂହପୁର ଷ୍ଟେସନ୍‌ର ପୃଥକ କାର୍ଯ୍ୟାଳୟକୁ ଏହି କର୍ମଚାରୀମାନେ କିପରି ବଦଳି ହୋଇପାରିବେ ସେନେଇ ଚର୍ଚ୍ଚା ଚାଲିଛି। ସରକାରୀ ନିୟମ ଅନୁଯାୟୀ କୌଣସି ସରକାରୀ କର୍ମଚାରୀଙ୍କ ବଦଳି ହେଲେ ଗୋଟିଏ ଷ୍ଟେଶନ୍‌ରୁ ଅନ୍ୟ ଷ୍ଟେଶନ୍ ଯିବା କଥା। ଅର୍ଥାତ୍ ସର୍ବନିମ୍ନ ୮ କିଲୋମିଟର ଦୂରରେ ଥିବା କାର୍ଯ୍ୟାଳୟ ବଦଳି ହେବା ଉଚିତ। କିନ୍ତୁ କେତେଜଣ କର୍ମଚାରୀ ଆପୋସ ବୁଝାମଣା ଭିତ୍ତିରେ ଏହି ନିୟମକୁ ଉଲ୍ଲଂଘନ କରିବା ପାଇଁ ଉଦ୍ୟମ କରୁଥିବା ଚର୍ଚ୍ଚା ଚାଲିଛି। ଆଗକୁ ଦେଖିବାର ଅଛି ଜିଲା ପ୍ରଶାସନ ଆଗକୁ କି ପଦକ୍ଷେପ ଗ୍ରହଣ କରୁଛି। ନାଉଗାଁ ବ୍ଲକ ବଛାଲୋ କୁଣ୍ଡିଗାଁର ଆଲୋକ କୁମାର ଲେଙ୍କା ସେପ୍ଟେମ୍ବର୧୫ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଏନେଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ସୂଚନା ଅଧିକାର ଆଇନ ବଳରେ ତାଙ୍କୁ ମିଳିଥିବା ତଥ୍ୟ ଅନୁସାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଉନ୍ନୟନ/ଏଡିଏମ୍‌ଙ୍କ ଚାମ୍ବରରେ କାର୍ଯ୍ୟରତ ଶ୍ରଦ୍ଧାଞ୍ଜଳି ବିଶ୍ୱାଳ ଦୀର୍ଘ ୧୧ବର୍ଷ ୧୦ ମାସ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମ୍ରାଟ କିଶୋର ମହାନ୍ତି, ଜଗତ୍‌ସିଂହପୁର ତହସିଲର (ଏସ୍‌ଆର୍‌ଏ) କର୍ମଚାରୀ ଜ୍ଞାନ ରଞ୍ଜନ ଦାଶ, ଜିଲା ନିର୍ବାଚନ କାର୍ଯ୍ୟାଳୟର ଜୟନ୍ତ କୁମାର ନାୟକ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ସ୍ଥାନରେ ୧୧ବର୍ଷ ୩ ମାସ ଧରି କାର୍ଯ୍ୟ କରି ଆସୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଏଡିଏମ୍‌ଙ୍କ କାର୍ଯ୍ୟାଳୟର ପ୍ରଦୀପ କୁମାର ସାହୁ ୧୦ ବର୍ଷ ୪ ମାସ ଓ ଜିଲା ଯୋଜନା ବିଭାଗର ଦିଲୀପ କୁମାର ଦାସ ୯ବର୍ଷ ୩ ମାସ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। ପାରାଦୀପ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ତୁଷାର ରଞ୍ଜନ ସାହୁ ୬ ବର୍ଷ ୯ ମାସ, ଜିଲା ଜରୁରୀ ବିଭାଗର ଦୁର୍ଗା ପ୍ରସନ୍ନ ଦାସ ୫ ବର୍ଷ ୧୦ ମାସ, ସନ୍ତୋଷ କୁମାର ଦାସ ୫ ବର୍ଷ ୪ ମାସ, ଜିଲା କାର୍ଯ୍ୟାଳୟର ଯୋଗମାୟା ଦାସ ଓ ଜିଲା ରାଜସ୍ୱ ବିଭାଗର ସୁଜାତା ମହାନ୍ତି ଗୋଟିଏ ସ୍ଥାନରେ ୫ ବର୍ଷ ୬ ମାସ ଲେଖାଏଁ କାର୍ଯ୍ୟ କରୁଥିବା ଜଣାଯାଇଛି। କିନ୍ତୁ ସେମାନଙ୍କୁ ବଦଳି କରାଯାଉନାହିଁ। ଏ ସମ୍ପର୍କରେ ଆଲୋକ ପ୍ରଥମେ ଜୁଲାଇ ୨୧ରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଏହା ଉପରେ କୌଣସି ସୂଚନା ନ ପାଇବାରୁ ସେ ବାଧହୋଇ ପୁନର୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଦର୍ଶାଇଥିଲେ। ଉକ୍ତ ଶିବିରରେ ଜିଲାପାଳ ଜେ. ସୋନାଲ, ଏସ୍‌ପି ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଏସ୍‌ଡିପିଓ ଅଜିଙ୍କ୍ୟ ମାଣେ ପ୍ରମୁଖ ଉପସ୍ଥିତ ଥିଲେ। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଜିଲାପାଳ ଜେ. ସୋନାଲଙ୍କ ସହ ତାଙ୍କ ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା।

# 'ବିଶ୍ୱକଲ୍ୟାଣ କେବଳ ଭାରତବର୍ଷ ହିଁ କରିପାରିବ'



ଆର୍‌ଏସ୍‌ଏସ୍ କର୍ମୀମାନେ କୁଜଙ୍ଗ ବଜାର ପରିକ୍ରମା କରୁଛନ୍ତି।

## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ ଉତ୍ସବ ଉଦ୍‌ଘାଟିତ

କୁଜଙ୍ଗ,୪।୧୦ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗସ୍ଥିତ ବିବି ହାଇସ୍କୁଲ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ଶତାବ୍ଦୀର ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମେ ଏକ ବିରାଟ ଶୋଭାଯାତ୍ରା କୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିରରୁ ବିବି ହାଇସ୍କୁଲ ଅଭିମୁଖେ ବାହାରିଥିଲା। ଶତାଧିକ ସ୍ୱୟଂ ସେବକ ଓ ସଂଘର ଶୁଭେଚ୍ଛୁମାନେ ଏଥିରେ ଭାଗ ନେଇ କୁଜଙ୍ଗ ବଜାର ପରିକ୍ରମା କରି ବିବି ହାଇ ସ୍କୁଲ ପଡ଼ିଆରେ ସମବେତ ହୋଇଥିଲେ। କୁଜଙ୍ଗ ଖଣ୍ଡ କାର୍ଯ୍ୟବାହ ବିପିନ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ମୁକୁନ୍ଦ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ପ୍ରାନ୍ତର ସହ ପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବେ ପ୍ରତିଷ୍ଠାର ଶହେବର୍ଷ ପୂର୍ଣ୍ଣ କରୁଛି। ଏହି ଅବସରରେ ସଂଘ ସମଗ୍ର ଦେଶରେ ଶତାବ୍ଦୀ ସମାରୋହ ପାଳନ କରୁଛି ବୋଲି ସେ କହିଥିଲେ। ଅସିତ୍ ଆହୁରି କହିଥିଲେ, ସଂଘର ଲକ୍ଷ୍ୟ ବିଶ୍ୱ ଶାନ୍ତି ଓ ମାନବ କଲ୍ୟାଣ। ବିଶ୍ୱକଲ୍ୟାଣ ତଥା ମାନବ ଜାତିର ଉଦ୍ଧାର କେବଳ ଭାରତ ବର୍ଷ ହିଁ କରିପାରିବ। ଏଥିପାଇଁ ଭାରତକୁ ସମୃଦ୍ଧ, ଶକ୍ତିଶାଳୀ କରିବା ସହ ଦେଶଭକ୍ତ ତିଆରି କରି ସୁସଙ୍ଗଠିତ ହେବାକୁ ପଡ଼ିବ। ଏ ଦିଗରେ ୧୦୦ ବର୍ଷ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନିଷ୍ଠାପର ଉଦ୍ୟମ କରି ଆସୁଛି ବୋଲି ସାହୁ କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାନ୍ତପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯୋଗଦେଇ ସଂଘର ଆଗାମୀ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦେବୀ ପ୍ରସନ୍ନ ସରୋଜ କୁମାର ମୁଖ୍ୟ ଶିକ୍ଷକ ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, ଜିଲା ଶାରୀରିକ ପ୍ରମୁଖ ବାବାଜୀ ବେହେରା, ଜିଲା ବୌଦ୍ଧିକ ପ୍ରମୁଖ ନାରାୟଣ ନନ୍ଦ, ଜିଲା ପ୍ରଚାର ପ୍ରମୁଖ ତାପସ କୁମର ଦାଶ, ଜିଲା ମାର୍ଗ ପ୍ରମୁଖ ରମାକାନ୍ତ ସାହୁ, ଶହ ବୌଦ୍ଧିକ ପ୍ରମୁଖ ସାରଦା ପ୍ରସନ୍ନ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବସ୍-ଅଟୋ ମୁହାଁମୁହିଁ ଧକ୍କା: ୨ ଗୁରୁତର

ଆଠଗଡ଼,୪।୧୦(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ କାଇପୁଡ଼ିଆ ଗ୍ରାମ ନିକଟରେ ବସ୍ ଓ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଅଟୋ ଚାଳକଙ୍କ ସମେତ ସେଥିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗ୍ରାମର ରାମଚନ୍ଦ୍ର ଦଳେଇ (୨୫) ଏବଂ ଅଟୋ ଚାଳକ ଅଜିତ୍ ଜେନା ଓରଫ ଭୁଆଁ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ଅଜିତ୍ ଜେନାଙ୍କ ଅଟୋରେ ରାମଚନ୍ଦ୍ର ଦଳେଇ ଆଠଗଡ଼ ଆସୁଥିଲେ। ଏହି ସମୟରେ ଆଠଗଡ଼ ଆଡୁ ଆସୁଥିବା ଜୟ ଜଗନ୍ନାଥ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାପରେ ଘଟଣାସ୍ଥଳରୁ ବସ୍‌ଟି ଫେରାର ହୋଇଯାଇଥିବାବେଳେ ତାକୁ ଏପର୍ଯ୍ୟନ୍ତ ଠାବ କରାଯାଇପାରିନାହିଁ ବୋଲି ଆଠଗଡ଼ ପୋଲିସ ପକ୍ଷରୁ କୁହାଯାଇଛି।

# ଓସିଏସ୍‌ରେ ସଫଳ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତକଲେ ମନ୍ତ୍ରୀ

ଜଗତସିଂହପୁର, ୪।୧୦ (ପ୍ରମୋଦ କୁମାର ନାୟକ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆୟୋଜିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଜଗତ୍‌ସିଂହପୁର ଜିଲା ଫତେପୁର ପଞ୍ଚାୟତ ଜଳଧପୁର ଗ୍ରାମର ଆକାଶ ନାୟକ ଏବଂ ମହ୍ଲାସାହି ପଞ୍ଚାୟତ ମହ୍ଲାସାହି ଗ୍ରାମର ପ୍ରୀତୀଶ ଦାସ କୃତକାର୍ଯ୍ୟ ହୋଇଛନ୍ତି। ଏହା କୁଜଙ୍ଗ ମାଟି ନିମନ୍ତେ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ସ୍ୱାଇଁ ଉଭୟ ପରୀକ୍ଷାର୍ଥୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉଭୟ ପରୀକ୍ଷାର୍ଥୀ ଆଗାମୀ ଦିନରେ ସେବା ମନୋଭାବ ସହ ରାଜ୍ୟର ପ୍ରଗତି କ୍ଷେତ୍ରରେ ସମାଜର ପ୍ରତ୍ୟେକ ବର୍ଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରି ରାଜ୍ୟକୁ ଗୌରବାନ୍ୱିତ କରିବାର ମାଧ୍ୟମ ସାଜିବେ। ଉଭୟ ଜନସେବାରେ ନିଜକୁ ସାମିଲ କରି ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ସୂଚାରୁରୂପେ ଦାୟିତ୍ୱ ନିର୍ବାହ କରିବେ ବୋଲି ମନ୍ତ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।



ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆକାଶ ନାୟକଙ୍କୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ବର୍ଦ୍ଧିତ କରୁଛନ୍ତି।

## ପୀରବାବାଙ୍କ ଆସ୍ଥାନରେ ଭଙ୍ଗାରୁଜା ଅଭିଯୋଗ, ୩ ଅଟକ

ବାଲେଶର, ୪।୧୦ (ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ମା' ଦୁର୍ଗାଙ୍କ ଭସାଣି ଚାଲିଥିବା ବେଳେ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୁଣା ବାଲେଶ୍ୱର ଆଡକୁ ଫେରୁଥିବା ବେଳେ ୫ଜଣ ଯୁବକ ନୁରୁପୁର ରୋଡ଼ ଓ ପୁଲ ବଜାର ରାସ୍ତା ମଝିରେ ଅବସ୍ଥାପିତ ହଜରତ ଅବଦୁଲ ମଜିଦ ପୀରବାବାଙ୍କ ଆସ୍ଥାନର ପତାକା ଓ ଲାଇଟକୁ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଶନିବାର ଟାଉନ ଥାନାରେ ମାମଲା (ନଂ.୨୭୨/୨୫) ରୁଜୁ ହୋଇ ୩ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଖବରପାଇ ଏସ୍‌ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଅଧିକାରୀ ବିଜୟ ଦାସ ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଓ କେନ୍ଦ୍ରୀୟ ପୋଲିସ ଫୋର୍ସ ସହ ପହଞ୍ଚି ତଦନ୍ତ କରିଥିଲେ। ସିସିଟିଭି ଫୁଟେଜରୁ ଭଙ୍ଗାରୁଜା ସମ୍ପର୍କରେ ଜଣାପଡିଥିଲା। ଶନିବାର ସନ୍ଧ୍ୟାରେ ବ୍ରିଟ କଲ୍ୟାଣ ମଣ୍ଡପରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା ହୋଇ ଶାନ୍ତି ବଜାୟ ରଖିବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ।

# ଲଘୁଚାପ ବର୍ଷାରେ ଭାଙ୍ଗିଲା ଚାଳଘର

## ଦୁର୍ଦ୍ଦିନରେ କନକ, ସହାୟତାର ଦେଲେ ସ୍ୱେଚ୍ଛାସେବୀ

ଜଗତ୍‌ସିଂହପୁର, ୪।୧୦ (ପ୍ରମୋଦ କୁମାର ନାୟକ)

ରଘୁନାଥପୁର ବ୍ଲକ ସ୍ୱର୍ଗବ୍ରହ୍ମପୁର ଗ୍ରାମ ଅଧୀନ ୨୧ ନମ୍ବର ୱାର୍ଡରେ ଗତ ଲଗାଣ ବର୍ଷାରେ ଅଭାବନୀୟ ଘଟଣା ଘଟିଥିଲା। କନକ ମଞ୍ଜରୀ ମହାରଣା ନାମ୍ନୀ ଜଣେ ବିଧବା ମହିଳାଙ୍କ ଏକମାତ୍ର ଚାଳ ଘର ଭାଙ୍ଗି ଯାଇଛି। ଏଥିଯୋଗୁ ସେ ଅସୁସ୍ଥ ହେବା ସହ ପୁଅ ରାଧାଗୋବିନ୍ଦଙ୍କୁ ଧରି ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। କନକଙ୍କ କୌଣସି ନିର୍ଦ୍ଦିଷ୍ଟ ଆୟ ନ ଥିବାରୁ ସେ ଏକପ୍ରକାର ଭାଙ୍ଗି ପଡ଼ିଛନ୍ତି। ଏ ପରିସ୍ଥିତିରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଏନ୍‌ଜେଡବ୍ଲ୍ୟୁ ରୋଭର ୟୁନିଟ ଓ ସମାଜ ବିକାଶ ମିଶନ ୧୨ ଜଣିଆ ସ୍ୱେଚ୍ଛାସେବୀମାନେ ସହାୟତାର ହାତ ବଢ଼ାଇଛନ୍ତି। ଅନୁଷ୍ଠାନ ପକ୍ଷରୁ କନକଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ସହ ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। ଏଥିସହ ଉକ୍ତ ପରିବାରକୁ କିପରି ସରକାରୀ ଯୋଜନାରେ ମାଗଣାରେ ଗୃହ ମିଳିପାରିବ ସେ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିବା ସୂଚନା ଦିଆଯାଇଛି। ସ୍ଥାନୀୟ ଲୋକମାନେ ସରକାରଙ୍କୁ ତତ୍କାଳ ହସ୍ତକ୍ଷେପ କରି ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ସ୍ୱାଇଁ, ଯଦୁନାଥ ଦାସ, ସରିତ ମହାପାତ୍ର, ଅତୁଲ ବିକ୍ରମ ପ୍ରଧାନ, ସ୍ମୃତି ରଞ୍ଜନ ସ୍ୱାଇଁ, ଦାମୋଦର ପଣ୍ଡା, ପ୍ରତାପ ଚନ୍ଦ୍ର ରାଉତରାୟ, ପ୍ରିୟଦର୍ଶିନୀ ଦାସ, ସସ୍ମିତା ଶତପଥୀ ଓ ରାକେଶ ରୋଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ୟୁନିଟ ଲିଡର ବିଜୟ କୁମାର ରଥ ଓ ଭାରପ୍ରାପ୍ତ ରୋଭର ଲିଡର ଅଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ସେବା ଯୋଗାଇ ଦିଆଯାଇଛି।



ସ୍ୱେଚ୍ଛାସେବୀମାନେ କନକ ମଞ୍ଜରୀ ମହାରଣାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ୪୦ ହଜାର ଠକିନେଲେ ଟ୍ରାନ୍ସପୋର୍ଟ ଏଜେଣ୍ଟ

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)

ଖଇରା ଥାନା ରଇଁତିରା ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଓ କଳିହା ଗ୍ରାମର କୀର୍ତ୍ତନ ଦାସ ଅନଲାଇନ ଠକେଇର ଶିକାର ହୋଇଛନ୍ତି। ଏକ ଟ୍ରାନ୍ସପୋର୍ଟ କମ୍ପାନୀ ଧାନକଟା ମେସିନ ଖଇରାରୁ ମାଲକାନଗିରିରେ ପହଞ୍ଚାଇବାକୁ କହି ୪୦ ହଜାର ଟଙ୍କା ଠକି ନେଇଛନ୍ତି। ଉକ୍ତ ଅର୍ଥ ଫେରିପାଇବା ପାଇଁ ରବୀନ୍ଦ୍ର ଓ ତାଙ୍କର ସହଯୋଗୀ ଖଇରା ଥାନା ଦ୍ୱାରସ୍ଥ ହୋଇଛନ୍ତି। ରବୀନ୍ଦ୍ର ଓ ତାଙ୍କ ବନ୍ଧୁ କଳିହା ଗ୍ରାମର କୀର୍ତ୍ତନ ଦାସ ୨ଟି ଧାନକଟା ମେସିନ କିଣିଥିଲେ। ମାଲକାନଗିରି ଜିଲାକୁ ଧାନକଟା ମେସିନ ୨ଟିକୁ ନେଇଯିବା ଲକ୍ଷ୍ୟରେ ଏକ ଟ୍ରେଲର ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ବୁକ୍ କରାଇଥିଲେ। ଅନଲାଇନରେ ଅଗ୍ରୀମ ୪୦ହଜାର ଟଙ୍କା ଦେବା ପରେ ଗାଡି ରଇଁତିରାରୁ ବାହାରିଥିଲା। ଭଦ୍ରକ ପହଞ୍ଚିବା ପରେ ଡ୍ରାଇଭର ତେଲ ପକାଇବାକୁ ଟଙ୍କା ମାଗିଥିଲେ। ହେଲେ ଅନଲାଇନରେ ପେମେଣ୍ଟ ହୋଇଥିବାରୁ ସେମାନେ ଆଉ କାହିଁକି ପେମେଣ୍ଟ କରିବେ ବୋଲି ରବୀନ୍ଦ୍ର କହିବା ପରେ ଟ୍ରକ ମାଲିକ ଗାଡି ନେବାକୁ ମନା କରିଥିଲେ। ସେପଟେ ଅର୍ଥ ପାଇଥିବା ଏଜେଣ୍ଟ ମୋବାଇଲ ସୁଇଚ୍ ଅଫ କରିଦେଇଥିଲେ। ବାଧ ହୋଇ ରବୀନ୍ଦ୍ର ଓ କୀର୍ତ୍ତନ ଟ୍ରେଲର ସହ ନିଜ ଧାନକଟା ମେସିନକୁ ଧରି ରଇଁତିରା ପଳାଇଆସି ଶୁକ୍ରବାର ରାତିରେ ଖଇରା ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ତପନ ଜେନା ତଦନ୍ତ ଆରମ୍ଭ କରିଛନ୍ତି।


**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-421** : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0051/2526

No.O-803

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/30-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No.O-839

**No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025**

**e-Procurement NOTICE**

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526

**Govt.of Jharkhand**
**Department of Mines and Geology District- Lohardaga.**

[अल्पकालीन पुर्न निविदा (द्वितीय)]

**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रमः–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000 / –रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच / मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाहन से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा — जिला कोषागार पदाधिकारी, लोहरदगा — जिला खनन पदाधिकारी, लोहरदगा
अपर समाहर्ता लोहरदगा — उप निदेशक, खान दक्षिणी छोटानागपुर अंचल, राँची — उपायुक्त, लोहरदगा

PR.NO.363264 Lohardaga(25-26):D

# ଭୂସ୍ଖଳନର ୫୦ ଘଣ୍ଟା ବିତିଲା

# ମିଳିଲାନି ନିଖୋଜ ବାପପୁଅଙ୍କ ପତ୍ତା

ପାରଳାଖେମୁଣ୍ଡି,୪।୧୦(ଗିରିଧାରୀ ପରିଚ୍ଛା)

ଲଗାଣ ବର୍ଷାରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ପେକଟ ଗ୍ରାମର ଗୋଟିଏ ପରିବାରର ନିଖୋଜ ହୋଇଥିବା ବାପପୁଅଙ୍କ ସନ୍ଧାନ ୫୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ମିଳିପାରିନାହିଁ। ଘଟଣାସ୍ଥଳରେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମ୍ ସନ୍ଧାନ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଗତ ଦୁଇଦିନ ତଳର ଲଗାଣ ବର୍ଷା ଗଜପତି ଜିଲ୍ଲାକୁ ବିପର୍ଯ୍ୟସ୍ତ କରିଦେଇଛି। ଭୂସ୍ଖଳନ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ଆଉ ଜଣେ ବ୍ୟକ୍ତିଙ୍କ ମୃତଦେହ ଆର. ଉଦୟଗିରି କାଙ୍କିଆଟୋଟା ନଦୀରୁ ଉଦ୍ଧାର ହୋଇଛି। ମୃତକ ହେଲେ ପ୍ରତାପ ପଣ୍ଡା। ଗୁରୁବାର ଲକ୍ଷ୍ମୀପୁରକେନ୍ଦ୍ରିତ ପ୍ରବଳ ବର୍ଷାରେ ସେ କାର ସହ ଭାସିଯାଇଥିଲେ। ତାଙ୍କ ମୃତଦେହ କାର ଭିତରୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ଫଳରେ ଏହି ଘଟଣାରେ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି।

ରାୟଗଡ ବ୍ଲକ ପେକଟ ଗ୍ରାମର କାର୍ତ୍ତିକ ଶବର ଓ ତାଙ୍କ ପୁଅ ରାଜିଗ ଶବର ଭୂସ୍ଖଳନ ଯୋଗୁ ମାଟି ତଳେ ରହିଯାଇଥିବା ଗ୍ରାମବାସୀଙ୍କ ସନ୍ଦେହ ପରେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମ୍ ୫୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସମ୍ପୃକ୍ତ ବାପପୁଅଙ୍କୁ ଖୋଜି ବାହାର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ ୫ଟି ଜେସିବି ମେସିନ କ୍ଷତିଗ୍ରସ୍ତ ସବୁ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବାକୁ ଲାଗିପଡିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ଓ ରାଜିଗଙ୍କ ପରିବାର ଲୋକେ ଉଭୟଙ୍କୁ ଫେରି ପାଇବା ନେଇ ଆଶା ରଖିଛନ୍ତି। ସେମାନଙ୍କୁ ମୃତ କିମ୍ବା ଜୀବିତ ଅବସ୍ଥାରେ କିଭଳି ଫେରି ପାଇବେ ସେ ନେଇ ଆଶା ରଖିଛନ୍ତି ବୋଲି ରାଜିଗଙ୍କ ସ୍ତ୍ରୀ ରୀତା, ତାଙ୍କ ଭାଇ ସଞ୍ଜୁ ଓ ମାଆ ମାଳତି କହିଛନ୍ତି। ଘଟଣାସ୍ଥଳକୁ ପ୍ରଶାସନିକ ଅଧିକାରୀ, ବହୁ ନେତା, ମନ୍ତ୍ରୀ ପହଞ୍ଚି ଅନୁଧାନ କରୁଛନ୍ତି।


କାର୍ତ୍ତିକ ଶବରଙ୍କ ପରିବାର ଲୋକଙ୍କୁ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଶାନ୍ତ୍ୱନା ଦେଉଛନ୍ତି।

- କାର ଭିତରୁ ମିଳିଲା ଆଉ ଏକ ମୃତଦେହ, ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି
- ଓଡ୍ରାଫ ଓ ଅଗ୍ନିଶମବାହିନୀ ଟିମ୍ ଜାରି ରଖିଛନ୍ତି ତଲାସି
- ଘଟଣାସ୍ଥଳ ଅନୁଧ୍ୟାନ କଲେ ଏମ୍ପି, ବିଧାୟକ

ଉଭୟ ବାପପୁଅଙ୍କୁ ଉଦ୍ଧାର କରିବାକୁ ପ୍ରଶାସନ ସମସ୍ତ ଉଦ୍ୟମ ଜାରି ରଖିଛି ବୋଲି ବିଡିଓ ସନ୍ତୋଷ ବାରିକ ଓ ଅଗ୍ନିଶମ ଅଧିକାରୀ ଧୀରେନ୍ଦ୍ର ଦାସ କହିଛନ୍ତି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଏବଂ ବ୍ରହ୍ମପୁର ଏମ୍ପି ପ୍ରଦୀପ ପାଣିଗ୍ରାହୀ ପହଞ୍ଚି ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଇଛନ୍ତି। ଗଜପତି ଜିଲ୍ଲାରେ ଭୂସ୍ଖଳନ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ଏହାର ସ୍ଥାୟୀ ସମାଧାନ ଲାଗି ବିଜ୍ଞ ବୈଷୟିକ ବ୍ୟକ୍ତି ମାଧ୍ୟମରେ ରାସ୍ତା ବାହାର କରିବାକୁ ବିଧାୟକ ଓ ଏମ୍ପି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ପାଣି ପାଇଁ ଜାତୀୟ ରାଜପଥ ଅବରୋଧ କଲେ ମହିଳା



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

**ଖଲ୍ଲିକୋଟ,୪।୧୦(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁରଠାରେ ପାଣି ପାଇଁ ଶନିବାର ଓଡ଼ିଆରପି କଲୋନିର ଶତାଧିକ ମହିଳା ୧୯ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଦୀର୍ଘ ଏକ ମାସ ହେଲା କେଶପୁର ଓଡ଼ିଆରପି କଲୋନିରେ ଥିବା ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ପରିବାର ସ୍ୱଚ୍ଛ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଫଳରେ ଶନିବାର ଅପରାହ୍ଣରେ ଓଡ଼ିଆରପି କଲୋନିର ଶତାଧିକ ମହିଳା ରାଜରାସ୍ତା ଉପରେ ଗରା ମାଠିଆ ରଖି ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେପଟେ ଦୀର୍ଘ ଏକ ଘଣ୍ଟା ଧରି ରାସ୍ତା ଅବରୋଧ କରିବା ପରେ ଖବର ପାଇ ଖଲ୍ଲିକୋଟ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଅନ୍ୟପଟେ ଯଦି ତୁରନ୍ତ ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବା ସହ ପୁଣି ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଓଡ଼ିଆରପି କଲୋନି ବାସିନ୍ଦା ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଆସିକା,୪।୧୦ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତର ସାହସପୁର ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାସନ୍ତୀ ମୁନି (୩୨)। ବାସନ୍ତୀ ଗ୍ରାମର ଶୁଣ୍ଢୀ ବନ୍ଧ ପୋଖରୀକୁ ସ୍ନାନ ଶୌଚ ଲାଗି ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ତାଙ୍କୁ ପୋଖରୀରୁ ଉଦ୍ଧାର କରା ଯାଇ ଆସିକା ସରକାରୀ ଡାକ୍ତରଖାନାକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଆସିକା ପୋଲିସ ଡାକ୍ତର ଖାନାରେ ପହଞ୍ଚି ତଦନ୍ତ ଚଳାଇଛି।

### ହିନ୍ଦୀ ପଣ୍ଡିତଙ୍କ ଦେହାନ୍ତ

ଖଲ୍ଲିକୋଟ,୪।୧୦(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ସେବତୀ ଦେଇପୁର ଶାସନର ହିନ୍ଦୀ ବିଶାରଦ ବିନାୟକ ଆଚାର୍ଯ୍ୟ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ସେ ବଡ଼ଚଣା ହାଇସ୍କୁଲରେ ହିନ୍ଦୀ ପଣ୍ଡିତ ରୂପେ କାର୍ଯ୍ୟରତ ଥିଲେ। ଅବସର ପରେ ସେ ଜଣେ ହିନ୍ଦୀ ଭାଷା ସାହିତ୍ୟର ପ୍ରଚାରକ ରୂପେ ପରିଚିତ ଥିଲେ।

### ଗାନ୍ଧୀ ଜୟନ୍ତୀରେ ଗ୍ରାମ ପରିକଳ୍ପନା ପତ୍ର ପାରିତ

ଫୁଲବାଣୀ,୪।୧୦(ରାକେଶ କୁମାର ରାଉତ)

ଆଦିବାସୀ ସମାଜ ଭାରତୀୟ ସଭ୍ୟତାର ଅଭିନ୍ନ ଅଂଶ । ସେମାନେ ନିଜସ୍ୱ ସଂସ୍କୃତି, ପରମ୍ପରା, ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦରେ ନିର୍ଭରଶୀଳ। ମାତ୍ର ଆଦିବାସୀମାନେ ଦୀର୍ଘଦିନ ଧରି ଦାରିଦ୍ର୍ୟ, ଅସୁସ୍ଥତା, ଶିକ୍ଷାର ଅଭାବ, ବିକାଶ ପଥରୁ ଦୂରରେ ରହି ଆସୁଛନ୍ତି। ସରକାର ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ଆଦିବାସୀ ସଂପ୍ରଦାୟର ପୂର୍ଣ୍ଣାଙ୍ଗ ବିକଶ ପାଇଁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରିଛନ୍ତି। କନ୍ଧମାଳ ଜିଲାର ୧୨ ବ୍ଲକରେ ସମୁଦାୟ ୩୯୫ ଗ୍ରାମରେ ଏହି ଅଭିଯାନ ଚାଲୁଛି। ଏଥିପାଇଁ ପ୍ରାୟ ୮ ହଜାର ଆଦି କର୍ମଯୋଗି, ଆଦି ସହଯୋଗି ଓ ଆଦି ସାଥି ଚୟନ କରାଯାଇଛି। ପ୍ରତି ଗ୍ରାମରେ ଆଦି ସେବା କେନ୍ଦ୍ର ଖୋଲାଯାଇଛି। ସେବା କେନ୍ଦ୍ରରେ ସମସ୍ତେ ଏକାଠି ଗ୍ରାମର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ପରିକଳ୍ପନା ପତ୍ର ପ୍ରସ୍ତୁତ କରିଛନ୍ତି। ନିଜ ଗ୍ରାମର ପରିକଳ୍ପନା ପତ୍ର ସେପ୍ଟେମ୍ବର ୧୭ ରୁ ୩୦ରେ ଶେଷ ହେବାପରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାମ ସଭାରେ ପାରିତ ହୋଇଛି। ଜନ ଭାଗିଦାରୀ ଆଧାରରେ ସେବା, ସଂକଳ୍ପ ଓ ସମର୍ପଣ ଭାବନା ନେଇ ଜନଜାତିଙ୍କ ସାମୂହିକ ବିକାଶ ପାଇଁ ସମସ୍ତେ କାମ କରିବା ପାଇଁ ଜିଲା ପ୍ରଶାସନ ଏବଂ ନିର୍ବାଚିତ ପ୍ରତିନିଧି ମାନେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

# ସାର ପାଇଁ ବ୍ଲକ କାର୍ଯ୍ୟାଳୟ ଘେରିଲେ ଚାଷୀ

ହିଞ୍ଜିଳିକାଟୁ,୪।୧୦ ( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକରେ ସାର ଅଭାବ ନେଇ ଶନିବାର ଚାଷୀ ନେତା ଓ ଚାଷୀ ହିଞ୍ଜିଳିକାଟୁରେ ଏକ ଶୋଭାଯାତ୍ରା କରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଋଷିକୂଲ୍ୟା ରୟତ ମହାସଭାର ଆବାହକ ସୀମାଞ୍ଚଳ ନାହାକ, ସମ୍ପାଦକ ପଦ୍ମଚରଣ ସାହୁ ଙ୍କ ତତ୍ତ୍ୱାବଧାନରେ ବହୁ ଚାଷୀ ସରକାରଙ୍କ ସାର ବଣ୍ଟନ ନୀତିରେ ତୀବ୍ର ସମାଲୋଚନା କରିଥିଲେ। ଗତବର୍ଷ ଡିସେମ୍ବରରେ ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ବୀମା ରାଶି ପ୍ରଦାନ, ମଣ୍ଡି ଅବ୍ୟବସ୍ଥା ସୁଧାରିବା ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ଭଜରାମ ସାବତ, ଲକ୍ଷ୍ମୀ ନାହାକ , ଦୟାନିଧି ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।



ସାର ଅଭାବ ପ୍ରତିବାଦରେ ଚାଷୀଙ୍କ ବାହାରିଥିବା ଶୋଭାଯାତ୍ରା।

# ହଳଦୀ ବୋଝେଇ ଟ୍ରକ୍ ଦୁର୍ଘଟଣା

### ଡ୍ରାଇଭର, ହେଲ୍‌ପର ଗୁରୁତର

ଦାରିଙ୍ଗବାଡି,୪।୧୦ (ଅରୁଣ ସାହୁ): ଦାରିଙ୍ଗବାଡି ଥାନା ଶ୍ରାନିକେତା ଘାଟିରେ ଶନିବାର ସନ୍ଧ୍ୟାରେ ଏକ ହଳଦୀ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ରକ ଡ୍ରାଇଭର ଏବଂ ହେଲପର ଗୁରୁତର ହୋଇଥିବା ପୋଲିସ କହିଛି। ଆହତ ଡ୍ରାଇଭର ହେଲେ ବରଗଡ଼ ଥାନା ଅଞ୍ଚଳର ସୁଶାନ୍ତ ସାହୁ ଏବଂ ହେଲପର ମଧ୍ୟ ଉକ୍ତ ଥାନା ଅଞ୍ଚଳର ସୁଶାନ୍ତ ଦାସ। ଖବର ପାଇ ଦାରିଙ୍ଗବାଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ଦାରିଙ୍ଗବାଡ଼ିରୁ ହଳଦୀ ନେଇ ବାଲିଗୁଡା ଅଭିମୁଖେ ଟ୍ରକ୍‌ଟି ଯାତ୍ରା କରୁଥିଲା। ତେବେ ଦାରିଙ୍ଗବାଡ଼ିରୁ ମାତ୍ର ୩ କିମି ଟ୍ରକ୍‌ଟି ଆସିଥିବା ବେଳେ ଶ୍ରାନିକେତା ଘାଟି ଗଡୁଥିବା ସମୟରେ କୌଣସି କାରଣରୁ ଟ୍ରକଟି ଘାଟି କଡ଼ରେ ଥିବା ଏକ ପଥରକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ର ସମ୍ମୁଖ ପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲପର ସାଇଡରେ ଧକ୍କା ହୋଇଥିବାରୁ ହେଲପରଙ୍କୁ ଅଧିକା ଆଘାତ ଲାଗିଛି।




# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ

ଫୁଲବାଣୀ,୪।୧୦(ରାକେଶ କୁମାର ରାଉତ)

ଫୁଲବାଣୀରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ରକ୍ତଦାନ ଶିବିର ହୋଇଥିଲା। ରକ୍ତ ସଂଗ୍ରହ ପାଇଁ ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଓ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଯୋଗଦେଇ ଜିଲାରେ ରକ୍ତଦାନ ଶିବିର ସଂଖ୍ୟାକୁ ବୃଦ୍ଧି କରିବା ଏବଂ ଗ୍ରାମାଞ୍ଚଳରେ ଯୁବପିଢ଼ିଙ୍କୁ ଏଦିଗରେ ଉତ୍ସାହିତ କରିବାକୁ ବିଭିନ୍ନ ମାଧ୍ୟମର ସହାୟତା ନେବାକୁ କହିଥିଲେ। ଅନ୍ୟତମ ଅତିଥି ଜିଲା ଭାଜପା ସଭାପତି ପଣ୍ଡିତ ବିଶି ମାଝି ଗ୍ରାମାଞ୍ଚଳରେ ରକ୍ତଦାନ ନେଇ ସଚେତନତା କାର୍ଯ୍ୟକ୍ରମ ସହ ଦଳ ପକ୍ଷରୁ ଅଧିକ ସଂଖ୍ୟାରେ ରକ୍ତଦାନ ଶିବିର କରାଯିବ ବୋଲି କହିଥିଲେ। ରକ୍ତଦାତା ପ୍ରଶାନ୍ତ ବେହେରା ଫୁଲବାଣୀ ରକ୍ତଭଣ୍ଡାରର ଆରମ୍ଭଠାରୁ ଏଯାବତ୍ ରକ୍ତ ଦାତା, ଶିବିର ଆୟୋଜକ, ୨ ଶହରୁ ଅଧିକ ଥର ରକ୍ତଦାନ କରିଥିବା ଜଟେଶ୍ୱର ଦାସ, ସ୍ୱର୍ଗତ ପଞ୍ଚାନନ ସାହୁ, ସୟଦ ରସିଦ, ସମରେନ୍ଦ୍ର ପଟ୍ଟନାୟକଙ୍କ ଏକ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଡା.ଜୟଦୀପ ଘୋଷ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଫୁଲବଣୀ ଟିମ ହ୍ୟୁମାନିଟିର ଆବାହକ ଭି.ଲୋକନାଥ ରାଜୁ, ଡା.ନୃସିଂହାନନ୍ଦ ମହାପାତ୍ର ଓ ପ୍ରଶାନ୍ତ ମିଶ୍ର ଉପସ୍ଥିତ ଥିଲେ।



# ପୋଲିସ ଟାର୍ଗେଟ୍ ଜୁଆଆଡ୍ଡା, ବେଆଇନ ବାଣ କାରବାର

### ୪୦ ଜୁଆ ଆଡ୍ଡାରେ ଚଢ଼ାଉ, ୨୬୦ ଗିରଫ, ୧୨୪ ମୋବାଇଲ, ୬ ବାଇକ୍ ଜବତ

ଛତ୍ରପୁର,୪।୧୦(ଦିଲ୍ଲୀପ ସାମଲ)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜୁଆ ଆଡ୍ଡା ଓ ବେଆଇନ ବାଣ କାରବାର ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଜିଲାର ସବୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପେକ୍ଷୀରେ ବିଭିନ୍ନ ଥାନା ପକ୍ଷରୁ ବେଆଇନ ବାଣ କାରବାର ଓ ଜୁଆ ଆଡ୍ଡା ଉପରେ ଚଢାଉ ଜାରି ରହିଛି । ୧୫ ସେପ୍ଟେମ୍ବରରୁ ଅକ୍ଟୋବର ୩ ମଧ୍ୟରେ ୪୦ଟି ଜୁଆ ଆଡ୍ଡାରେ ଚଢାଉ କରାଯାଇ ୭ଲକ୍ଷ ୧୦ ହଜାର ୩୪୨ ଟଙ୍କା ଜବତ କରାଯାଇଛି। ୧୨୪ଟି ମୋବାଇଲ ଫୋନ,୬ଟି ବାଇକ୍ ଜବତ ହୋଇଛି। ୨୬୦ ଜଣ ଜୁଆଡଙ୍କୁ ଗିରଫ କରାଯାଇଛି । ବେଆଇନ ବାଣ କାରବାରରେ ୩୪ଟି ମାମଲା ରୁଜୁ ହୋଇଛି। ସେମାନଙ୍କୁ ନୋଟିସ ପ୍ରଦାନ କରାଯାଇଥିବା ବେଳେ ୨ଜଣଙ୍କୁ ଗିରଫ କରାଯାଇଛି। ୫୨ ଲକ୍ଷ ୫୨ ହଜାର ଟଙ୍କାର ବାଣ ଜବତ କରାଯାଇ ସେଗୁଡ଼ିକୁ ପୋଲିସ ନଷ୍ଟ କରିଛି।

ଏହି ସମୟ ସୀମା ମଧ୍ୟରେ ଛତ୍ରପୁର ପୋଲିସ ୩ଟି ମାମଲା ରୁଜୁ କରିବା ସହ ୩୦ ଲକ୍ଷ ଟଙ୍କାର ବାଣ ଜବତ କରିଥିଲା। ସେହିପରି ଆସିକା ପୋଲିସ ୫ଟି ମାମଲା ରୁଜୁ କରି ୭ଲକ୍ଷ ଟଙ୍କାର ବାଣ ଜବତ କରିଛି। ଗଞ୍ଜାମ ପୋଲିସ ୪ଟି ମାମଲା ରୁଜୁ କରି ୯୦ ହଜାର ଟଙ୍କାର ବାଣ, ରମ୍ଭା ପୋଲିସ ଗୋଟିଏ ମାମଲା ରୁଜୁ ସହ ୩୦ ହଜାର ଟଙ୍କାର ବାଣ, ଖଲ୍ଲିକୋଟ ପୋଲିସ ଗୋଟିଏ ମାମଲା ରୁଜୁ ସହ ୧୦ ହଜାର ଟଙ୍କାର ବାଣ, ପୁରୁଷୋତ୍ତମପୁର ପୋଲିସ ଗୋଟିଏ ମାମଲା ରୁଜୁ ସହ ୨୫ ହଜାର ଟଙ୍କାର ବାଣ, କବିସୂର୍ଯ୍ୟନଗର ପୋଲିସ ଗୋଟିଏ ମାମଲା ରୁଜୁ ସହ ୨୦ ହଜାର ଟଙ୍କାର ବାଣ, କୋଦଳା ପୋଲିସ ୨ଟି ମାମଲା ରୁଜୁ ସହ ୧୧ ହଜାର ଟଙ୍କାର ବାଣ, ବେଗୁନିଆପଡା ପୋଲିସ ୨ଟି ମାମଲା ସହ ୩୫ହଜାର ଟଙ୍କାର ବାଣ , ପୋଲସରା ପୋଲିସ ୨ଟି ମାମଲା ସହ ୪୦ ହଜାର ଟଙ୍କାର ବାଣ, ହିଞ୍ଜିଳି ପୋଲିସ ୨ଟି ମାମଲା ସହ ୭୫ ହଜାର ଟଙ୍କାର ବାଣ, ଶେରଗଡ ପୋଲିସ ଗୋଟିଏ ମାମଲା ସହ ୨ଲକ୍ଷ ଟଙ୍କାର ବାଣ, ଭଞ୍ଜନଗର ପୋଲିସ ୩ଟି ମାମଲା ସହ ୫.୫୬ ଲକ୍ଷ ଟଙ୍କାର ବାଣ, ବେଲଗୁଣ୍ଠା ପୋଲିସ ୩ଟି ମାମଲା ସହ ୨.୯୦ ଲକ୍ଷ ଟଙ୍କାର ବାଣ, ବୁଗୁଡା ପୋଲିସ ଗୋଟିଏ ମାମଲା ସହ ୧.୫ ଲକ୍ଷ ଟଙ୍କାର ବାଣ ଓ ଗାଙ୍ଗପୁର ପୋଲିସ ୨ଟି ବେଆଇନ ବାଣ କାରବାର ମାମଲା ରୁଜୁ ସହ ୪୦ ହଜାର ଟଙ୍କାର ବାଣ ଜବତ କରିଛି । ଏହି ଚଢାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି ।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ପୂର୍ତ୍ତି ଉତ୍ସବ ପାଳିତ

ଜି.ଉଦୟଗିରି,୪।୧୦(ଚିନ୍ମୟ କୁମାର ସେଠୀ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜି.ଉଦୟଗିରି ମଣ୍ଡଳ ଖଣ୍ଡ-ଉଦୟଗିରି ତରଫରୁ ଚଳିତ ବର୍ଷକୁ ଶତାବ୍ଦୀ ପୂର୍ତ୍ତି ବର୍ଷ ପାଳନ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆୟୋଜିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ସ୍ୱୟଂ ସେବକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଶିଶୁ ମନ୍ଦିର ପରିସରରେ ସଂଘ ଶାଖା ଦଣ୍ଡ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଜିଲା କାର୍ଯ୍ୟବାହ ଅରବିନ୍ଦ ପ୍ରଧାନ, ଖଣ୍ଡ କାର୍ଯ୍ୟବାହ ସୁଧୀର ପ୍ରଧାନ, ମଣ୍ଡଳ କାର୍ଯ୍ୟବାହ ମନୋଜ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭଗବାନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗାଦେଇ ସମାଜରେ ପରିବର୍ତ୍ତନ ଯଥା ନାଗରିକ କର୍ତ୍ତବ୍ୟ, କୁଟୁମ୍ବ ପ୍ରବୋଧନ, ସ୍ୱଜାଗରଣ, ପର୍ଯ୍ୟାବରଣ, ସାମାଜିକ ସମରସତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଭାରତରେ ୧୯୨୫ ମସିହାରେ ଡା. କେଶବ ବଳିରାମ ହେଡେଓ୍ୱାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ସଂଘ ଶନିବାର ୧୦୦ ତମ ବର୍ଷ ପାଳନ କରିଛି। ସଂଘର ଶହେ ବର୍ଷର ସେବା କାର୍ଯ୍ୟର ଅନୁଭୂତି ଓ ଭବିଷ୍ୟତର ସମାଜ ସେବା କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ଶିକ୍ଷା, ସ୍ୱାସ୍ଥ୍ୟ ସେବା ସହ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ ଦୃଷ୍ଟି ଦେବା ପାଇଁ ଆଲୋଚନା ହୋଇଥିଲା।

**ADVERTISEMENT FOR TENDER FOR SUPPLY OF COMPUTER CONSUMABLE ITEMS FOR THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-421** : Sealed Tender is invited from organization/ firms/Agencies for **"Supply of Computer Consumable items"** to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.10.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from http://bbmchbalangir.odisha.gov.in, https://balangir.odisha.gov.in & www.dmetodisha.gov.in

Sd./- Superintendent
Bhima Bhoi Medical College & Hospital,
Balangir

OIPR-10141/11/0051/2526

No.O-803

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/30-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 30-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 13 Nos | From Rs.271.43 Lakhs to Rs.757.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/20-2025-26/BPR | 13.10.2025 at 10.00 A.M. | 27.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- K. Ch. Khatua
Chief Construction Engineer
R.W.Circle, Berhampur

OIPR-25071/11/0137/2526

No.O-839

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
**No. Tender Online - RWCCESNG - 15 of 2025-26, Letter No. 2251 / Dtd. 23.09.2025**
**e-Procurement NOTICE**

1. Type of the Work : Bridges, 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2025-26 | 06.10.2025 11:00 A.M. | 23.10.2025 5:00 P.M. | 22.10.2025 5:00 P.M. | 24.10.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0071/2526

**Govt.of Jharkhand**
**Department of Mines and Geology District- Lohardaga.**

[अल्पकालीन पुर्न निविदा (द्वितीय)]
**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट / बालूघाटों के समूह की ई–नीलामी निम्न कार्यक्रमानुसार करायी जाएगी :–

1. ई–नीलामी कार्यक्रम:–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | | 07.10.2025 03:00 PM एवं 10.10.2025 01:00 PM | 13.10.2025 5:00 PM | 14.10.2025 को 10:00 बजे पूर्वाह्न से 5:00 बजे अपराह्न तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

2. बालूघाट / बालूघाटों के समूह की विस्तृत विवरणी जिला के वेबसाईट पर उपलब्ध है।
3. बालूघाट / बालूघाटों के समूह की ई–नीलामी प्रक्रिया, ई–प्रोक्योरमेंट पोर्टल www.jharkhandtenders.gov.in से करायी जाएगी।
4. ई–नीलामी में भाग लेने वाले व्यक्तियों / कम्पनी / फर्म / HUF को ई–प्रोक्योरमेंट पोर्टल https://www.jharkhandtend ers.gov.in पर निबंधन कराना अनिवार्य होगा।
5. एतद् संबंधी समस्त सूचना (यथा– नीलामी कार्यक्रम, सुरक्षित जमा राशि, अग्रधन राशि इत्यादि) विस्तृत रूप से जिला के वेबसाईट एवं ई–प्रोक्योरमेंट पोर्टल पर उपलब्ध है।
6. एतद् संबंधी समस्त सूचना हेतु ई–प्रोक्योरमेंट हेल्पडेस्क एवं जिला खनन कार्यालय से सम्पर्क किया जा सकता है।
7. बालू घाट का तात्पर्य है कि The Jharkhand Sand Mining Rules, 2025के नियम–3 के तहत जिला सर्वेक्षण प्रतिवेदन (बालू) में चिन्हित Category-2 Sand ghat/Sand Bearing Land/River Stream होगा।
8. निविदादाता द्वारा ई–पोरक्योमेंट / ई–नीलामी पोर्टल से निविदा दस्तावेज के साथ BoQ Templet (For Intital Price Offer) प्राप्त किया जाएगा। BoQ (.xls) प्रारूप में अपलोड किया जाएगा।
9. एतद् संबंधी समस्त सूचना https://www.jharkhandtenders.gov.in एवं जिले के website पर उपलब्ध है।

कार्यपालक अभियंता, लघु सिंचाई प्रमण्डल, लोहरदगा
जिला कोषागार पदाधिकारी लोहरदगा
जिला खनन पदाधिकारी, लोहरदगा
अपर समाहर्ता लोहरदगा
उप निदेशक, खान दक्षिणी छोटानागपुर अंचल, राँची
उपायुक्त, लोहरदगा

PR.NO.363264 Lohardaga(25-26):D

# ଯୁବକଙ୍କ ବେକ, ଯୌନାଙ୍ଗ କାଟି ହତ୍ୟାକଲେ ଭିଣୋଇ

ଯାଜପୁର ରୋଡ୍, ୪।୧୦ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବେକ ଓ ଯୌନାଙ୍ଗକୁ କାଟି ଭିଣୋଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ମିଥୁନ ବେହେରା। ଅଭିଯୁକ୍ତ ଭିଣୋଇ କହ୍ନେଇ ବେହେରା ଫେରାର ହୋଇଯାଇଛନ୍ତି। ଏନେଇ ମୃତକଙ୍କ ବଡ଼ଭାଇ ରସିକଙ୍କ ଅଭିଯୋଗ ଅନୁଯାୟୀ ଯାଜପୁର ରୋଡ୍ ଥାନା ପୋଲିସ ନଂ.୫୮୮/୨୦୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପନାସିଆ ଆଦିବାସୀ ବସ୍ତି ରେଲଲାଇନ କଡ଼ରେ ଶନିବାର ଭୋର ସମୟରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟଣା ଘଟିଛି। ଦଶହରା ପୂଜା ଛୁଟି କାଟିବା ପାଇଁ ୨ ଦିନ ତଳେ ଅର୍ଥାତ୍ ଗୁରୁବାର କେନ୍ଦୁଝର ଜିଲା ରାଇସୁଆଁ ଥାନା ଗୁହାଳିଚଟୁଆ ଗ୍ରାମର ମିଥୁନ ବେହେରା(୨୪) ସପରିବାର ବ୍ୟାସନଗର ସହର ପନାସିଆକୁ ଆସିଥିଲେ। ବଡ଼ଭାଇ ରସିକ ବେହେରା ଜଣେ ନିର୍ମାଣ ଶ୍ରମିକ ଭାବେ ଏଠାରେ ରହି କାମ କରୁଥିଲେ। ରସିକଙ୍କ ଭଉଣୀ ରୀନା ବେହେରା କିଛି ବର୍ଷ ତଳେ ରାଜମିସ୍ତ୍ରି କହ୍ନେଇ ବେହେରାଙ୍କୁ ବିବାହ କରିଥିଲେ। କହ୍ନେଇ ନିଶାଗ୍ରସ୍ତ ହେବା ସହ ତାଙ୍କ ଅସାମାଜିକ ଗୁଣ ପାଇଁ ରୀନା ପ୍ରାୟ ୨ବର୍ଷ ତଳୁ ତାଙ୍କୁ ଛାଡି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। କହ୍ନେଇ ଏଥିରେ ଉତ୍‌କ୍ଷିପ୍ତ ହୋଇ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ରସିକଙ୍କ ଘରେ ଗଣ୍ଡଗୋଳ କରୁଥିଲେ। ଏପରିକି ରୀନାଙ୍କୁ ଜୀବନରୁ ମାରିଦେବାକୁ ବାରମ୍ବାର ଧମକ ଦେଇଆସୁଥିଲେ। ଅଭିଯୋଗ ଅନୁସାରେ ଶୁକ୍ରବାର ରାତିରେ ସମସ୍ତେ ବସି ଟିଭିରେ ସିନେମା ଦେଖୁଥିଲେ। ଶନିବାର ଭୋର ୪ଟା ବେଳେ କହ୍ନେଇ ଆସି ରସିକଙ୍କ ଘରେ ପହଞ୍ଚିଥିଲେ। ଏହାପରେ ରସିକଙ୍କୁ ବାହାରକୁ ଯାଇ ମଦ ପିଇବାକୁ କହିଥିଲେ। ରସିକ ଫିଲ୍ମ ଦେଖୁଛି କହି ଯିବାକୁ ମନା କରିବା ପରେ ପୂଜା ବୁଲିବାକୁ ଆସିଥିବା ସାନ ଶଳା ମିଥୁନଙ୍କୁ ମଦ ପିଇବାକୁ ଡାକିଥିଲେ। ଘରଠାରୁ କିଛି ବାଟ ଯିବା ପରେ ରେଲଲାଇନ୍ କଡ଼ ନିଛାଟିଆ ସ୍ଥାନରେ କହ୍ନେଇ ବର୍ବରକାଣ୍ଡ ଘଟାଇଥିଲେ। କହ୍ନେଇ ପ୍ରଥମେ ମିଥୁନଙ୍କ ବେକ ଏବଂ ପରେ ଯୌନାଙ୍ଗକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ମିଥୁନ ଜୀବନ ବଞ୍ଚାଇବା ପାଇଁ ଘରକୁ ଦୌଡ଼ିଥିଲେ। ଏହି ସମୟରେ ପ୍ରାୟ ୨୦୦ ମିଟର ଯାଏ ରାସ୍ତାରେ ରକ୍ତ ପଡ଼ିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମିଥୁନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ କହ୍ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଏସ୍‌ଆଇ ଲିଙ୍ଗରାଜ ବେହେରା ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି।

# ଝିଅ ଆଗରେ ସ୍ତ୍ରୀଙ୍କୁ କଚାଡ଼ି ମାରିଦେଲେ

## ସ୍ୱାମୀ ଗିରଫ

ଔପଦା, ୪।୧୦(ଧରିତ୍ରୀ ପଣ୍ଡା)

ସାମାନ୍ୟ ପାରିବାରିକ ଗଣ୍ଡଗୋଳରୁ ହିତାହିତ ଜ୍ଞାନ ଭୁଲିଗଲେ ସ୍ୱାମୀ। ପିଟି ପିଟି ମନ ଶାନ୍ତ ହେଲାନି। ୩ ବର୍ଷର ଝିଅ ଆଗରେ ସ୍ତ୍ରୀଙ୍କୁ ରାସ୍ତାରେ କଚାଡ଼ି ଦେଲେ। ଶେଷରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଏଭଳି ଏକ ନୃଶଂସ ଘଟଣା ଘଟିଛି ବାଲେଶ୍ୱର ଜିଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମର ହରିଜନ ସାହିରେ।

୫ବର୍ଷ ପୂର୍ବେ ମୟୂରଭଞ୍ଜ ଅଞ୍ଚଳ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କୁନୁ ବାଗଙ୍କ ଝିଅ ବିଷମାଙ୍କୁ ନିଶାକର ମାଣ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଏକ କନ୍ୟା ସନ୍ତାନ ଅଛି। ନିଶାକର ଶୁକ୍ରବାର ରାତିରେ ସ୍ତ୍ରୀ ବିଷମାଙ୍କୁ କୌଣସି କାରଣରୁ ମାରପିଟ୍ କରିଥିଲେ। ନିର୍ଧୁମ୍ ପିଟିବା ସହ ସ୍ତ୍ରୀଙ୍କୁ ଘରୁ ବାହାରକୁ ଟେକି ଆଣି ରାସ୍ତା ଉପରେ କଚାଡ଼ି ଦେଇଥିଲେ। ବିଷମା ଚିତ୍କାର କରିବାରୁ ପଡ଼ୋଶୀ ଲୋକେ ସେଠାରେ ପହଞ୍ଚିଥିଲେ। ଚେତାଶୂନ୍ୟ ଅବସ୍ଥାରେ ବିଷମାଙ୍କୁ ଉଦ୍ଧାର କରି ନିଶାକର ଓ ତାଙ୍କ ସମ୍ପର୍କୀୟ ପୁତୁରା ଖଇରା ଡାକ୍ତରଖାନାକୁ ନେଇଥିଲେ। ବିଷମାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନିଆଯାଉଥିବା ବେଳେ ବାଟରେ ବିଷମାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ମୃତଦେହକୁ ଗାଁକୁ ଅଣାଯାଇଥିଲା। ଖବରପାଇ ବାପଘର ଲୋକେ ବିଳମ୍ବିତ ରାତିରେ ଔପଦା ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୫୮/୨୫) ରୁଜୁ କରି ନିଶାକରଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ଔପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ନିଶାକରଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।



ଥାନା ସମ୍ମୁଖରେ ମୃତ ମହିଳାଙ୍କ ବାପ ଘର ଲୋକେ।

# ଉପ ଡାକଘର ତାଲା ଭାଙ୍ଗି ଚୋରି

ଚମ୍ପୁଆ,୪।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପ ଡାକଘର ପଛପଟ କବାଟ ତାଲା ଭାଙ୍ଗି ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ କବାଟ ତାଡ଼ି ଷ୍ଟାମ୍ପ ବିକ୍ରି ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ପୋଷ୍ଟମାଷ୍ଟର ତପସ୍ୱିନୀ ପାତ୍ର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପୋଷ୍ଟ ଅଫିସ କାର୍ଯ୍ୟ ଶେଷକରି କର୍ମଚାରୀମାନେ ଘରକୁ ଫେରିଥିଲେ। ଶନିବାର ସକାଳେ କର୍ମଚାରୀମାନେ ଡାକଘରେ ପହଞ୍ଚିବା ପରେ ଘର ପଛପଟ କବାଟ ଓ ଗ୍ରୀଲ୍ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏ ନେଇ ପୋଷ୍ଟମାଷ୍ଟର ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଡାକଘର ଅଧିକାରୀଙ୍କ ଉପସ୍ଥିତିରେ କବାଟ ଖୋଲି ଭିତରେ ତଦନ୍ତ କରିଥିଲେ। ଦୁର୍ବୃତ୍ତ ଏକାଧିକ ଆଲମିରା ତାଡ଼ି କାଗଜପତ୍ର, ଷ୍ଟାମ୍ପ ବିକ୍ରି ଅର୍ଥ ରଖାଯାଇଥିବା ବାକ୍ସ ତାଡ଼ି ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ।

# ମହିଳା ଉଦ୍ଧାର, ଟ୍ରକ୍ ଡ୍ରାଇଭର ଗିରଫ

## ଚରମ୍ପାରୁ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣା

### ବଳାତ୍କାର ପରେ ରାସ୍ତାରେ ଛାଡ଼ିଦେଇଥିଲେ

ଭଦ୍ରକ, ୪।୧୦(ସନାତନ ରାଉତ)

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚରମ୍ପାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ଅପହରଣ ଘଟଣାରେ ଅପହରଣକାରୀ ଟ୍ରକ୍ ଡ୍ରାଇଭରଙ୍କୁ ଟାଉନ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦୁଝର ଜିଲା ଝୁମ୍ପୁରାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ମହମ୍ମଦ ସଦାମ ହୁସେନ(୨୪)। ସେ ଉକ୍ତ ମହିଳାଙ୍କୁ ଟ୍ରକ୍ ଭିତରେ ବଳାତ୍କାର କରିବା ପରେ ବରପଦା-ଗଣିଜାଙ୍ଗ ମଝି ରାସ୍ତାରେ ଛାଡ଼ିଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କ ସୂଚନା ଆଧାରରେ ପୋଲିସ ପୀଡ଼ିତା ମହିଳାଙ୍କୁ ଶନିବାର ରାନ୍ଦିଆ ନିକଟରୁ ଉଦ୍ଧାର କରିଥିବା ଶନିବାର ଅପରାହ୍ନ ୧ଟାରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।



ଗିରଫ ମହମ୍ମଦ ସଦାମ ହୁସେନ।

ପ୍ରକାଶ ଯେ, ଗତ ବୁଧବାର ବିଳମ୍ବିତ ରାତିରେ ବର୍ଷା ଲାଗି ରହିଥିବା ବେଳେ ଚରମ୍ପା ଫାଣ୍ଡି ଛକରେ ରାଜପଥ ପାର୍ଶ୍ୱ ଏକ ଦୋକାନ ବାରଣ୍ଡାରେ ପୀଡ଼ିତା ମହିଳା ଆଶ୍ରୟ ନେଇଥିଲେ। ଏହି ସମୟରେ ଟ୍ରକ୍ ଡ୍ରାଇଭର ହୁସେନ ଜୋରଜବରଦସ୍ତ ଉକ୍ତ ମହିଳାଙ୍କୁ ଟେକି ନେଇଯାଇଥିଲେ। ଅପହରଣ ବେଳର ଦୃଶ୍ୟ ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ କଏଦ୍ ହୋଇଥିଲା। ଏହି ଭିଜୁଆଲ ଭାଇରାଲହେବା ପରେ ଭଦ୍ରକ ଏସ୍‌ପି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନକରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୮୭/୨୫) ରୁଜୁ ହୋଇଥିଲା। ଭଦ୍ରକ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯିବା ସହ ଡ୍ରାଇଭର ମହାସଂଘ ଓ ଟ୍ରକ୍ ମାଲିକ ସଂଘ ସହ ଯୋଗାଯୋଗ କରାଯାଇଥିଲା। ଶେଷରେ କେନ୍ଦୁଝର ଝୁମ୍ପୁରାଠାରେ ଉକ୍ତ ଟ୍ରକ୍‌ର ସନ୍ଧାନ ମିଳିଥିଲା। କେନ୍ଦୁଝର ସଦର ପୋଲିସ ସହାୟତାରେ ଭଦ୍ରକ ଟାଉନ ପୋଲିସ ଅଭିଯୁକ୍ତ ସଦାମଙ୍କୁ ଗିରଫକରି ବିଳମ୍ବିତ ରାତିରେ ଥାନାକୁ ଆଣିଥିଲା। ଟ୍ରକ୍‌କୁ ଜବତ କରାଯାଇ ଟାଉନ ଥାନାରେ ରଖାଯାଇଛି। ସଦାମଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେ ଝୁମ୍ପୁରାରେ ରହି ଟ୍ରକ୍ ଚଳାଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରୁ ୩.୨୦ କୋଟିର ମାରିଜୁଆନା ଜବତ

## କେରଳ ଯୁବକ ଗିରଫ

ଭୁବନେଶ୍ୱର, ୪।୧୦(ସତ୍ୟଜିତ ରାଉତ)

ବିମାନ ଯୋଗେ ବିଦେଶରୁ ଭୁବନେଶ୍ୱରକୁ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ଏବଂ ଜବତ ସତ୍ତ୍ୱେ ଏହି କାରବାରରେ ରୋକ ଲାଗିପାରୁନାହିଁ। ଭୁବନେଶ୍ୱର ବିମାନ ବନ୍ଦରରୁ ଶନିବାର ପୁଣି ୩ କୋଟି ୨୭ ଲକ୍ଷ ଟଙ୍କାର ମାରିଜୁଆନା କଷ୍ଟମ୍ସ ବିଭାଗ ଜବତ କରିଛି। ଏହି ଚାଲାଣରେ ସମ୍ପୃକ୍ତ ଜଣେ କେରଳ କନ୍ନୁରର ମହମ୍ମଦ ନବୀଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଇଣ୍ଡିଗୋ ଫ୍ଲାଇଟ୍(ନଂ. ୬ଇ୧୦୬୬) ଜରିଆରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିଲେ। କଷ୍ଟମ୍ସ ଅଧିକାରୀମାନେ ଅଭିଯୁକ୍ତଙ୍କ ଲଗେଜ୍ ଯାଞ୍ଚ କରିବାପରେ ଏହି ଚାଲାଣ ଧରାପଡ଼ିଥିଲା। ଜବତ ମାରିଜୁଆନାର ଓଜନ ୩ କେଜି ୨୭୦ଗ୍ରାମ ଥିଲା। ତେବେ ଏହି କାରବାରରେ ଅନ୍ୟ କାହା ସମ୍ପୃକ୍ତ ରହିଛି ସେନେଇ ତଦନ୍ତ କରାଯାଉଛି। ଅଗଷ୍ଟ ମାସରେ ମଧ୍ୟ ବିମାନବନ୍ଦରରେ ଏକ ଦମ୍ପତିଙ୍କ ପାଖରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରୁ ଗତ ୬ମାସ ମଧ୍ୟରେ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ ହୋଇଥିବାବେଳେ ୮ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି।



## Business

# ପ୍ରତି ପରିବାର ୫୦୦୦ ଟଙ୍କାର ଖଦି କିଣିବାକୁ ଆହ୍ୱାନ



ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

- ୩୩.୬୬ କୋଟିର କେଭିଆଇସି ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ
- ରୋହତକରେ 'ଖଦି କାରିଗର ମହୋତ୍ସବ'
- କାରିଗରଙ୍କୁ ୨,୨୯୮ ମେଶିନ, ଟୁଲ୍‌କିଟ୍ ପ୍ରଦାନ

ହରିୟାଣାର ରୋହତକଠାରେ ଅନୁଷ୍ଠିତ 'ଖଦି କାରିଗର ମହୋତ୍ସବ'ରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଯୋଗଦେଇ ଦେଶର ପ୍ରତ୍ୟେକ ପରିବାର ୫୦୦୦ ଟଙ୍କା ମୂଲ୍ୟର ଖଦି କିଣିବାକୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଦେଶ ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେବ ବୋଲି ସେ କହିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାହା ଖଦି କାରିଗରମାନଙ୍କୁ ମେଶିନ ଏବଂ ଟୁଲ୍‌କିଟ୍ ବଣ୍ଟନ କରିଛନ୍ତି। ଏହି ଅବସରରେ ଶାହା ହରିୟାଣାର କାରିଗରମାନଙ୍କୁ ୨,୨୯୮ ମେଶିନ ଏବଂ ଟୁଲ୍‌କିଟ୍ (ବୈଦ୍ୟୁତିକ କୁମ୍ଭାର ଚକ, ଚରଖା, ସିଲେଇ ମେଶିନ, ଧୂପକାଠି, ଚମଡ଼ା ମରାମତି ଟୁଲ୍‌କିଟ୍, ମୋବାଇଲ ଏବଂ ଏସି ମରାମତି ଟୁଲ୍‌କିଟ୍ ଆଦି) ବଣ୍ଟନ କରିଛନ୍ତି। ଏହାସହ ୫ ଜଣ ବରିଷ୍ଠ ଖଦି କାରିଗରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଆଭାସି ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶବ୍ୟାପୀ ୩୩.୬୬ କୋଟି ଟଙ୍କା ବ୍ୟୟରେ ଅନେକ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପ୍ରକଳ୍ପକୁ ସମର୍ପିତ, ଶିଳାନ୍ୟାସ ଏବଂ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ନୂଆଦିଲ୍ଲୀର କନ୍ନଟ ପ୍ଲେସ୍‌ରେ ଥିବା 'ଖଦି ଗ୍ରାମୋଦ୍ୟୋଗ ଭବନ'କୁ 'ଖଦି ମଲ୍'ଭାବରେ ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଉତ୍ତର ପ୍ରଦେଶର ଗୋରଖପୁରଠାରେ କେଭିଆଇସି ଡିଭିଜନାଲ ଅଫିସର ନବନିର୍ମିତ କୋଠାର ଉଦ୍‌ଘାଟନ କରାଯାଇଛି। ଖଦି କାରିଗରଙ୍କ ପାଇଁ ୭୬୨ଟି ନବନିର୍ମିତ କର୍ମଶାଳା, ସାରା ଦେଶରେ ୩୫ଟି ନବୀକରଣ ହୋଇଥିବା ବିକ୍ରୟ କେନ୍ଦ୍ର ଏବଂ ମହାରାଷ୍ଟ୍ରର ୱାର୍ଦ୍ଧାରେ ଜୈବିକ କପା କେନ୍ଦ୍ରୀୟ ସ୍ଲାଇଭର ପ୍ଲାଣ୍ଟର ଉଦ୍‌ଘାଟନ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଜିପି) ଅଧୀନରେ ୩୦୧ କୋଟି ଟଙ୍କାର ମାର୍ଜିନ ମନି ସବ୍‌ସିଡି ବଣ୍ଟନ କରାଯାଇଛି। ୭୪୧.୧୬ କୋଟି ଟଙ୍କା ନିବେଶ ସହ ୮୩୧୦ ନୂତନ ପିଏମ୍‌ଜିପି ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶାହା କହିଛନ୍ତି, ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ୩୩,୦୦୦ କୋଟିରୁ ବୃଦ୍ଧି ପାଇ ୧,୭୦,୦୦୦ କୋଟି ଟଙ୍କା ହୋଇଛି। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସାଇନି, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଏବଂ ଯୋଜନା ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ମଧ୍ୟ ଏହି ଅବସରରେ ଯୋଗଦେଇଥିଲେ। କେଭିଆଇସିର ସିଇଓ ରୂପ ରାଶୀ ଧନ୍ୟବାଦ ଦେଇଥିଲେ।

# ପାର୍ବଣରେ ହିରୋ ମୋଟୋକର୍ପରେ ଦୁଇ ଚକିଆ ଯାନର ଚାହିଦା

ଭୁବନେଶ୍ୱର,୪।୧୦ (ଅନୁରାଧା ମହାରଣା)

ପାର୍ବଣ ସମୟରେ ଭାରତୀୟ ଅଟୋ ବଜାରରେ ଦୁଇ-ଚକିଆ ଯାନର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ହିରୋ ମୋଟୋକର୍ପ ଏହି ଉତ୍ସବ ସମୟରେ ଗ୍ରାହକଙ୍କ ଉତ୍ସାହ ଓ ବିକ୍ରୟରେ ବଡ଼ ବୃଦ୍ଧି ଦେଖିଛି। ନୂତନ ଜିଏସ୍‌ଟି ହ୍ରାସ ଯୋଗୁଁ ୧୦୦ ସିସି ଓ ୧୨୫ ସିସି କମ୍ୟୁଟର ସେଗମେଣ୍ଟରେ ଦୁଇ ଚକିଆ ଯାନ କିଣିବା ସହଜ ହୋଇଛି, ଯାହା ଗ୍ରାହକଙ୍କ ମନରେ ଅଧିକ ଆଗ୍ରହ ସୃଷ୍ଟି କରିଛି। କମ୍ପାନୀର ଶୋ'ରୁମଗୁଡ଼ିକ ଗତବର୍ଷ ତୁଳନାରେ ୫୦%ରୁ ଅଧିକ ଗ୍ରାହକଙ୍କ ଭିଡ଼ ଦେଖାଦେଇଛି। ହିରୋ ମୋଟୋକର୍ପର ଚିଫ୍ ବିଜ୍‌ନେସ୍ ଅଫିସର (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ) ଆଶୁତୋଷ ବର୍ମା କହିଛନ୍ତି, ନବରାତ୍ରିର ପ୍ରଥମ ଦିନରୁ ଗ୍ରାହକଙ୍କ ଶୋ'ରୁମ ଆଗମନ ଓ ଯାନ କ୍ରୟ ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଇଏମ୍‌ଆଇ ସୁବିଧା ଓ ନୂତନ ମଡେଲଗୁଡ଼ିକ ଏହି ଚାହିଦାକୁ ଆହୁରି ବଢ଼ାଇଛି। ହିରୋ ମୋଟୋକର୍ପ ଡେଷ୍ଟିନି ୧୧୦, ଜୁମ ୧୬୦, ଗ୍ଲାମର ଏକ୍ସ ୧୨୫ ଓ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଭଳି ନୂତନ ମଡେଲ ସହିତ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। କମ୍ପାନୀର 'ଆୟା ତ୍ୟୋହାର, ହିରୋ ପେ ସୱାର' ଅଭିଯାନ ଗ୍ରାହକଙ୍କୁ ରିହାତି, ପୁରସ୍କାର ଓ ସୁନା ମୁଦ୍ରା ଭଳି ଉପହାର ପ୍ରଦାନ କରୁଛି। ଏହା ସହିତ ଅନ୍‌ଲାଇନ ପ୍ଲାଟଫର୍ମରେ ଗ୍ରାହକଙ୍କ ଅନୁସନ୍ଧାନ ୩ ଗୁଣରୁ ଅଧିକ ବଢ଼ିଛି। ଏହି ଉତ୍ସବ ସମୟର ଚାହିଦା ପୂରଣ ପାଇଁ ହିରୋ ମୋଟୋକର୍ପ ନିଜର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛି ଏବଂ ଲୋକପ୍ରିୟ ମଡେଲ ଓ ନୂତନ ରଙ୍ଗ ବିକଳ୍ପ ଉପଲବ୍ଧ କରାଉଛି।





# ଆଜି ଆଲେନ୍ ଟାଲେଣ୍ଟେକ୍ସ ପଞ୍ଜୀକରଣ ଶେଷ ତାରିଖ



ଭୁବନେଶ୍ୱର,୪।୧୦

ଆଲେନ୍‌ଟାଲେଣ୍ଟେକ୍ସ ପରୀକ୍ଷା ପଞ୍ଜୀକରଣ ପାଇଁ ଅକ୍ଟୋବର ୫ ଶେଷ ତାରିଖ ରହିଛି। ଆଲେନ୍ ଫିରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ଏବଂ ନଗଦ ପୁରସ୍କାର ଜିତିବାର ସୁଯୋଗ ପାଇଁ ଆସନ୍ତା ୧୨ ଅକ୍ଟୋବରରେ ଅନୁଷ୍ଠିତ ହେବ। ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରେସିଡେଣ୍ଟ ତଥା ଟାଲେଣ୍ଟେକ୍ସର ନ୍ୟାଶନାଲ ହେଡ୍ ପଙ୍କଜ ଅଗ୍ରୱାଲ କହିଛନ୍ତି, ଏହି ପରୀକ୍ଷା ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକ୍କିମ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରମାନଙ୍କୁ ଅଭ୍ୟାସ ପାଇଁ ଟେଷ୍ଟ ପେପର ଆଲେନ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର ସିଲାବସ୍ ଏନ୍‌ସିଇଆର୍‌ଟି ଆଧାରିତ ହେବ। ପରୀକ୍ଷାରେ ବର୍ତ୍ତମାନ ଯାଏଁ ୧୮.୨୫ ଲକ୍ଷ ଛାତ୍ରୀଛାତ୍ର ଅଂଶଗ୍ରହଣ କରିସାରିଛନ୍ତି। ୫ମରୁ ୧୦ମ ଛାତ୍ରୀଛାତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା ଦେଇପାରିବେ। ଜାତୀୟ ଓ ରାଜ୍ୟସ୍ତରୀୟ ର୍‍ୟାଙ୍କ୍ ସହ ୨.୫୦ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ସ୍କଲାରଶିପ ପାଇବେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ପୃଥକ୍ କମ୍ପିଟିଭ ସକ୍ସେସ୍ ଇଣ୍ଡେକ୍ସ (ସିଏସ୍‌ଆଇ) ମଧ୍ୟ ପ୍ରଦାନ କରାଯିବ।

# ମାଲାବାରର ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ





ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ସୁନା ଓ ହୀରା ଜୁଏଲେରି ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ଭୁବନେଶ୍ୱର ଶହୀଦନଗର ଷ୍ଟୋରରେ ସୋଲିଟେୟାର ଜୁଏଲେରି ପ୍ରଦର୍ଶନୀ କରାଯାଇଛି। ଏଥିରେ ଦୁର୍ଲଭ ଓ ମୂଲ୍ୟବାନ୍ ସୋଲିଟେୟାର ଜୁଏଲେରିର ଅପୂର୍ବ ସଂଗ୍ରହ ପ୍ରଦର୍ଶିତ ହେଉଛି। ଏହା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭବ ଆଣିବ ବୋଲି ଷ୍ଟୋର ପକ୍ଷରୁ ଆଶା କରାଯାଉଛି। ଶନିବାର ଆଣ୍ଡ ଡାଏମଣ୍ଡସର ଗ୍ରାହକ ଏବଂ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରଦର୍ଶନୀ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଚାଲିବ। ଉକ୍ତ ପ୍ରଦର୍ଶନୀରେ ଅନନ୍ୟ ଡିଜାଇନ ସହ ମନମୁଗ୍ଧକର ହୀରା ସୋଲିଟେୟାରର କଲେକ୍ସନ ରହିଛି। ଏହା ସୌନ୍ଦର୍ଯ୍ୟ, ଦୁର୍ଲଭତା ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂରେ ନିଶ୍ଚିତତା ପ୍ରଦାନ କରୁଛି। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍.ପି. ଅହମ୍ମଦୀ କହିଛନ୍ତି, ଆମେ ଆମ ଗ୍ରାହକଙ୍କୁ କେବଳ ଉଚ୍ଚମାନର ହୀରା ଜୁଏଲେରି ପ୍ରଦାନ କରୁଛୁ, ଯାହା ଆମ ବ୍ରାଣ୍ଡର ବିଶ୍ୱାସ ଓ ନିର୍ଭରଯୋଗ୍ୟତାର ପ୍ରମାଣ। ଏହି ସ୍ୱତନ୍ତ୍ର ଶୋ' ମାଧ୍ୟମରେ ଆମେ ସମସ୍ତ ଗ୍ରାହକଙ୍କୁ ଏକ ଅସାଧାରଣ ଜୁଏଲେରି କିଣାକିଣି ଅନୁଭବ ପ୍ରଦାନ କରିବାକୁ ଆଶା ରଖୁଛୁ। ସୋଲିଟେୟାର ଶୋ'ରେ ଗ୍ରାହକମାନେ ବିଭିନ୍ନ ଆକୃତି, ଆକାର ଓ ରଙ୍ଗରେ ଶତାଧିକ ହୀରା ଦେଖିପାରିବେ ଏବଂ ନିଜର ସ୍ୱତନ୍ତ୍ର ସ୍ଟାଇଲକୁ ପ୍ରତିଫଳିତ କରୁଥିବା ଜୁଏଲେରି ବାଛିପାରିବେ।

# ରେଳ ଯୋଗେ କଶ୍ମୀର ଉପତ୍ୟକାରେ ପହଞ୍ଚିଲା ଅଟୋମୋବାଇଲର ପ୍ରଥମ ବ୍ୟାଚ୍

ଭୁବନେଶ୍ୱର,୪।୧୦

କଶ୍ମୀର ଉପତ୍ୟକାରେ ରେଳ ଯୋଗେ ଅଟୋମୋବାଇଲର ପ୍ରଥମ ବ୍ୟାଚ୍ ପହଞ୍ଚିଛି। ଶୁକ୍ରବାର ୧୦୦ରୁ ଅଧିକ ଯାନବାହନ ନେଇ ଟ୍ରେନ୍ ଉପତ୍ୟକାର ଅନନ୍ତନାଗ ଗୁଡସ୍ ଟର୍ମିନାଲରେ ପହଞ୍ଚିଥିଲା। ଏହି ରେକ୍ ହରିୟାଣାର ମାନେସରରୁ ଆରମ୍ଭ ହୋଇଥିଲା ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ - ପ୍ରତୀକାତ୍ମକ ଚେନାବ ଆର୍ଚ ବ୍ରିଜ୍ ପାରକରିଥିଲା। ଉଧମପୁର-ଶ୍ରୀନଗର-ବାରମୂଲା ରେଳ ସଂଯୋଗ (ୟୁଏସ୍‌ବିଆର୍‌ଏଲ୍) ପ୍ରକଳ୍ପ ଦ୍ୱାରା ଏହି ସଫଳତା ମିଳିଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପ କଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହ ରେଳ ଦ୍ୱାରା ସଂଯୋଗ କରିଛି। ଦଶନ୍ଧି ଧରି ବିଚ୍ଛିନ୍ନତାକୁ ଶେଷକରି ଏହାକୁ ପ୍ରକୃତ ଅର୍ଥରେ ଜାତୀୟ ରେଳ ଗ୍ରୀଡ୍‌ର ଅଂଶ କରିଛି। ୟୁଏସ୍‌ବିଆର୍‌ଏଲ ଲିଙ୍କ୍ କାର୍ଯ୍ୟକାରୀ ହେବା ସହ ବନ୍ଦେ ଭାରତ ଏକ୍ସପ୍ରେସ୍ ପ୍ରଥମ ଥର ପାଇଁ ଉପତ୍ୟକାରେ ପହଞ୍ଚିଥିଲା, ଯାହା ଲୋକଙ୍କୁ ଏକ ଆଧୁନିକ ଏବଂ ଦ୍ରୁତ ଯାତ୍ରା ଅନୁଭୂତି ପ୍ରଦାନ କରିଥିଲା। ଏହାପରେ ସେପ୍ଟେମ୍ବର ୧୫ରେ ଭାରତୀୟ ରେଳପଥ ଉପତ୍ୟକାରେ ସେଓ ଚାଷୀମାନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍ସଲ ଟ୍ରେନ୍ ସେବା ପରିଚାଳନା କରିଥିଲା। ବଡଗାମ୍ ଏବଂ ଦିଲ୍ଲୀ ମଧ୍ୟରେ ଦୈନିକ ସମୟସାରଣୀ ସହ ଟ୍ରେନ୍ ସେବା ଆରମ୍ଭ କରାଯାଇଥିଲା। ଏହାଦ୍ୱାରା କଶ୍ମୀରରୁ ସେଓ ସବୁଠାରୁ ଅନୁକୂଳ ବାଣିଜ୍ୟ ସମୟରେ ରାଜଧାନୀର ପାଇକାରୀ ବଜାରରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଏହାସହ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି, ସଡ଼କ ପରିବହନ ଉପରେ ନିର୍ଭରଶୀଳତା ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇଛି।

# ମହିଳା ବିଶ୍ୱକପ୍‌ରେ ଆଜି ଭାରତ-ପାକିସ୍ତାନ

## ନୋ-ହ୍ୟାଣ୍ଡସେକ୍ ନୀତିକୁ ନେଇ ଚର୍ଚ୍ଚା



ଭାରତୀୟ ମହିଳା କ୍ରିକେଟ ଦଳର ଅଭ୍ୟାସ।

**କଲମ୍ବୋ,୪।୧୦**

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଖେଳାଳିମାନେ ହାତ ନ ମିଳାଇବାକୁ ନେଇ ବିବାଦ ହୋଇଥିବାରୁ ଏହି ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଭାରତୀୟ ପୁରୁଷ ଖେଳାଳିଙ୍କ ଭଳି ମହିଳା ଖେଳାଳିମାନେ ମଧ୍ୟ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ଆଶା କରାଯାଉଛି। ତେବେ ଦୁର୍ବଳ ପାକିସ୍ତାନ ବିପକ୍ଷରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। କାରଣ ମହିଳା କ୍ରିକେଟରେ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୨୪-୩ ବ୍ୟବଧାନରେ ଆଗରେ ରହିଛି। ପାକିସ୍ତାନ ଟି୨୦ ଫର୍ମାଟରେ ୩ ମ୍ୟାଚ୍ ଜିତିଥିବା ବେଳେ ଦିନିକିଆ ଫର୍ମାଟରେ କଦାପି ଭାରତକୁ ହରାଇ ପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଦଳର ୧୦୦ ପ୍ରତିଶତ ରେକର୍ଡ ରହିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ପ୍ରଦର୍ଶନ ସମ୍ପୂର୍ଣ୍ଣ ଭିନ୍ନ ରହିଥିଲା। ଭାରତ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୫୯ ରନରେ ପରାସ୍ତ କରିଥିବା ବେଳେ ପାକିସ୍ତାନ ୭ ଉଇକେଟରେ ବାଂଲାଦେଶ ଠାରୁ ପରାସ୍ତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିସାରିଥିବା ବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତ ୧୨୪ ରନରେ ପ୍ରମୁଖ ୬ ଉଇକେଟ ହରାଇବା ସତ୍ତ୍ୱେ ୪୭ ଓଭରରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲା। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଓହ୍ଲାଇବ। କଲମ୍ବୋର [illegible] ଖେଳାଯାଇଥିବା ବାଂଲାଦେଶ ଓ ପାକିସ୍ତାନ ମ୍ୟାଚ୍‌ରେ ଅତ୍ୟଧିକ ସିମ୍ ମୁଭମେଣ୍ଟ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତ ରେଣୁକା ସିଂ ଠାକୁରଙ୍କ ଭଳି ଆଗାଧାଡ଼ିର ପେସରଙ୍କୁ ଖେଳାଇପାରେ। ଭାରତୀୟ ଦଳର ବ୍ୟାଟିଂ ଶକ୍ତିଶାଳୀ ଥିବାବେଳେ ପାକିସ୍ତାନର ମୁଖ୍ୟ ଚିନ୍ତା ହେଉଛି ବ୍ୟାଟିଂ। ପାକିସ୍ତାନ ଦଳକୁ ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବାର ଫାଇଦା ମିଳିପାରେ। କିନ୍ତୁ ଭାରତ ଭଳି ଶକ୍ତିଶାଳୀ ଦଳକୁ ହରାଇବାକୁ ହେଲେ ପାକିସ୍ତାନ ଦଳକୁ ଅସାଧାରଣ ପ୍ରଦର୍ଶନ କରିବାକୁ ପଡ଼ିବ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗୁଏଜ, ରିଚା ଘୋଷ, ଉମା ଛେତ୍ରୀ, ରେଣୁକା ସିଂ ଠାକୁର, ଦୀପ୍ତି ଶର୍ମା, ସ୍ନେହ ରଣା, ଶ୍ରୀ ଚରନି, ରାଧା ଯାଦବ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡି, କ୍ରାନ୍ତି ଗୌଡ଼।

**ପାକିସ୍ତାନୀ ମହିଳା ଦଳ:** ଫାତିମା ସାନା (ଅଧିନାୟିକା), ମୁନିବା ଅଲି ସିଦ୍ଦିକି (ଉପ ଅଧିନାୟିକା), ଆଲିୟା ରିଆଜ, ଡାଏନା ବେଗ, ଇମାନ ଫାତିମା, ନଶ୍ରା ସୁନ୍ଧୁ, ନାତାଲିଆ ପରଭେଜ, ଓମାଇମା ସୋହେଲ, ରମିନା ଶମିମ, ସଦାଫ ଶାମ୍ସ, ସାଦିଆ ଇକବାଲ, ଶାୱାଲ ଜୁଲଫିକର, ସିଦ୍ରା ଆମିନ, ସିଦ୍ରା ନୱାଜ, ସୟେଦା ଆରୁବ ଶାହ।

# ଗମ୍ଭୀର-ଅଗରକରଙ୍କ ପ୍ରଭାବ


ଗୌତମ ଗମ୍ଭୀର ଓ ଅଜିତ ଅଗରକର।

**ନୂଆଦିଲ୍ଲୀ, ୪।୧୦ (ପି.ଟି.)**

ଭାରତୀୟ କ୍ରିକେଟରେ ଏବେ ଦୃଢ଼ ନିଷ୍ପତ୍ତି ନେବାରେ ଗୌତମ ଗମ୍ଭୀର ଓ ଅଜିତ ଅଗରକର ବିଶେଷ ଜଣାଶୁଣା। ଦୁଇ ଦୃଢ଼ ଇଚ୍ଛା ସମ୍ପନ୍ନ ବ୍ୟକ୍ତି ଏକାଠି ହେଲେ ପରିଣାମ ସବୁବେଳେ ସମସ୍ତଙ୍କୁ ସୁହାଇବାଭଳି ହୋଇ ନ ଥାଏ। ତେବେ ମୁଖ୍ୟ କୋଚ୍ ଏବଂ ଚୟନ କମିଟି ଅଧ୍ୟକ୍ଷଭାବେ ତାଙ୍କ କମ୍ବିନେସନ 'ଅଷ୍ଟ୍ରେଲିଆ ସଂସ୍କୃତି'କୁ ମନେ ପକାଇ ଦେଇଥାଏ। ଯେଉଁଠାରେ ଫଳାଫଳକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆ ଯାଇଥାଏ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ୬ ଟେଷ୍ଟରେ ପରାଜୟର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରୋହିତ ଶର୍ମାଙ୍କୁ ଦିନିକିଆ ଅଧିନାୟକ ପଦରୁ ବହିଷ୍କାର କରାଯାଇଥିବା ଅନୁମାନ ହେଉଛି। ଏହାକୁ 'ଜିଏ-ଏଜି ଅର୍ଡର' ବୋଲି ବିସିସିଆଇର ଜଣେ ପୂର୍ବତନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଭାରତୀୟ କ୍ରିକେଟ ଇକୋସିଷ୍ଟମର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆଶୀର୍ବାଦ କ୍ରମେ ଗମ୍ଭୀର-ଅଗରକର ୩ଟି ଦୃଷ୍ଟିକୋଣରୁ ଏପରି ନିଷ୍ପତ୍ତି ନେଇଥାଇ ପାରନ୍ତି। ପ୍ରଥମତଃ ରୋହିତ ଶର୍ମା ଓ ବିରାଟ କୋହଲି ସେମାନଙ୍କ ୨୦୨୭ ବିଶ୍ୱକପ ସ୍କିମ୍‌ରେ ନାହାନ୍ତି। ଦ୍ୱିତୀୟତଃ ଗମ୍ଭୀର-ଅଗରକର ବିଶ୍ୱାସ କରୁନାହାନ୍ତି ଯେ କେବଳ ଦିନିକିଆ ଅନ୍ତର୍ଜାତୀୟ ଓ ଆଇପିଏଲ୍ ଖେଳି ରୋହିତ ଓ କୋହଲି ଦୀର୍ଘଦିନ ପର୍ଯ୍ୟନ୍ତ ଫର୍ମ ବଜାୟ ରଖିପାରିବେ। ତୃତୀୟତଃ ଆଗାମୀ ଦଶନ୍ଧିକୁ ଦୃଷ୍ଟିରେ ରଖି ସେମାନେ ସମସ୍ତ ଫର୍ମାଟ ପାଇଁ ଜଣେ ଯୁବ ଅଧିନାୟକଙ୍କୁ ନିଯୁକ୍ତ କରିବାକୁ ଚାହାନ୍ତି।

ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ ପରେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଶୁବମନ ଗିଲ୍ ଟି୨୦ ଦଳର ମଧ୍ୟ ଅଧିନାୟକ ହୋଇପାରନ୍ତି। ଅଧିନାୟକ ଭାବେ ରୋହିତ ଶର୍ମା ଚାମ୍ପିୟନ୍ସ ଟ୍ରଫି ଜିତାଇବାପରି ଆଗାମୀ ଟି୨୦ ବିଶ୍ୱକପର ଫଳାଫଳ ଗିଲ୍‌ଙ୍କୁ ଅଧିନାୟକ କରିବା ଉପରେ କୌଣସି ପ୍ରଭାବ ପକାଇ ନ ପାରେ। ଉପରୋକ୍ତ ୩ଟି ଯାକ ଦୃଷ୍ଟିକୋଣକୁ ବିଚାରକୁ ନେଲେ ରୋହିତ ଶର୍ମାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଅନୁମେୟ। କୋହଲିଙ୍କ ଫିଟ୍‌ନେସକୁ ନେଇ କେବେ ପ୍ରଶ୍ନ ଉଠାଯାଇ ନ ପାରେ। ମାତ୍ର ତାଙ୍କ କ୍ଷେତ୍ରରେ ମଧ୍ୟ ରୋହିତଙ୍କ ପରି ନିଷ୍ପତ୍ତି ଆପଣା ଯାଇପାରେ। ତେଣୁ କୋହଲି ମଧ୍ୟ ୨୦୨୭ ପର୍ଯ୍ୟନ୍ତ ତିଷ୍ଠିବା ସମ୍ଭବ ନୁହେଁ। ମାତ୍ର ରୋହିତଙ୍କ ସହ ତୁଳନା କରାଗଲେ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଅନୁଭବ କରୁଛି ଯେ କୋହଲିଙ୍କ ପାଇଁ ଆଉଟସାଇଡ୍ ସୁଯୋଗ ରହିପାରେ। ଗମ୍ଭୀର-ଅଗରକରଙ୍କ ନୀତି ହେଲା 'ତାରକା ଭଲ ଦଳ ଗଠନ କରିପାରିବେ ନାହିଁ, ମାତ୍ର ଭଲ ଦଳ ତାରକା ସୃଷ୍ଟି କରିପାରିବେ'।

# ବିଦର୍ଭ ନିୟନ୍ତ୍ରଣରେ ଅବଶିଷ୍ଟ ଭାରତ ଏକାଦଶ

**ନାଗପୁର, ୪।୧୦ (ପି.ଟି.)**

ଇରାନୀ କପ୍ ଫାଇନାଲରେ ଅବଶିଷ୍ଟ ଭାରତ ଏକାଦଶକୁ ନିଜ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଛି ବିଦର୍ଭ। ମ୍ୟାଚରେ ବିଦର୍ଭ ୩୬୧ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅବଶିଷ୍ଟ ଭାରତ ଏକାଦଶ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଦୁଇ ଉଇକେଟ ହରାଇ ମାତ୍ର ୩୦ ରନ କରିଛି। ସକାଳେ ରଣଜୀ ଟ୍ରଫି ଚାମ୍ପିୟନ ଦଳ ପୂର୍ବଦିନର ଅସମାପ୍ତ ସ୍କୋର ୯୬/୨ରୁ ଏହାର ବ୍ୟାଟିଂ କରିବାକୁ ଯାଇ ୯୪.୧ ଓଭରରେ ୨୩୨ ରନରେ ଅଲଆଉଟ ହୋଇଯାଇଥିଲା। କିନ୍ତୁ ପ୍ରଥମ ଇନିଂସରେ ୧୨୮ ରନର ଅଗ୍ରଣୀ ଦ୍ୱାରା ଘରୋଇ ଦଳ ଅବଶିଷ୍ଟ ଭାରତ ଏକାଦଶକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେବା ପାଇଁ ଯଥେଷ୍ଟ ଥିଲା।

**ସଂକ୍ଷିପ୍ତ ସ୍କୋର**

**ବିଦର୍ଭ:** ୩୪୨ ଓ ୯୪.୧ ଓଭରରେ ୨୩୨ (ଅମନ ମୋଖାଡେ-୩୭, ଅକ୍ଷୟ ୱାଡ୍‌କର-୩୬; ଦର୍ଶନ ନାଲକାଣ୍ଡେ-୩୫; ଅଂଶୁଲ କାମ୍ବୋଜ-୪/୩୪, ଗୁର୍‌ନୁର୍ ବ୍ରାର୍- ୨/୪୧, ସାରାଂଶ ଜୈନ: ୨/୫୨ ଓ ମାନବ ସୁତାର-୨୮୨)। **ଅବଶିଷ୍ଟ ଭାରତ ଏକାଦଶ:** ୨୧୪ ଓ ୧୨ ଓଭରରେ ୩୦/୨ ।

# 'ଆର୍ଥିକ ସଙ୍କଟ ଯୋଗୁ କାରିବିୟନ କ୍ରିକେଟ ପ୍ରଭାବିତ'

**ଅହମଦାବାଦ, ୪।୧୦ (ପି.ଟି.)**



ୱେଷ୍ଟଇଣ୍ଡିଜ କ୍ରିକେଟରମାନେ ନାଁ କମାଇବାକୁ ଚାହାନ୍ତି, ମାତ୍ର କାରିବିୟନ କ୍ରିକେଟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ସେମାନଙ୍କ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ଭାରତ ନିକଟରୁ ପ୍ରଥମ କ୍ରିକେଟ ଟେଷ୍ଟରେ ଏକ ଇନିଂସ ୧୪୦ ରନରେ ପରାଜିତ ହେବାପରେ ୱେଷ୍ଟଇଣ୍ଡିଜ ଅଧିନାୟକ ରଷ୍ଟନ ଚେଜ୍ ଏହା ପ୍ରକାଶ କରିଛନ୍ତି। ଉଭୟ ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୧୬୨ ଓ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା।

ଏକଦା ବିଶ୍ୱ କ୍ରିକେଟର ପାୱାରହାଉସ ଭାବେ ପରିଚିତ ହେଉଥିବା ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆ ବିପକ୍ଷ ଗତ ଘରୋଇ ଟେଷ୍ଟରେ ସର୍ବନିମ୍ନ ୨୭ ରନରେ ଅଲ୍‌ଆଉଟ ହୋଇ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଏଥିପାଇଁ କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକା ଯାଇଥିଲା। ଯେଉଁଥିରେ କିମ୍ବଦନ୍ତୀ ଖେଳାଳି କ୍ଲାଇଭ ଲୟଡ୍, ବ୍ରାଏନ ଲାରା ଓ ଅନ୍ୟ ମୁଖ୍ୟ ଅଂଶୀଦାରମାନେ ସାମିଲ ଥିଲେ। ''ମୁଁ ସେ ସମ୍ପର୍କରେ ଅଧିକ କିଛି କହିବାକୁ ଚାହୁଁନି, ମାତ୍ର ଏତିକି କହିବି ଯେ କାରିବିୟନ କ୍ରିକେଟ ଆର୍ଥିକ ସଂଘର୍ଷ ମଧ୍ୟଦେଇ ଗତି କରୁଛି। କ୍ରିକେଟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆବଶ୍ୟକ ରହିଛି। ଟ୍ରେନିଂ ସୁବିଧା ସୁଯୋଗ ଏବଂ ଉପଲବ୍ଧ ଉପକରଣ ଦୃଷ୍ଟିରୁ କାରିବିୟନ କ୍ରିକେଟର ସିଷ୍ଟମ ଅତି ଦୁର୍ବଳ'' ବୋଲି ଚେଜ୍ ପ୍ରକାଶ କରିଛନ୍ତି। କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ଗଠିତ କ୍ରିକେଟ ରଣନୀତି ଏବଂ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ରହିଛନ୍ତି ଚେଜ୍। ଏହି କମିଟିରେ ଲୟଡ, ଲାରା, ପୂର୍ବତନ ବ୍ୟାଟର ରାମନରେଶ ସରୱନ ଏବଂ ବର୍ତ୍ତମାନର ଖେଳାଳି ସାଇ ହୋପ୍ ସ୍ଥାନ ପାଇଛନ୍ତି।

## ମହିଳା କ୍ରିକେଟ ବିଶ୍ୱକପ୍ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ମ୍ୟାଚ ବାତିଲ

**କଲମ୍ବୋ, ୪।୧୦ (ପି.ଟି.):** ଲଗାଣ ବର୍ଷା ଯୋଗୁ ଶନିବାର ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ମହିଳା କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏପରି କି ମ୍ୟାଚର ଟସ୍ ପଡ଼ି ନ ଥିଲା। ଟୁର୍ଣ୍ଣାମେଣ୍ଟର ନିୟମାନୁସାରେ ଉଭୟ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟି ନେଇଛନ୍ତି। ଅଷ୍ଟ୍ରେଲିଆ ବର୍ତ୍ତମାନ ଦୁଇଟି ଗେମ୍‌ରୁ ୩ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଘରୋଇ ଦଳ ସମାନ ସଂଖ୍ୟକ ମ୍ୟାଚରୁ ଗୋଟିଏ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଅଛି। ଅଷ୍ଟ୍ରେଲିଆ ଏଠାରେ ଅକ୍ଟୋବର ୮ରେ ଏହାର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆ ଜିତିଲା ଚାପେଲ-ହାଡ୍‌ଲୀ ସିରିଜ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୪।୧୦ (ଏପି)**

**ମାର୍ଶଙ୍କ ପ୍ରଥମ ଟି୨୦ ଶତକ**

ମିଚେଲ ମାର୍ଶଙ୍କ ପ୍ରଥମ ଟି୨୦ ଶତକ ସହାୟତାରେ ଅଷ୍ଟ୍ରେଲିଆ ୩ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାପେଲ-ହାଡ୍‌ଲୀ ସିରିଜକୁ ୨-୦ରେ ଜିତି ନେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲୀୟ ଅଧିନାୟକ ମାତ୍ର ୫୦ ବଲ୍‌ରୁ ତାଙ୍କର ଶତକ ହାସଲ କରିଥିଲେ। ମିଡଲ ଓଭରରେ ଅଷ୍ଟ୍ରେଲିଆ ଦଳର ବିପର୍ଯ୍ୟୟ ଘଟିବା ସମୟରେ ସେ ଦଳର ଇନିଂସରେ ସୁଧାର ଆଣିଥିଲେ। ଅଷ୍ଟ୍ରେଲିଆ ଦୁଇ ଓଭର ବାକି ଥାଇ ନ୍ୟୁଜିଲାଣ୍ଡର ୧୫୬/୯ ସ୍କୋରକୁ ଅତିକ୍ରମ କରି ଯାଇଥିଲା। ମାର୍ଶ ଅଷ୍ଟ୍ରେଲିଆ ଇନିଂସର ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖିବା ସହ ୧୦୩ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ୭ଉଇକେଟ ବିନିମୟରେ ୧୬୦ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୧୫୬/୯ (ଟିମ୍ ସିଫର୍ଟ-୪୮, ମାଇକେଲ ବ୍ରେସ୍‌ୱେଲ-୨୬, ଜେମ୍ସ ନିଶାମ-୨୫, ଟିମ୍ ରବିନସନ-୧୩; ସିନ୍ ଆବଟ-୩/୨୫, ଜାବିଅର ବାର୍ଟଲେଟ୍-୨/୨୫, ଜୋସ ହାଜେଲଉଡ୍-୨/୨୬)। ଅଷ୍ଟ୍ରେଲିଆ ଇନିଂସ: ୧୮ ଓଭରରେ ୧୬୦/୭ (ମିଚେଲ ମାର୍ଶ-୧୦୩*, ମିଚେଲ ଓଏନ-୧୪, ସିନ ଆବଟ-୧୩*; ଜେମ୍ସ ନିଶାମ-୪/୨୬, ଜାକବ ଡୁଫି-୨/୨୯)।


STATE MEDICINAL PLANTS BOARD, ODISHA
(Forest, Environment & Climate Change Department, Govt. of Odisha)
Aranya Bhawan, Chandrasekharpur, Bhubaneswar-7510023
E-mail: smpborissa@gmail.com, Web: smpbodisha.in, Tel: +91674-2954911

NOTICE

**No.CAD-1910:** State Medicinal Plants Board, Odisha is going to organise the **18th State Level Kalinga Herbal Fair, Bhubaneswar** from **10-12-2025 to 16-12-2025**. Interested Event Management Agencies having adequate eligibility are requested to apply latest by **16.00 Hrs of 17.10.2025.**
For details & Tender documents, please visit the following website: www.odisha.gov.in (tenders.gov.in) or odishaforest.in & smpbodisha.in

OIPR-10122/11/0002/2526 — CHIEF EXECUTIVE, SMPB, ODISHA



NOTICE INVITING TENDER
OFFICE OF CSO-CUM-DISTRICT MANAGER
ODISHA STATE CIVIL SUPPLIES CORPORATION LTD.,
No.CAD-1914 DISTRICT-NUAPADA
TENDER NO.2882, DATED: 26.09.2025

**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**

Online Tenders are invited from eligible bidders for selection and appointment of Transport Contractors for transportation of (i) Paddy from Paddy Purchase Centres (PPCs)/ Mandis to Rice Mill points (Within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From date 30.09.2025 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | Dt.03.10.2025 at 11.30 A.M. Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of complete Tender documents with enclosures | Through e-Procurement Portal: www.tendersodisha.gov.in Upto 05.30 PM dt.15.10.2025 |
| 4 | Date, Time and Venue for opening of Technical bid by the Tender Committee | On dt.17.10.2025 at 10.00 A.M. in the conference hall Collectorate, Nuapada |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.17.10.2025 At 10.00 AM in the conference hall Collectorate, Nuapada |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tender are to remain open for acceptance for 45 days from the date of issue of tender. |
| 8 | Language of the Tender | The tender should be prepared by the bidder in English language only. |
| 9 | Helpdesk Telephone Number | CCSO/CSO-cum-DM's Contact Number: CSO-cum-DM-9937484002, Accounts Head-6370112636 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/ all of the tenders at anytime without assigning any reason thereof.
3. Further details can be obtained in the website www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website www.tendersodisha.gov.in & www.foododisha.in.

Sd./- CSO-cum-District Manager
OIPR-07058/11/0010/2526 — OSCSC Ltd., Nuapada



ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
E-Mail: serwcirclesbp@yahoo.com
Office Order No. 3556 — Dated: 26.09.2025

1st Corrigendum Bid Identification No.
Building Tender Online RWCSBP-16/2025-26

No. O-924: Following modifications are hereby made to the notice inviting tender vide this office Bid ID No. Building tender Online RWCSBP-16/2025-26 for the work (1) Construction of 08 Nos. New Residential Staff Qtr. (E Type) at Tahasil Office, Bheden in the district of Bargarh for the year 2025-26, (2) Construction of 08 Nos. New Residential Staff Qtr. (E Type) at Tahasil Office, Bhatli in the district of Bargarh for the year 2025-26, (3) Construction of PHC Building at Tulandi (Day Care) of Barpali Block in the district of Bargarh for the year 2025-26.

1. The availability of tender online for bidding may be read as 10.10.2025 from 11.00 A.M. to 24.10.2025 upto 5.00 P.M. instead of from 24.09.2025 from 11.00 A.M. to 08.10.2025 upto 5.00 P.M.
2. The last date & time for seeking clarification may be read as 22.10.2025 upto 5.00 P.M. instead of 06.10.2025 upto 5.00 P.M.
3. The date & time of technical opening bid may be read as 27.10.2025 at 11.00 A.M. instead of 09.10.2025 at 11.00 A.M.

All other terms and condition remain unchanged.

Sd./- Chief Construction Engineer
OIPR-25091/11/0087/2526 — R.W. Circle, Sambalpur



ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ଓଡ଼ିଶା ସରକାର
ବିଜ୍ଞାପନ

No.RR-20: ଉର୍ଦ୍ଦୁ ଲେଖି ପଢି ଜାଣି ନ ଥିବା ୧୬ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କମାନଙ୍କୁ ଉର୍ଦ୍ଦୁ ଶିକ୍ଷା ଦେବା ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୬ ମାସିଆ ଉର୍ଦ୍ଦୁ ଶିକ୍ଷା କେନ୍ଦ୍ର ଭୁବନେଶ୍ୱରସ୍ଥିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ କାର୍ଯ୍ୟାଳୟରେ ଖୋଲାଯାଇଅଛି । ଏହି ଶିକ୍ଷା କେନ୍ଦ୍ର ସନ୍ଧ୍ୟା ୬ରୁ ୭ ଘଟିକା ପର୍ଯ୍ୟନ୍ତ ଖୋଲାରହି ଶିକ୍ଷା ପ୍ରଦାନ କରାଯିବ । ଏହି ଶିକ୍ଷା କେନ୍ଦ୍ର ତା.୦୮.୧୦.୨୦୨୫ରୁ ଆରମ୍ଭ ହେବାକୁ ଯାଉଅଛି । ଉକ୍ତ ଶିକ୍ଷା କେନ୍ଦ୍ରରେ ନାମ ଲେଖିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହ ତା.୧୫.୧୦.୨୦୨୫ ରିଖ ସୁଦ୍ଧା ସଚିବ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ସଂସ୍କୃତି ଭବନ, ବି.ଜେ.ବି. ନଗର, ଭୁବନେଶ୍ୱର-୧୪ଙ୍କୁ ଦରଖାସ୍ତ କରିପାରିବେ ।

ଦରଖାସ୍ତ ଫର୍ମ

1. Student's Name ..............................
2. Guardian's Name ..............................
3. Date of Birth ..............................
4. Adhaar Card No ..............................
5. Examination Passed ..............................
6. Complete Postal Address with Pin Code ..............................
7. Contact Phone No. ..............................
8. Two Passport Size Photo ..............................

ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ସମସ୍ତ ପ୍ରମାଣ ପତ୍ରର ଜେରକ୍ସ କପି ସହ ତା.୧୫.୧୦.୨୦୨୫ ରିଖ ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପଇଠ କରିବେ ।

ସ୍ୱା./- ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ
OIPR-03008/11/0005/2526 — ଭୁବନେଶ୍ୱର-୧୪



ODISHA PUBLIC SERVICE COMMISSION, CUTTACK
NOTICE
No.6998/PSC (DR-IV) (2PC-01-2025-26) Dt.03.10.25

**Programme Notice for rect. to the Post of Assistant Director of OPS Cadre (Advt. No. 07 of 2022-23)**

No. D-: It is for information of all provisionally qualified candidates that, the **Document Verification and Personality Test** for recruitment to the Post of **Assistant Director in Group-B Service of Odisha Planning Service Cadre,** pursuant to Advertisement No. 07 of 2022-23 will be held on **13.10.2025 (Monday)** in the office of OPSC, at 19, Dr. P.K. Parija Road, Cuttack - 753001 as per the programme detailed below:

| Date | Time of Document Verification | Time of Personality Test | Roll No. of Candidates to be Verified |
|---|---|---|---|
| 13.10.2025 | 08.30 A.M. | 10.45 A.M. | 100115, 100229, 100421, 100448, 100907, 100909, 100914, 100924, 100947, 101053 = **10 Candidates** |
| | 12.30 P.M. | 02.45 P.M. | 101190, 101191, 101221, 101242, 101249, 101276, 101300, 101338 = **08 Candidates** |

**N.B.:** The candidates are required to report **30 minutes before** the commencement of Document Verificiation in each time slot allotted in the scheduled programme.
It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original Certificates/Documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPIES OF THE FOLLOWING DOCUMENTS AT THE TIME OF DOCUMENT VERIFICATION**

1. **Hard copy of 'Online Application Form' mentioning Roll No. at the Top Right-Hand Corner**. Application Forms are available in the website of the Commission.
The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**.
2. **five (05) 'Passport Size Photographs' tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Certificate of Bachelor's Degree with Honours and Post-Graduate Degree** in Economics/Applied Economics/Agricultural Economics/Commerce/Mathematics/Sociology with Statistics as one of the Papers/Anthropology/Demography/Geography with Cartography or Regional Planning as one of the Papers/Statistics/Econometrics/Regional Planning.
5. **Mark-Sheets** in support of all the aforesaid Examination **(H.S.C., Bachelor's Degree & Master's Degree)** passed including fail marks, if any, issued by the concerned Board/Council/Unviersity.
6. **Conversion Certificate/Conversion Formula** in case of award of grades/credits/hours in Bachelor's Degree/Master's Degree.
7. Required **Odia Test Pass Certificate** issued within 12.10.2022.
8. **Caste Certificate by Birth** in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 12.10.2022.
9. **Recent SEBC Certificate** must be issued within 3 years prior to the last date of submission of online application form, whereever applicable.
10. **discharge Certificate** issued **within 12.10.2022** by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
11. **Govt. Departmental Candidate whether Temporary or Permanent** or working on probation must submit service certificate issued by Competent Authority.
12. **No Objection Certificate** issued by the Competent Authority in-case of Government Servants.
13. **Permanent Disability Certificate** indicating percentage of disability (i.e., **40% and more**) issued **within 12.10.2022**.
14. A **declaration** regarding the number of attempts appeared by the candidates in the Written Examination in the format annexed at **Annexure - I**.
15. **any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted/affixed duly filled in with passport size photograph.)
18. Any other documents as per Para - 10 of the Advertisement.

The candidates are required to mention **"submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0322/2526 — Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁପିଆଇ ପେମେଣ୍ଟରେ ଲାଗିବ ୧.୨୫ ଗୁଣା

**ନୂଆଦିଲ୍ଲୀ,୪।୧୦**

## ନଭେମ୍ବର ୧୫ରୁ ନୂଆ ଫାସ୍‌ଟାଗ୍ ନିୟମ

ଗାଡ଼ିଗୁଡ଼ିକରୁ ଟୋଲ୍ ଫି ଆଦାୟ କ୍ଷେତ୍ରରେ ନଭେମ୍ବର ୧୫ରୁ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ବୈଧ ଫାସ୍‌ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ କାରବାର କରୁଥିବା ଚାଳକଙ୍କୁ ୨ ଗୁଣା ଶୁଳ୍କ ଦେବାକୁ ପଡୁଥିବାବେଳେ ୟୁପିଆଇ ଜରିଆରେ ପେମେଣ୍ଟ କଲେ ନିୟମିତ ଦେୟର ୧.୨୫ ଗୁଣା ଦେବାକୁ ହେବ। ଫାସ୍‌ଟାଗ୍ ନଥିବା ୟୁଜରମାନଙ୍କ ପାଇଁ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ହାଇୱେଜ୍ ଫି ନିୟମାବଳୀ, ୨୦୦୮ରେ ପରିବର୍ତ୍ତନ କରାଯାଇ ସେମାନଙ୍କ ଦେୟ ପୈଠ ମାଧ୍ୟମ ଆଧାରରେ ଭିନ୍ନ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ କରିବା ଏହାର ଲକ୍ଷ୍ୟ। ଉଦାହରଣ ସ୍ୱରୂପ ଯଦି ବୈଧ ଫାସ୍‌ଟାଗ୍ ଥିବା ଗାଡ଼ି ପାଇଁ ୟୁଜର ଦେୟ ୧୦୦ ଟଙ୍କା ହୋଇଥାଏ, ତେବେ ଫାଷ୍ଟାଗ୍ ନ ଥିବା ଗାଡ଼ି ପାଇଁ ନଗଦ ଆକାରରେ ୨୦୦ ଟଙ୍କା ଏବଂ ୟୁପିଆଇରେ ପୈଠ କଲେ ୧୨୫ ଟଙ୍କା ଦେବାକୁ ପଡ଼ିବ। ଏହା ଶୁଳ୍କ ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହ ଟୋଲ୍ ଆଦାୟରେ ସ୍ୱଚ୍ଛତା ବଢ଼ାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ସାନେ ତାକାଇଚି

**ଟୋକିଓ,୪।୧୦**

## ଶାସକ ଦଳର ନୂଆ ନେତା ନିର୍ବାଚିତ


ସାନେ ତାକାଇଚି

ପୂର୍ବତନ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ସାନେ ତାକାଇଚିଙ୍କୁ ଜାପାନର ଶାସକ ଦଳ ଶନିବାର ନୂଆ ନେତା ନିର୍ବାଚିତ କରିଛି। ଶାସକ ଦଳର ଅଧ୍ୟକ୍ଷ ହୋଇଥିବାରୁ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତା ନିର୍ବାଚନରେ ତାକାଇଚି ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନିଚିରୋ କୋଇଜୁମିଙ୍କ ପୁଅ ତଥା କୃଷିମନ୍ତ୍ରୀ ଶିଞ୍ଜିରୋ କୁଇଜୁମିଙ୍କୁ ପରାସ୍ତ କରିଛନ୍ତି।

ଲିବେରାଲ ଡେମୋକ୍ରାଟମାନଙ୍କ ନୂଆ ଅଧ୍ୟକ୍ଷ ତାକାଇଚି ପୁରୁଷପ୍ରାଧାନ୍ୟ ଦଳର ଜଣେ ଅତ୍ୟନ୍ତ ରକ୍ଷଣଶୀଳ ନେତ୍ରୀ। ମହିଳାମାନଙ୍କ ଅଗ୍ରଗତିରେ ଏହା ବାଧକ ହୋଇପାରେ ବୋଲି ସମାଲୋଚକମାନେ କହିଛନ୍ତି। ୬୪ ବର୍ଷୀୟା ତାକାଇଚି ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ଜଣେ ପ୍ରଶଂସକ ଏବଂ ଜାପାନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ରକ୍ଷଣଶୀଳ ଦୃଷ୍ଟିଭଙ୍ଗୀର ସମର୍ଥକ। ୧୯୯୩ରେ ପ୍ରଥମେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବା ତାକାଇଚି ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଉପମୁଖ୍ୟମନ୍ତ୍ରୀ ପରଭେଶ୍ ବର୍ମା ଶନିବାର ବୋଟ୍ ଯୋଗେ ଯମୁନା ନଦୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉଭୟେ ଯମୁନା ଘାଟର ସଫେଇ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। (ଫଟୋ-ଚମନ ଗୌତମ)

# ଜୁବିନ୍ ଗର୍ଗଙ୍କୁ ବିଷ ଦିଆଯାଇଥିଲା

**ଗୁଆହାଟୀ,୪।୧୦**

- ବ୍ୟାଣ୍ଡମେଟ୍‌ଙ୍କ ଚାଞ୍ଚଲ୍ୟକର ଅଭିଯୋଗ
- ତଦନ୍ତ ପାଇଁ ନ୍ୟାୟିକ କମିଶନ ଗଢ଼ିଲେ ଆସାମ ସରକାର
- ବ୍ୟବଚ୍ଛେଦ ରିପୋର୍ଟ ଫେରାଇଦେଲେ ଜୁବିନ୍‌ଙ୍କ ସ୍ତ୍ରୀ

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗଙ୍କୁ ସିଙ୍ଗାପୁରରେ ବିଷ ଦିଆଯାଇଥିଲା ବୋଲି ତାଙ୍କ ବ୍ୟାଣ୍ଡମେଟ୍ ଶେଖରଜ୍ୟୋତି ଗୋସ୍ୱାମୀ ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି। ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଏବଂ ଇଭେଣ୍ଟ ମ୍ୟାନେଜର ଶ୍ୟାମକାନୁ ମହାନ୍ତ ତାଙ୍କୁ ବିଷ ଦେଇଥିଲେ, ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଗୋସ୍ୱାମୀ ତଦନ୍ତକାରୀ ଅଫିସରଙ୍କୁ କହିଥିବା ଜଣାପଡ଼ିଛି। ଜୁବିନ୍ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଆସାମ ସରକାର ଜଣିକିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସୌମିତ୍ର ସାଇକିଆଙ୍କ ନେତୃତ୍ୱରେ ଗଠିତ କମିଶନ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବେ। ଜୁବିନ୍‌ଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ଶନିବାର ତାଙ୍କ ସ୍ତ୍ରୀ ଗାରିମାଙ୍କୁ ହସ୍ତାନ୍ତର କରିଥିବାବେଳେ ସେ ଏହାକୁ ଫେରାଇ ଦେଇଛନ୍ତି। ସେ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ଦସ୍ତାବିଜ୍ ନୁହେଁ। ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯିବ କି ନାହିଁ, ତାହାର ଉପଯୁକ୍ତ ନିଷ୍ପତ୍ତି ତଦନ୍ତକାରୀ ଅଧିକାରୀମାନେ ନେବେ ବୋଲି ଗାରିମା କହିଛନ୍ତି।


ଜୁବିନ୍ ଗର୍ଗ

ବଲିଉଡ୍ ଏବଂ ଅସମୀୟା ଗୀତ ପାଇଁ ଖ୍ୟାତି ଅର୍ଜନ କରିଥିବା ଜୁବିନ୍ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରର ଏକ ଦ୍ୱୀପ ନିକଟରେ ସନ୍ତରଣ କରୁଥିବାବେଳେ ରହସ୍ୟଜନକ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଗୋସ୍ୱାମୀ ଏବଂ ମହାନ୍ତଙ୍କ ସହ ନୌକା ଭ୍ରମଣରେ ଯାଇଥିଲେ। ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଙ୍ଗୀତ ପରିବେଷଣ ପାଇଁ ଜୁବିନ୍ ସିଙ୍ଗାପୁର ଯାଇଥିଲେ। ମହାନ୍ତ ଓ ତାଙ୍କ କମ୍ପାନୀ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ମାମଲାରେ ଜୁବିନ୍‌ଙ୍କ ମ୍ୟାନେଜର, ବ୍ୟାଣ୍ଡର ୨ ସଦସ୍ୟ ଗୋସ୍ୱାମୀ ଏବଂ ଅମ୍ରିତପ୍ରଭା ମହାନ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିବା ପରେ ସେମାନଙ୍କୁ ୧୪ ଦିନ ପାଇଁ ରିମାଣ୍ଡରେ ନେଇଥିଲା।

ସନ୍ତରଣ ବେଳେ ଜୁବିନ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ବୁଡ଼ିଯିବା ଅବସ୍ଥାକୁ ଆସିଯାଇଥିଲେ। ଏଭଳି ସମୟରେ ତାଙ୍କ ମ୍ୟାନେଜର ସିଦ୍ଧାର୍ଥ 'ଜାବୋ ଦେ, ଜାବୋ ଦେ' (ତାଙ୍କୁ ଯିବାକୁ ଦିଅ) ବୋଲି କହୁଥିବା ଶୁଣାଯାଇଥିଲା। ଜୁବିନ୍ ଜଣେ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ବୁଡ଼ିଯାଇ ମୃତ୍ୟୁ ହୋଇ ନ ଥାଇପାରେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ସିଦ୍ଧାର୍ଥ ଏବଂ ଶ୍ୟାମକାନୁ ମହାନ୍ତ ଗାୟକଙ୍କୁ ବିଷ ଦେଇଥିଲେ ଓ ଷଡ଼ଯନ୍ତ୍ରକୁ ଲୁଚାଇବା ପାଇଁ ଜାଣିଶୁଣି ବିଦେଶୀ ସ୍ଥାନକୁ ଚୟନ କରିଥିଲେ। ନୌକାଭ୍ରମଣ ବେଳର ଭିଡିଓ କାହା ସହ ଶେୟାର ନ କରିବାକୁ ସିଦ୍ଧାର୍ଥ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଗୋସ୍ୱାମୀ କହିଛନ୍ତି। ନୌକା ଚାଳକଙ୍କଠାରୁ ସିଦ୍ଧାର୍ଥ ଜବରଦସ୍ତ ଏହାର ନିୟନ୍ତ୍ରଣ ନିଜ ହାତକୁ ନେବାରୁ ସମୁଦ୍ର ମଝିରେ ସମସ୍ତ ଯାତ୍ରୀ ବିପଦରେ ପଡ଼ିଥିଲେ। ସିଆଇଡିର ୯ ଜଣିଆ ଟିମ୍ ଜୁବିନ୍‌ଙ୍କ ମୃତ୍ୟୁର ତଦନ୍ତ ଚଳାଇଛି।

# ପାକ୍ ସୀମାରେ ମୁତୟନ ହେବ ଏକେ-୬୩୦ ଏୟାର ଡିଫେନ୍ସ ଗନ୍

**ନୂଆଦିଲ୍ଲୀ,୪।୧୦**

## ମିଶନ ସୁଦର୍ଶନ ଚକ୍ର



ମିଶନ ସୁଦର୍ଶନ ଚକ୍ର ଅଧୀନରେ ଭାରତୀୟ ସେନା ରାଷ୍ଟ୍ରାୟତ୍ତ ଆଡଭାନ୍ସଡ ୱେପନ୍ ଆଣ୍ଡ ଇକ୍ୟୁପ୍‌ମେଣ୍ଟ ଇଣ୍ଡିଆ ଲିଃ(ଏଡବ୍ଲୁଇଆଇଏଲ୍) ଏକେ-୬୩୦ ଏୟାର ଡିଫେନ୍ସ ଗନ୍ କିଣିବା ପାଇଁ ଟେଣ୍ଡର ଜାରି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଭାଷଣରେ ମହତ୍ତ୍ୱାକାଂକ୍ଷୀ ଜାତୀୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଥିଲେ। ୬ଟି ଏୟାର ଡିଫେନ୍ସ ଗନ୍ କିଣିବା ପାଇଁ ଏଡବ୍ଲୁଇଆଇଏଲ୍‌କୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ୩୦ଏମ୍ଏମ୍ ମଲ୍ଟିବ୍ୟାରେଲ୍ ମୋବାଇଲ୍ ଏୟାର ଡିଫେନ୍ସ ଗନ୍ ସିଷ୍ଟମ୍ ରହିଛି, ଯାହାର ଫାୟାରିଂ ହାର ବହୁ ଅଧିକ। ଏହା ଶତ୍ରୁପକ୍ଷରୁ ମାନବବିହୀନ ବାୟୁଯାନ, ରକେଟ, କମାଣ ଓ ମୋର୍ଟାରକୁ ପ୍ରତିହତ କରିବାରେ ବ୍ୟବହାର କରାଯିବ। ପାକିସ୍ତାନ ସହ ରହିଥିବା ଅନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖାରେ ମୁଖ୍ୟ ଜନବସତି ଅଞ୍ଚଳ ଓ ଧାର୍ମିକ କେନ୍ଦ୍ରଗୁଡ଼ିକର ସୁରକ୍ଷା ପାଇଁ ଏହାକୁ ବ୍ୟବହାର କରାଯିବ ବୋଲି ଜଣେ ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ଏକ ଟ୍ରେଲରରେ ସ୍ଥାପନ ହେବାକୁ ଥିବା ଏହି ଗନ୍ ସିଷ୍ଟମ୍ ୪ କିଲୋମିଟର ରେଞ୍ଜ୍ ପର୍ଯ୍ୟନ୍ତ ଟାର୍ଗେଟ କରିପାରିବ ଏବଂ ମିନିଟ୍ ପ୍ରତି ୩,୦୦୦ ରାଉଣ୍ଡ ଫାୟାରିଂ କରିବ। ଇଲେକ୍ଟ୍ରୋ-ଅପ୍ଟିକାଲ ଫାୟାର କଣ୍ଟ୍ରୋଲ ସିଷ୍ଟମ୍ ଜରିଆରେ ଏହା ଶତ୍ରୁପକ୍ଷର ଡ୍ରୋନ୍ ଓ ମିଶାଇଲ୍‌କୁ ଚିହ୍ନଟ କରି ଏହାକୁ ପ୍ରତିହତ କରିବ।

# ୟୁକ୍ରେନ୍ ରେଳଷ୍ଟେଶନରେ ରୁଷିଆର ଆକ୍ରମଣ: ୩୦ ମୃତ

**କିଭ୍,୪।୧୦**

ୟୁକ୍ରେନ୍‌ର ସୁମି ଅଞ୍ଚଳରେ ଥିବା ଏକ ରେଳଷ୍ଟେଶନ ଉପରେ ଶନିବାର ରୁଷିଆ ଡ୍ରୋନ୍ ଆକ୍ରମଣ କରିବାରୁ ଅନ୍ୟୂନ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏଭଳି ଏୟାରଷ୍ଟ୍ରାଇକ୍‌କୁ ବର୍ବରତା ବୋଲି କହିଛନ୍ତି। ରେଳଷ୍ଟେଶନ ଏବଂ ଶୋସ୍ତକାରୁ କିଭ୍ ଯାଉଥିବା ଟ୍ରେନ୍‌କୁ ଟାର୍ଗେଟ କରି ରୁଷିଆ ଆକ୍ରମଣ କରିଥିଲା। ଏଥିରେ ଯାତ୍ରୀବାହୀ ଟ୍ରେନ୍‌ର କେତେକ ବଗି ଜଳିଯାଇଛି। ଶୁକ୍ରବାର ରାତିରୁ ୟୁକ୍ରେନ୍‌ର ପାୱାର ଗ୍ରୀଡ୍ ଉପରେ ରୁଷିଆ ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ ଜାରି ରଖିଛି। ଏହାର ଦିନକ ପୂର୍ବରୁ ୟୁକ୍ରେନ୍‌ର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ ଫାସିଲିଟି ଉପରେ ମସ୍କୋ ସର୍ବବୃହତ୍ ଆକ୍ରମଣ କରିଥିଲା। ଚେର୍ନିହିଭ୍ ନିକଟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହେବା ସହ ପ୍ରାୟ ୫୦ ହଜାର ପରିବାର ଅନ୍ଧାରରେ ରହିଛନ୍ତି।

# ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା

**ଡଲାସ, ୪।୧୦**

ଆମେରିକାର ଟେକ୍ସାସ୍ ରାଜ୍ୟ ଡଲାସ ସହରର ଏକ ଗ୍ୟାସ୍ ଷ୍ଟେଶନରେ କାର୍ଯ୍ୟରତ ଭାରତୀୟ ଛାତ୍ର ଚନ୍ଦ୍ରଶେଖର ପୋଲ (୨୮)ଙ୍କୁ ଶୁକ୍ରବାର ରାତିରେ ଜଣେ ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ହାଇଦ୍ରାବାଦର ଚନ୍ଦ୍ରଶେଖର ଭାରତରେ ଡେଣ୍ଟାଲ ସର୍ଜରିରେ ଗ୍ରାଜୁଏଶନ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ। ନିକଟରେ ସେ ଆମେରିକାରେ ନିଜ ମାଷ୍ଟର ଡିଗ୍ରୀ ପୂରା କରି ଏକ ପେଟ୍ରୋଲ ପମ୍ପରେ ପାର୍ଟଟାଇମ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଚନ୍ଦ୍ରଶେଖରଙ୍କ ମୃତଦେହକୁ ଆମେରିକାରୁ ହାଇଦ୍ରାବାଦ ଆଣିବା ପାଇଁ ତାଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ ସୁଧୀର ରେଡ୍ଡୀ ଶନିବାର ଚନ୍ଦ୍ରଶେଖରଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।


# Classified Everyday
0674-2580101, 9692975378


MATRIMONIAL
GROOM WANTED

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

ବୟସ 28, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2179

Govt, ଚାକିରିଆ 58 ବୟସ୍କା, ଜାତିରେ Brahmin Unmrd ଏକାକୀ ରହୁଥିବା ଝିଅଙ୍କୁ Anycasteର ବରପାତ୍ର ଆବଶ୍ୟକ। 7873141286. D-2178

Beautiful Khandayat girl 24+ 5'5" MBA (Hyderabad) serving Tech Mahindra Hyderabad"Sunasansar" 9937512659. D-2188

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


REAL ESTATE
SALE

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

Car washing Centre available on lease, Maruti Gypsy King, steel body for sale. Nayapali, Bhubaneswar. Contact No.- 9437637168. D-2184




The massage felt totally professional & comfortable at all times-7978109255. D-76495

LOST

ମୁଁ କ୍ଷମା ତରଙ୍ଗିନୀ ପୁହାଣ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଟେ। ମୋର ରୋଲ ନଂ- 11 D IS074 ବର୍ଷ 2014 ର ଛାତ୍ରୀ ଅଟେ। ମୋର ମୂଳ ଟିସି ଓ ଆଚରଣ ପ୍ରମାଣ ପତ୍ର ଯାହା ଉଇ ଦ୍ୱାରା ନଷ୍ଟ ହୋଇଯାଇଅଛି। ଧ-2187

AFFIDAVIT

I, Mitali Adhaikalam, W/o- Issac Selvom Adhaikalam, resident of Ainthapali, P.O./P.S.- Ainthapali, Dist.- Sambalpur- 768004, Odisha declare by this affidavit No.- 1344 date 25.08.2025 that now onwards I shall be known as Mitali Adaikalam, W/o- Issac Selvom Adaikalam for all future purposes. D-2181

By virtue of an affidavit sworn before the Executive Magistrate, Balangir, No.- 2185 date- 22.9.25, I, Hemraj Agrawal, R/o. At- Nirmala Sharee Centre, In front of Samaleswari Temple, Balangir, P.O./P.S./ Dist.- Balangir- 767001 (Odisha) declare that, I have changed my name from Hemaraj Agrawal to Hemraj Agrawal. Henceforth I shall be known as Hemraj Agrawal for all purposes.
Hemraj Agrawal
D-2182

By virtue of an affidavit sworn before the Executive Magistrate, Boudh, No.- 1384, date- 03/10/25. I, Susanta Naik, R/o- Village/P.O.- Butupali, P.S./Dist.- Boudh, Odisha, PIN- 762014, declare that I have changed my son's name from ADARSHA NAIK to ADARSH NAIK. Henceforth he shall be known as ADARSH NAIK for all purposes.
Susanta Naik
D-2183

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ କୁନ୍ତଳା ବେହେରା**
ସ୍ୱାମୀ - ସ୍ୱ ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୮୫

**ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରୀତା ମହାନ୍ତି**
ମଙ୍ଗଳପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୦୪।୧୯୫୮
ତିରୋଧାନ: ୨୨।୦୯।୨୦୨୫
ମା' ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୋ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ମୁନ୍ନ, ବାପି, ସୋନୁ, ପୁତ୍ରବଧୂ- ଲିଟିଲ, ମଧୁ, ଝିଅ- ରୋଜି, ଲିମା, ରିମା, ସୀମା, ନାତି ଓ ନାତୁଣୀ ଯଥା କ୍ରିଷ୍ଣାକ୍ଷୀ, କ୍ରିଷାଙ୍ଗ, କାବ୍ୟା ଓ କାମ୍ୟା।
ଧ-୨୧୮୬

# ଇମୋଶନାଲ ଇଟିଂ

**ସାଧାରଣତଃ ମଣିଷ ଭୋକ ହେଲେ ଖାଦ୍ୟ ଖାଇଥାଏ। ହେଲେ ଯେବେ ମଣିଷର ମନ କୌଣସି କାରଣରୁ ଭାରାକ୍ରାନ୍ତ ଥାଏ ଅବା ଅବସାଦଗ୍ରସ୍ତ ଥାଏ, ତେବେ ଏହାକୁ ଶାନ୍ତ କରିବା ଲାଗି କେବେକେବେ ମନ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିଥାଏ। ଡାକ୍ତରୀ ଭାଷାରେ ଏହାକୁ ଇମୋଶନାଲ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଏ। ଯଥା ସମୟରେ ଏହି ଇଚ୍ଛାକୁ ନିୟନ୍ତ୍ରଣ କରା ନ ଗଲେ ଏହା ଅନ୍ୟ ଶାରୀରିକ ସମସ୍ୟାର କାରଣ ସାଜିପାରେ...**



କେବେ ପାଠପଢ଼ା ତ ଆଉ କେବେ ଚାକିରି, ପରିବାର କିମ୍ବା ପ୍ରେମ ବ୍ୟାପାରକୁ ନେଇ ଅନେକ ଯୁବତୀଯୁବକଙ୍କଠାରେ ଟେନ୍‌ଶନ୍, ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ମାନସିକ ସ୍ଥିତି ଦେଖିବାକୁ ମିଳିଥାଏ। ଯେଉଁଥିରୁ ମୁକୁଳିବା ଲାଗି ଅନେକେ ଗୀତ ଶୁଣିବା, ମୁଭି ଦେଖିବା, ବୁଲିବାକୁ ଯିବା, ଗଛ ଲଗାଇବା, ଗପ କିମ୍ବା ଆଧ୍ୟାତ୍ମିକ ବହି ପଢ଼ିବା ଭଳି ବିଭିନ୍ନ ଷ୍ଟ୍ରେସ୍ ଫ୍ରି ଥେରାପି ଆପଣାଇଥା'ନ୍ତି। ହେଲେ ଏମିତିବି ଅନେକେ ଅଛନ୍ତି, ଯେଉଁମାନଙ୍କ ମସ୍ତିଷ୍କ ଏଭଳି ସ୍ଥିତି ବା ନକାରାତ୍ମକ ଭାବନା ଦୂରେଇବା ଲାଗି ବିଭିନ୍ନ ପ୍ରକାରର ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା– ପେଷ୍ଟ୍ରୀ, ଆଇସ୍‌କ୍ରିମ୍, ମିଠା, ଚକୋଲେଟ୍, ଚିପ୍ସ କିମ୍ବା ଅନ୍ୟ ଜଙ୍କ୍ ଫୁଡ୍ ଖାଇବାର ଇଚ୍ଛା ପ୍ରକାଶ କରିଥାଏ। କେବେକେବେ ବହୁବାର ଚା କିମ୍ବା କଫି ପିଇବା ଦ୍ୱାରା ବି ସେମାନେ ରିଲାକ୍ସ ଫିଲ୍ କରିଥା'ନ୍ତି। ହେଲେ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟପେୟ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ମାନସିକ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ଯାହାକୁ ଇମୋଶନାଲ୍ ଇଟିଂ ବା ଷ୍ଟ୍ରେସ୍ ଇଟିଂ ବୋଲି କୁହାଯାଇଥାଏ।

**ଉପୁଜାଏ ସ୍ୱାସ୍ଥ୍ୟ ସମସ୍ୟା:** ଷ୍ଟ୍ରେସ୍ ଥିବା ବେଳେ ମନକୁ ହାଲୁକା କରିବା ଲାଗି ଖାଉଥିବା ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ। ଏଭଳି ଖାଦ୍ୟରେ ଥିବା ଅଧିକ ଲୁଣ, ତେଲ, ମସଲା ଏବଂ ଫ୍ୟାଟ୍ ଶରୀରରେ ସୁଗାର୍, କୋଲେଷ୍ଟରଲ୍ ଏବଂ ବ୍ଲଡ୍‌ପ୍ରେସର ବଢ଼ାଇଥାଏ, ଯାହାକି ଧୀରେ ଧୀରେ ଅନ୍ୟାନ୍ୟ ଶାରୀରକ ସମସ୍ୟାର କାରଣ ସାଜିଥାଏ।

**ହର୍ମୋନାଲ୍ ପ୍ରଭାବ:** ଷ୍ଟ୍ରେସ୍ ଏବଂ କ୍ରେଭିଙ୍ଗ୍ ବା ଚିନ୍ତାରେ ଥିବା ବେଳେ ଏଭଳି ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବା ମଧ୍ୟ ହର୍‌ମୋନ୍ ଅସନ୍ତୁଳନ କାରଣରୁ ହୋଇଥାଏ। କାରଣ ମଣିଷ ଯେତେବେଳେ ମାନସିକ ଚାପରେ ଥାଏ, ଶରୀରରେ କର୍ଟିସୋଲ୍ ନାମକ ଷ୍ଟ୍ରେସ୍ ହର୍‌ମୋନ ସ୍ତର ବୃଦ୍ଧି ପାଇଥାଏ। ଏହି ହର୍‌ମୋନ ଶରୀରରେ ଫାଇଟ୍ ମୋଡ୍ ସକ୍ରିୟ କରିଦିଏ। ମସ୍ତିଷ୍କ ଏହି ବିପଦର ସଂକେତ ପଠାଇବା ମାତ୍ରେ ଶରୀରକୁ ଏହା ସହ ଲଢ଼ିବାର କ୍ଷମତାକୁ ସକ୍ରିୟ କରିବା ଲାଗି ତତ୍‌କ୍ଷଣାତ୍ ଉର୍ଜା ଆବଶ୍ୟକ କରିଥାଏ। ତୁରନ୍ତ ଏହି ଉର୍ଜା ପାଇବା ଲାଗି ମସ୍ତିଷ୍କ ଏଭଳି ହାଇ କ୍ୟାଲୋରିଯୁକ୍ତ ଖାଦ୍ୟର ଡିମାଣ୍ଡ କରିଥାଏ, ଯାହାକୁ ଖାଇବା ପରେ ମସ୍ତିଷ୍କରେ ସେରୋଟୋନିନ୍ ନାମକ ହର୍‌ମୋନ୍‌ର ସ୍ତର ଅସ୍ଥାୟୀ ରୂପେ ବୃଦ୍ଧି ପାଇଥାଏ ; ଯାହାକୁ ଫିଲ୍ ଗୁଡ୍ ହର୍‌ମୋନ୍ ବୋଲି କୁହାଯାଇଥାଏ। ଏହାଦ୍ୱାରା ମନ ତୁରନ୍ତ ଷ୍ଟ୍ରେସ୍ ଫ୍ରି ଅନୁଭବ କରିଥାଏ। ଆଉ ଏହିସବୁ ମସ୍ତିଷ୍କ ମନେରଖିଦିଏ ଏବଂ ପରବର୍ତ୍ତୀ ସମୟରେ ପୁନର୍ବାର ଷ୍ଟ୍ରେସ୍ ଆସିଲେ ଫିଲ୍–ଗୁଡ୍ ବା ରିଲାକ୍ସ ଫିଲ୍ କରିବା ଲାଗି ଏଭଳି ଖାଦ୍ୟର ଡିମାଣ୍ଡ କରିଥାଏ।





**କିପରି ଚିହ୍ନିବେ:** ଭୋକ ଲାଗିବାବେଳେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଏଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଛି ନା ଭାରାକ୍ରାନ୍ତ ମନକୁ ରିଲାକ୍ସ କରିବା ଲାଗି ମସ୍ତିଷ୍କ ଏଭଳି ଖାଦ୍ୟର ଡିମାଣ୍ଡ କରୁଛି, ଏହା ମଧ୍ୟରେ ଥିବା ପାର୍ଥକ୍ୟ ଚିହ୍ନିବାକୁ ଚେଷ୍ଟା କରନ୍ତୁ।

– ପେଟର ଭୋକ ବା ଶାରୀରିକ ଭୋକ ଧୀରେ ଧୀରେ ବଢ଼ିଥାଏ ଏବଂ ଯେକୌଣସି ପୌଷ୍ଟିକ ଖାଦ୍ୟ ଖାଇବା ଦ୍ୱାରା ଏହା ଶାନ୍ତ ହୋଇଯାଏ। ଥରେ ପେଟ ଭରିଗଲେ ଆଉ ଖାଇବାକୁ ଇଚ୍ଛା ହୁଏ ନାହିଁ କିମ୍ବା ଖାଇବା ପରେ ଏହା କାହିଁକି ଖାଇଲି ଭଳି ଅପରାଧ ବୋଧ ଅନୁଭବ ହୁଏ ନାହିଁ।

– ହେଲେ ଅପରପକ୍ଷେ ଭାବନାତ୍ମକ ଭୋକ ବା ଇମୋଶନାଲ୍ ଇଟିଂ କ୍ରେଭିଙ୍ଗ୍ ହଠାତ୍ ଖୁବ୍ ଜୋର୍‌ରେ ବଢ଼ିଥାଏ ଏବଂ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାର ଇଚ୍ଛାକୁ ତୀବ୍ର କରିଥାଏ, ଯାହାକି ପେଟ ଭରିଯିବା ପରେ ମଧ୍ୟ ଶାନ୍ତ ହୋଇ ନ ଥାଏ ଏବଂ ଅଜାଣତରେ ଅଧିକରୁ ଅଧିକ ଖାଇ ହୋଇଯାଏ। ପରେ ଯେବେ ଜାଣିହୁଏ ଏତେ କାହିଁକି ଖାଇଲି, ଏଭଳି ଖାଦ୍ୟ ଅଧିକ ଖାଇବାର ନ ଥିଲା ଭଳି ଭାବନା ଯୋଗୁ ନିଜକୁ ଖରାପ ଲାଗିଥାଏ।

**କିପରି ଦୂରାଇବେ:** କେଉଁ ଭାବନା ନିଜକୁ ଏଭଳି ଖାଦ୍ୟ ପ୍ରତି ପ୍ରେରିତ କରୁଛି, ତାହା ପ୍ରଥମେ ନିଜେ ଜାଣିବାକୁ ଚେଷ୍ଟା କରନ୍ତୁ। ଯେବେ କୌଣସି କାରଣ ପାଇଁ ଚିନ୍ତିତ ଅଛନ୍ତି ଅବା ମନ ଅବସାଦଗ୍ରସ୍ତ ଅଛନ୍ତି ଏବଂ ସେ ସମୟରେ କିଛି ଖାଇବାକୁ ଇଚ୍ଛା ହେଉଛି, ତେବେ ନ ଖାଇ କିଛି ସମୟ ବୁଲାବୁଲି କରନ୍ତୁ, ମ୍ୟୁଜିକ୍ ଶୁଣନ୍ତୁ, ସାଙ୍ଗସାଥୀଙ୍କ ସହ କଥା ହୁଅନ୍ତୁ। ଘରେ ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ ରଖନ୍ତୁ ନାହିଁ। ରାତିରେ ଅଧିକ ସମୟ ଚେଇଁ ରହିବା ଏବଂ ଷ୍ଟ୍ରେସ୍ ଫ୍ରି ଫିଲ୍ କରିବା ଲାଗି ଚିପ୍ସ ଆଦି ଖାଇବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ। କେଉଁ କଥା ପାଇଁ ଆପଣ ଚିନ୍ତିତ ରହୁଛନ୍ତି ତା'କୁ ଜାଣନ୍ତୁ ଏବଂ ଖାଦ୍ୟ ଦ୍ୱାରା କିଛି ସମୟ ପାଇଁ ଅସ୍ଥାୟୀ ଭାବେ ଏହି ଭାବନା ଦୂରେଇବା ବଦଳରେ ତାହାର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଅତି କମ୍‌ରେ ୭–୮ ଘଣ୍ଟା ଶୁଅନ୍ତୁ। ମାନସିକ ଚିନ୍ତା, ଅବସାଦ ଆଦି ଠାରୁ ଦୂରେଇ ରହିବା ଲାଗି ଯୋଗ, ପ୍ରାଣାୟାମ, ଧ୍ୟାନ ଆଦି ସବୁଠୁ ଭଲ ମାଧ୍ୟମ। ତେଣୁ ପ୍ରତିଦିନ ଯୋଗ ବ୍ୟାୟାମ କରନ୍ତୁ, ଯାହାକି ଆପଣଙ୍କ ଷ୍ଟ୍ରେସ୍ ହର୍‌ମୋନ ନିୟନ୍ତ୍ରଣ କରିବା ସହ ଇମୋଶନାଲ୍ ଇଟିଂ ଇଚ୍ଛାକୁ କମ୍ କରିବ।



## ଏ ସପ୍ତାହର ପ୍ରଶ୍ନ ?

୧– ନିକଟରେ ଆଗ୍ନେୟ ଉଦ୍‌ଗିରଣ ପାଇଁ ଚର୍ଚ୍ଚାରେ ଥିବା ବ୍ୟାରେନ୍ ଆଇସ୍‌ଲାଣ୍ଡ .......... ସମୁଦ୍ରରେ ଅବସ୍ଥିତ ?

୨– ଆଦି ଯୁବ ଫେଲୋଶିପ୍ ଏବଂ ଆଦି କର୍ମଜୀବୀ ଭଲ୍ୟୁଣ୍ଟିଅର୍ସ ପ୍ରୋଗ୍ରାମ୍ ............ ପକ୍ଷରୁ ଆରମ୍ଭ କରାଯାଇଛି ?

୩– ପୃଥିବୀର ସବୁଠୁ ବଡ଼ ସରକାରଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଉଥିବା ହେଲ୍‌ଥ ଇନସ୍ୟୁରାନ୍ସ ସ୍କିମ୍ ............... ?

୪– ବିଦେଶରୁ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଟ୍ୟାଲେଣ୍ଟଙ୍କୁ ଆକୃଷ୍ଟ କରିବା ଲାଗି ........... ଦେଶ 'କେ ଭିଜା' ନାମକ ଏକ ସ୍ୱତନ୍ତ୍ର ଭିଜା ଆରମ୍ଭ କରିଛି ?

୫– .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ ମେରିଟାଇମ୍ ହେରିଟେଜ୍ କମ୍ପ୍ଲେକ୍ସ

୨ ଇଣ୍ଡିଆନ୍ ନାଭାଲ୍ ଏୟାର ଷ୍ଟେଶନ୍

୩ ଇଣ୍ଡୋନେସିଆ

୪ ବାଲ୍‌ଟିକ୍ ସି

୫ ଚାଇନା

## ଉତ୍ତର ଦାତା



ପ୍ରଦୀପ କୁମାର ନାଏକ, ବଲାଙ୍ଗୀର



ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ଦାମୀ ପାଣି ବୋତଲ



୧ ........ ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି
୨ ........ ଫିଲିକୋ ଜୁଏଲେରି ୱାଟର
୩ ........ ବେଭର୍ଲୀ ହିଲ୍ସ 90H2O ଡାଇମଣ୍ଡ ଏଡିଶନ୍
୪ ........ ବ୍ଲିଙ୍ଗ୍ H2O
୫ ........ ସାଲ୍‌ବାରୋଇ ପୋଲାର ଆଇସ୍‌ବର୍ଗ ୱାଟର
୬ ........ ଓ ଆମାଜନ୍
୭ ........ ଉସ୍‌ଜେ ସୋର୍ସ
୮ ........ ମାଇନସ୍ ୧୮୧
୯ ........ ବର୍ଗ
୧୦ ........ ବିଏଲ୍‌ଭିଡି

## ଯୁବ ପ୍ରତିଭା: ପାଠ ସହିତ ଖେଳ ଓ ଗୀତରେ ମାହିର ବିଷ୍ଣୁପ୍ରିୟା

ବେଶଭୂଷା ପରିପାଟୀରେ ପୁଅଙ୍କ ପରି ଦିଶୁଥିଲେ ହେଁ କଣ୍ଠରୁ ଶୁଭେ ସୁଲଳିତ ସ୍ୱର । କେବଳ ସଙ୍ଗୀତ ନୁହେଁ, ଖେଳ ସହିତ ପାଠରେ ମଧ୍ୟ ସେ ବେଶ୍ ଆଗୁଆ । ଝିଅମାନେ ସମସ୍ତେ ସ୍କୁଟି ଚଳାଇ ପାରିବେ, କିନ୍ତୁ ବାଇକ୍ ଚଳାଇବାର ମଜା କିଛି ନିଆରା ବୋଲି କହୁଥିବା ଯୁବତୀ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିଆ ଅଞ୍ଚଳର ଗୀତାରାଣୀ ଓ ଗୋପାଳ ପ୍ରସାଦ ସାହୁଙ୍କ ବଡ଼ଝିଅ ବିଷ୍ଣୁପ୍ରିୟା ।

ଉଭୟ ମା' ଓ ବାପା ପେସାରେ ଶିକ୍ଷକ। ପିଲାବେଳୁ ବିଷ୍ଣୁପ୍ରିୟାଙ୍କ ଗୀତ ଗାଇବା ପ୍ରତି ଆଗ୍ରହ ଦେଖି ସେମାନେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ପଞ୍ଚମ ଶ୍ରେଣୀରୁ ବିଷ୍ଣୁପ୍ରିୟା ବିଭିନ୍ନ ମଞ୍ଚରେ ଗୀତ ଗାଇବା ଆରମ୍ଭ କରିଥିଲେ । ନିଜ ଆଖପାଖରେ ଅନୁଷ୍ଠିତ ଉତ୍ସବରେ ଗୀତ ଗାଇବା ପାଇଁ ମା' ତାଙ୍କୁ ସାଙ୍ଗରେ ନେଇଯାଉଥିଲେ । ପରେ ଲୋକମାନଙ୍କ ପ୍ରଶଂସା ତାଙ୍କୁ ଗାଇବାର ପ୍ରେରଣା ଯୋଗାଇଥିଲା। ୨୦୨୪ରେ ସିମୁଳିଆ କଲେଜରୁ ଯୁକ୍ତତିନି ପାସ୍ କରିବା ପରେ ସେ ଏବେ ଶିକ୍ଷକତା କରିବା ପାଇଁ ତୁଡିଗଡିଆ ସିଟି ସ୍କୁଲରେ ପାଠ ପଢୁଛନ୍ତି। ଶିକ୍ଷକତାକୁ ଜୀବନର ବ୍ରତ ରଖିଥିବା ବେଳେ ସିନେମାରେ ପ୍ଲେ ବ୍ୟାକ୍ ସିଙ୍ଗର ହେବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି। ମା' ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ହୋଇଥିବା ବେଳେ କଣ୍ଠଶିଳ୍ପୀ ସ୍ନେହଲତା ବେହେରାଙ୍କଠାରୁ ସେ ସଙ୍ଗୀତ ଶିକ୍ଷା କରୁଛନ୍ତି। ରକ୍ ପ୍ୟାଟର୍ନ ସଙ୍ଗ୍‌କୁ ଅଧିକ ଭଲ ପାଉଥିବା ବିଷ୍ଣୁପ୍ରିୟା ସିମୁଳିଆ ଓ ସୋର ମହୋତ୍ସବ ସମେତ ଜି–ସାର୍ଥକ ସିଜିନ ଫୋର୍ 'ମୁଁ ବି ନମିତା ଅଗ୍ରୱାଲ ହେବି'ରେ ଦ୍ୱିତୀୟ ବିଜେତା, ତରଙ୍ଗରେ ପ୍ରସାରିତ ଆମ ଗାଁର ସ୍ୱରରେ ବିଜେତା ମଧ୍ୟ ହୋଇ ପାରିଛନ୍ତି। ସେ ଜି–ସାର୍ଥକରେ ପ୍ରସାରିତ ସାରେଗାମାପା ଲିଟିଲ ଚାମ୍ପସ ଏବଂ ଭଏସ୍ ଅଫ୍ ଓଡ଼ିଶା ଜୁନିୟର ବିଭାଗରେ ନିଜର କଣ୍ଠସ୍ୱରରେ ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ତେବେ କେବଳ ଏତିକି ନୁହେଁ, ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ଶହେରୁ ଉର୍ଦ୍ଧ୍ୱ ସାର୍ଟିଫିକେଟ୍ ଏବଂ ପୁରସ୍କାର ପାଇଛନ୍ତି। ଅଭିନେତା ତଥା କଣ୍ଠଶିଳ୍ପୀ ବାବୁସାନ ମହାନ୍ତି ଏବଂ ନମିତା ଅଗ୍ରୱାଲଙ୍କୁ ସେ ନିଜର ପସନ୍ଦର କଣ୍ଠଶିଳ୍ପୀ ରୂପେ ମାନନ୍ତି। ସେ କେବଳ ସଂଗୀତ କ୍ଷେତ୍ରରେ ନୁହେଁ, କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିସାରିଛନ୍ତି ଏବଂ ଜଣେ ମେଧାବୀ ଛାତ୍ରୀ ମଧ୍ୟ। ସେ ଜିଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତେବେ ଅନ୍ୟମାନଙ୍କଠାରୁ ଡିଫରେଣ୍ଟ ଦେଖାଯିବା ଆଳରେ ସର୍ବଦା ପୁଅ ପିଲାଙ୍କ ପରି ହେୟାର ଷ୍ଟାଇଲ ଓ ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଗୀତ ସୃଷ୍ଟି ହେବା ଆବଶ୍ୟକ ଓ ସଂଗୀତ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ଲାଗି ଅନେକ ସୁଯୋଗ ରହିଥିବାରୁ ଏଥିପ୍ରତି ଆଗ୍ରହୀ ପିଲାମାନେ ଛୋଟବେଳୁ ସଙ୍ଗୀତ ସାଧନା କଲେ ଏ କ୍ଷେତ୍ରରେ ବହୁତ ଆଗକୁ ଯାଇପାରିବେ ବୋଲି ସେ ମତବ୍ୟକ୍ତ କରନ୍ତି।



– **ସନ୍ତୋଷ ନାୟକ**

## ଜାଣନ୍ତୁ ଦୁନିଆ

# କରଣୀ ମାତା ମନ୍ଦିର

**ଭାରତରେ ଥିବା ବିଭିନ୍ନ ମନ୍ଦିର ଓ ଧାର୍ମିକସ୍ଥଳ ପଛରେ ଅନେକ ଚମତ୍କାରୀ କଥା ଏବଂ ପରମ୍ପରା ଲୁଚି ରହିଛି। ରାଜସ୍ଥାନର ବିକାନେର୍ ଜିଲାରେ ଥିବା କରଣୀ ମାତା ମନ୍ଦିର ମଧ୍ୟ ଏଭଳି କିଛି ନିଆରା ମାନ୍ୟତାକୁ ନେଇ ପୃଥିବୀ ପ୍ରସିଦ୍ଧ। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**



❖ଏହି ମନ୍ଦିର କରଣୀ ମାତାଙ୍କୁ ସମର୍ପିତ। କୁହାଯାଏ, ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ କରଣୀ ମାତା ନାମକ ଜଣେ ସନ୍ଥ ଥିଲେ ; ଯାହାଙ୍କୁ ମା' ଦୁର୍ଗାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ସେ ଜଣେ ତପସ୍ୱିନୀ ଭାବେ ଜୀବନ ବିତାଉଥିଲେ ଏବଂ ତାଙ୍କ ପାଖରେ ଅନେକ ଚମତ୍କାରୀ ଶକ୍ତି ଥିଲା। ତେଣୁ ସେବେଠୁ ତାଙ୍କୁ ମା'ଙ୍କ ଅବତାର ଭାବେ ପୂଜା କରାଯାଉଛି।

❖ଏହି ମନ୍ଦିରରେ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ମୂଷା ଅଛନ୍ତି, ଯାହାଙ୍କୁ ସ୍ଥାନୀୟ ଭାଷାରେ କାବା କୁହାଯାଏ। ମନ୍ଦିର ପରିସରରେ ଏମାନେ ସ୍ୱତନ୍ତ୍ର ଭାବେ ବୁଲିଥାନ୍ତି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ପାଇଁ ଆସିଲେ ମୂଷାମାନଙ୍କୁ କ୍ଷୀର ଏବଂ ମିଠା ପ୍ରସାଦ ଖାଇବାକୁ ଦେଇଥାନ୍ତି, ଆଉ ସେହି ପ୍ରସାଦକୁ ଖୁବ୍ ପବିତ୍ର ବୋଲି ବିଶ୍ୱାସ କରାଯାଏ।

❖କିମ୍ବଦନ୍ତୀ ଅନୁସାରେ, ସେଠାରେ ଦେଖିବାକୁ ମିଳୁଥିବା ମୂଷାଙ୍କ ଭିତରେ ଥିବା ଧଳା ମୂଷାମାନେ ଅଧିକ ପବିତ୍ର, କାରଣ ଏହାଙ୍କୁ କରଣୀ ମାତାଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ଯଦି କୌଣସି ଶ୍ରଦ୍ଧାଳୁଙ୍କୁ ଧଳା ମୂଷା ଦେଖିବାକୁ ମିଳିଯାଏ, ତେବେ ତାହା ସୌଭାଗ୍ୟର କଥା ହୋଇଥାଏ।

❖ସେଠାରେ ଥିବା ମୂଷାଙ୍କୁ ଜାଣିଶୁଣି କ୍ଷତି ପହଞ୍ଚାଇବା ତ ଦୂରର କଥା ଭୁଲ୍‌ବଶତଃ ଆଘାତ କଲେ ଗମ୍ଭୀର ପାପ ଲାଗେ ବୋଲି ଗ୍ରହଣ କରାଯାଇଥାଏ। ଭୁଲ୍‌ରେ ସୁଦ୍ଧା କୌଣସି ମୂଷାର ମୃତ୍ୟୁ ଯଦି ଭକ୍ତଙ୍କ ଦ୍ୱାରା ହୋଇଯାଏ, ତେବେ ଏହାର ପ୍ରାୟଶ୍ଚିତ୍ତ ନିମନ୍ତେ ମନ୍ଦିରରେ ଏକ ସୁନା ମୂଷା ଦାନ କରିବାକୁ ପଡ଼ିଥାଏ।

❖କୁହାଯାଏ, କରଣୀ ମାତାଙ୍କର ସବା ସାନ ପୁଅ ଲକ୍ଷ୍ମଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ତେଣୁ ସେ ଲକ୍ଷ୍ମଣ ସହିତ ତାଙ୍କ ବଂଶରେ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନେକ ପୁତ୍ରଙ୍କୁ ଜୀବିତ କରିବା ପାଇଁ ଯମରାଜଙ୍କୁ ପ୍ରାଥନା କଲେ। ପ୍ରଥମେ ଯମ ଏକଥାରେ ରାଜି ହୋଇ ନ ଥିଲେ, ହେଲେ ପରବର୍ତ୍ତୀ ସମୟରେ ସେ କରଣୀମାତାଙ୍କୁ ଲକ୍ଷ୍ମଣ ସହ ଅନ୍ୟ ପୁଅମାନଙ୍କୁ ମୂଷା ରୂପରେ ପୁନର୍ଜନ୍ମ ଦେଇଥିଲେ। ସେବେଠୁ ସେହି ମନ୍ଦିରରେ ମୂଷା ରହିଆସୁଛନ୍ତି ଏବଂ ସେମାନଙ୍କର ଖାସ୍ ମହତ୍ତ୍ୱ ବି ରହିଛି।



❖୨୦ ଶତାବ୍ଦୀ ଆରମ୍ଭରେ ବିକାନେରର ମହାରାଜା ଗଙ୍ଗା ସିଂହ ଏହି ମନ୍ଦିର ନିର୍ମାଣ କରାଇଥିଲେ। ଏହାର ଦ୍ୱାରରେ ଚାନ୍ଦିର କବାଟ ଲଗାଯାଇଛି, ଯେଉଁଥିରେ ଦେବୀଙ୍କ ବିଷୟରେ ବିଭିନ୍ନ କଥା ଖୋଦିତ ରହିଛି। ଏହି ମନ୍ଦିରକୁ ଧଳା ମାର୍ବଲରେ ମୋଗଲ୍ ଶୈଳୀରେ ପ୍ରସ୍ତୁତ କରାଯାଇଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୫ ଅକ୍ଟୋବର, ୨୦୨୫ Bhubaneswar, Sunday, 5 October, 2025

# ଭାରତର ଇନିଂସ ବିଜୟ

## ପ୍ରଥମ ଟେଷ୍ଟ: ୩ ଦିନରେ ୱେଷ୍ଟଇଣ୍ଡିଜ ପରାସ୍ତ

## ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ

**ଅହମଦାବାଦ, ୪।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଫେଲ୍ ମାରିଥିବା ୱେଷ୍ଟଇଣ୍ଡିଜକୁ ଭାରତ ଏକ ଇନିଂସ ଓ ୧୪୦ ରନରେ ପରାସ୍ତ କରିଛି। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ରବୀନ୍ଦ୍ର ଜାଡେଜା (୧୦୪* ରନ, ୪/୫୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଭାରତ ଏହି ଟେଷ୍ଟରୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଲାଗି ୧୨ ପଏଣ୍ଟ ହାସଲ କରିଥିବାବେଳେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ତୃତୀୟ ଦିବସ ସକାଳେ ଭାରତ ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୪୮/୫ରେ ହିଁ ଇନିଂସ ଘୋଷଣା କରିଥିଲା। ତେବେ ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪୬ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳର ଇନିଂସ ମାତ୍ର ୪୫.୧ ଓଭର ତିଷ୍ଠି ଥିବାବେଳେ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ୪ଟି, ମହମ୍ମଦ ସିରାଜ ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇ ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟେଷ୍ଟରେ ମୋଟ ୧୭ଟି ଇନିଂସ ବିଜୟ ଦେଖିବାକୁ ମିଳିଛି। ବିଂଶ ଶତାବ୍ଦୀରେ ୱେଷ୍ଟଇଣ୍ଡିଜ ୯ ଥର ଇନିଂସ ବିଜୟୀ ହୋଇଥିବାବେଳେ ଏକବିଂଶ ଶତାବ୍ଦୀରେ ଭାରତ ଅବଶିଷ୍ଟ ୮ ଥର ଯାକ ଇନିଂସ ବିଜୟ ହାସଲ କରିଛି। ଏଥିରୁ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜର ପତନ ସ୍ପଷ୍ଟ ବାରି ହୋଇପଡୁଛି। ଗତ ୧୫ଟି ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨ ଥର ୨୦୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଛି।



ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।



ରବୀନ୍ଦ୍ର ଜାଡେଜା (ଡାହାଣ)ଙ୍କୁ ଅଧିନାୟକ ଶୁବମନ ଗିଲ୍‌ଙ୍କ ବଧେଇ।

ଭାରତ ମାଟିରେ ୱେଷ୍ଟଇଣ୍ଡିଜ ଗତ ୫ଟି ଯାକ ଟେଷ୍ଟରେ ପରାଜିତ ହୋଇଛି। ସବୁଯାକ ମ୍ୟାଚ ତୃତୀୟ ଦିବସରେ ହିଁ ଶେଷ ହୋଇଛି। ଏଥିରୁ ଭାରତ ୪ଟିରେ ଇନିଂସ ବିଜୟ ଏବଂ ଗୋଟିଏରେ ୧୦ ଉଇକେଟରେ ବିଜୟ ହାସଲ କରିଛି।

ଏହାକୁ ମିଶାଇ ଘରୋଇ ମାଟିରେ ଜାଡେଜା ସର୍ବାଧିକ ୧୦ ଥର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନିଲ କୁମ୍ବଲେ ୯ ଏବଂ ବିରାଟ କୋହଲି ଓ ସଚିନ ତେନ୍ଦୁଲକର ୮ ଥର ଲେଖାଏ ଏହି ସଫଳତା ପାଇଛନ୍ତି। ଓଭରଅଲ୍ ସଚିନ ସର୍ବାଧିକ ୧୪ଥର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ରାହୁଲ ଦ୍ରାବିଡ ଓ ଜାଡେଜା ୧୧ଥର ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ କୋହଲି ୧୦ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୪୬/ଅଲ୍‌ଆଉଟ (ଆଲିକ ଆଥାନାଜେ-୩୮, ରବୀନ୍ଦ୍ର ଜାଡେଜା-୪/୫୪, ମହମ୍ମଦ ସିରାଜ-୩/୩୧, କୁଲଦୀପ ଯାଦବ-୨/୨୩, ୱାଶିଂଟନ ସୁନ୍ଦର-୧/୧୮)।

# ଭାରତୀୟ ଦିନିକିଆ ଦଳରେ ବଡ଼ ପରିବର୍ତ୍ତନ

## ଜାଡେଜା ବାଦ୍, ନଜରରେ ରୋହିତ-କୋହଲି

**ଅହମଦାବାଦ,୪।୧୦(ପି.ଟି.)**

ଯୁବ ବ୍ୟାଟର ଶୁବମନ ଗିଲ୍ ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ନେଇଛନ୍ତି। ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଉଭୟ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟରଙ୍କୁ ଦିନିକିଆ ଦଳର ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ରୋହିତ ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଦୁଇ ଷ୍ଟାର ବ୍ୟାଟର ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କୁ ଦିନିକିଆ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିବା ବେଳେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଭେଟେରାନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦିନିକିଆ ଦଳରୁ ବାଦ୍ ପଡ଼ିଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉଭୟ ଦିନିକିଆ ଓ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ଏହା ବ୍ୟତୀତ ଏସିଆ କପ୍ ଜିତିଥିବା ଟି୨୦ ଦଳରେ ବିଶେଷ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦିନିକିଆ ସିରିଜ୍‌ର ୩ ମ୍ୟାଚ୍ ଯଥାକ୍ରମେ ସିଡ୍‌ନୀ, ଆଡିଲେଡ୍ ଓ ମେଲବୋର୍ନରେ ଖେଳାଯିବ।

### ଭାରତୀୟ ଦିନିକିଆ ଦଳ

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ ଅଧିନାୟକ), ଅକ୍ଷର ପଟେଲ, ଲୋକେଶ ରାହୁଲ (ଉଇକେଟ କିପର), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ (ଉଇକେଟ କିପର), ଯଶସ୍ୱୀ ଜୟସ୍ୱାଲ।



ରୋହିତ ଶର୍ମା ବିରାଟ କୋହଲି

### 'ଜାଡେଜା ଦିନିକିଆ ଯୋଜନାରେ ଅଛନ୍ତି'

ସ୍ପିନ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଘୋଷିତ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ହେଲେ ସେ ଏବେ ଭାରତୀୟ ଦିନିକିଆ ଦଳର ଯୋଜନାରେ ରହିଥିବା ଏବଂ ତାଙ୍କୁ ଅଷ୍ଟ୍ରେଲିଆର କଣ୍ଡିଶନକୁ ଦୃଷ୍ଟିରେ ରଖି ଦଳରୁ ବାଦ୍ ଦିଆଯାଇଥିବା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର କହିଛନ୍ତି।

ଅଷ୍ଟ୍ରେଲିଆରେ ଚୂଡ଼ାନ୍ତ ଏକାଦଶରେ ଦୁଇ ବାମହାତୀ ସ୍ପିନରଙ୍କୁ ଖେଳାଇବା ଅସମ୍ଭବ। କିନ୍ତୁ ଜାଡେଜା ସମ୍ପୂର୍ଣ୍ଣ ଭାବେ ଦିନିକିଆ ଦଳର ଯୋଜନାରେ ଅଛନ୍ତି। ତାଙ୍କୁ ଦଳରେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ସେ ଚାମ୍ପିୟନ୍ସ ଟ୍ରଫି ଦଳରେ ଥିଲେ। କାରଣ ସେଠାକାର କଣ୍ଡିଶନକୁ ଦେଖି ଆମେ ଅତିରିକ୍ତ ସ୍ପିନରଙ୍କୁ ଦଳରେ ସାମିଲ କରିଥିଲୁ। କିନ୍ତୁ ଅଷ୍ଟ୍ରେଲିଆ ଟୁର ଲାଗି ଦଳରେ ସନ୍ତୁଳନ ରକ୍ଷା କରିବା ପାଇଁ ଆମେ ଦଳରେ କେବଳ ଜଣେ ବାମହାତୀ ସ୍ପିନରଙ୍କୁ ସାମିଲ କରିପାରିବୁ। ଦଳରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି। ମୋ ମତରେ ଭାରତୀୟ ଦଳକୁ ଆଉ ସ୍ପିନରର ଆବଶ୍ୟକତା ନାହିଁ। କିନ୍ତୁ ଜାଡେଜା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ; କାରଣ ସେ ଦଳ ପାଇଁ ପ୍ରତ୍ୟେକ ବିଭାଗରେ ବ୍ୟାଟ, ବଲ ଓ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଅଗରକର ଦଳ ଘୋଷଣା ଲାଗି ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଭାରତୀୟ ଟି୨୦ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍ (ଉପ ଅଧିନାୟକ), ତିଲକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ, ସଞ୍ଜୁ ସାମସନ (ଉଇକେଟ କିପର), ରିଙ୍କୁ ସିଂ ଓ ୱାଶିଂଟନ ସୁନ୍ଦର।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ